ପୁରୀରୁ ପ୍ରକାଶିତ

# ତୀର୍ଥକ୍ଷେତ୍ର

TEERTHKHETRA

ODIA DAILY ଓଡ଼ିଆ ଦୈନିକ ଖବରକାଗଜ

■ RNI Regd. No.- ODIODI/2000/01251
■ Postal Regd.No. - PRI-34/2016-2018
■ E-mail : teerthkhetra@gmail.com



VOL-23 Issue No.-324, Wednesday 27 December 2023 Puri, Rs.3.00 (Page- 08) ୨୩-ବର୍ଷ ସଂଖ୍ୟା-୩୨୪, ବୁଧବାର, ୨୭ ଡିସେମ୍ବର ୨୦୨୩, ପୁରୀ ମୂଲ୍ୟ: ୩.୦୦ (ପୃଷ୍ଠା-୦୮)

## ସରପଂଚଙ୍କୁ ଭିଡ଼ି ଆଣି ମାଡ଼ ମାରିଲେ ଏସ୍‌ଡିଓ



ବଲାଙ୍ଗିର : ୫ଟି ଅଧୀନରେ କାମ ଚାଲିଛି । ହେଲେ ସେଥିରେ ମଧ ନିମ୍ନମାନର କାମ ହେଉଛି । ଯାହାକୁ ବିରୋଧ କରିବାରୁ ସରପଂଚଙ୍କୁ ଘୋଷାରି ଆଣି ମାଡ଼ି ବସି ମାଡ଼ ମାରିଲେ ପୂର୍ତ୍ତ ବିଭାଗର ଏସ୍‌ଡିଓ । ବଲାଙ୍ଗିର ଜିଲ୍ଲାରୁ ଆସିଛି ଏସ୍‌ଡିଓଙ୍କ ଏପରି ଦାଦାଗିରି ଭିଡିଓ । ଯାହା ଏବେ ସୋଶାଲ ମିଡ଼ିଆରେ ଭାଇରାଲ୍ ହେବାରେ ଲାଗିଛି । ଏନେଇ ଉଭୟ ପକ୍ଷ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ବଲାଙ୍ଗିର ଜିଲ୍ଲାର ଅନ୍ୟତମ ଶୈବ ପୀଠ ତଥା ପର୍ଯ୍ୟଟନ ସ୍ଥଳ ହେଉଛି ହରିଶଙ୍କର । ଏହି ପୀଠର ବିକାଶ ପାଇଁ ରାଜ୍ୟ ସରକାର ଅର୍ଥ ଅନୁଦାନ ପ୍ରଦାନ କରିଛନ୍ତି । ୫ଟି ଅଧୀନରେ ପୂର୍ତ୍ତ ବିଭାଗ ନିର୍ମାଣ କାର୍ଯ୍ୟ କରୁଛି । କାମର ତଦାରଖ କରୁଛନ୍ତି ପୂର୍ତ୍ତ ବିଭାଗର ଏସ୍‌ଡିଓ ସିଦ୍ଧାର୍ଥ ଦାସ । ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି । ଯେଉଁଥିପାଇଁ ବିଭାଗ ତରତର ହୋଇ କାମ କରୁଛି । ହରିଶଙ୍କର ପୀଠରେ ହେଉଥିବା କାମ ନିମ୍ନମାର । ବାଲି ଓ ସିମେଂଟ ଭାଗ ମାପରେ ତାଳମେଳ ରହୁନି । ଅଧିକ ବାଲି ବ୍ୟବହାର ହେଉଛି । ଯାହାକୁ ବିରୋଧ କରିଥିଲେ ସ୍ଥାନୀୟ ସରପଂଚ ତଥା ଖପ୍ରାଖୋଲ ବ୍ଲକ୍ ସରପଂଚ ସଂଘ ସଭାପତି ସୁଶୀଲ ଗୁରୁ । ଏଥିରେ ସେଠାରେ ଉପସ୍ଥିତ ଥିବା ପୂର୍ତ୍ତ ବିଭାଗର ଏସ୍‌ଡିଓ ସିଦ୍ଧାର୍ଥ ଦାସ ତାତି ଯାଇଥିଲେ । ତାଙ୍କୁ ଭିଡ଼ି ଆଣି ତଳେ ପକାଇ ମାଡ଼ ମାରିଥିଲେ । ଯାହାର ଭିଡିଓ ଏବେ ସୋଶାଲ ମିଡ଼ିଆରେ ଭାଇରାଲ ହେଉଛି । ଏସ୍‌ଡିଓଙ୍କ ମାଡ଼ ମରା ଭିଡିଓ ଏବେ ମୋବାଇଲ୍‌ରୁ ମୋବାଇଲ୍ ? ଘୂରି ବୁଲୁଛି । ସରପଂଚ ସୁଶୀଲ ଗୁରୁ ଏନେଇ ଖପ୍ରାଖୋଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସେପଟେ ମାମଲା ଭିନ୍ନ ମୋଡ଼ ନେଉଥିବା ଦେଖି ଏସ୍‌ଡିଓ ମଧ୍ୟ ଥାନାରେ ପାଲଟା ଅଭିଯୋଗ କରିଛନ୍ତି । ତାଙ୍କୁ ଆକ୍ରମଣ ହୋଇଥିବା ନେଇ ସେ ଏଫଆଇଆର୍‌ରେ ଦର୍ଶାଇଛନ୍ତି । ଦୁଇ ପକ୍ଷଙ୍କ ଅଭିଯୋଗକୁ ଭିତିକରି ପୁଲିସ ଘଟଣାର ତଦନ୍ତ ଚଳାଇଛି । ଉଭୟଙ୍କୁ ଥାନାକୁ ଡାକି ପଚରାଉଚରା କରିଥିବା ଜଣାପଡ଼ିଛି । ତେବେ ଭାଇରାଲ୍ ହେଉଥିବା ଭିଡିଓ ନେଇ ପୁଲିସ୍ କିଛି କହୁନାହିଁ । ତେବେ ଏଠି ପ୍ରଶ୍ନ ଉଠୁଛି, ସରପଂଚ ସୁଶୀଲ ଗୁରୁ ଯଦି ଏସ୍‌ଡିପିଓଙ୍କୁ ମାଡ଼ ମାରିଥିଲେ, ତାହାହେଲେ ସେ ପ୍ରଥମେ କାହିଁକି ଥାନାରେ ଅଭିଯୋଗ କଲେନାହିଁ । ଏନେଇ ତାଙ୍କ ପାଖରେ କ'ଣ ପ୍ରମାଣ ଅଛି ? ଅନ୍ୟପକ୍ଷରେ ୫ଟି ଅଧୀନରେ କାମ ଚାଲୁଥିବା ବେଳେ ହରିଶଙ୍କର ପରି ଶୈବ ପୀଠରେ କେମିତି ନିମ୍ନମାନର କାମ ହେଉଛି ? ଏହାର ପ୍ରତିବାଦ କରିବା କଣ ଜଣେ ସରପଂଚର କର୍ତବ୍ୟ ନୁହେଁ କି ? ଜଣେ ପ୍ରତିବାଦ କରିବାର ଜବାବ କ'ଣ ମାଡ଼ ଏବେ ଏମିତି ପ୍ରଶ୍ନ ସାଧାରଣରେ ଉଙ୍କି ମାରୁଛି ।

## ରାଉରକେଲାରୁ କୋଲକାତାକୁ ଆରମ୍ଭ ହେବ ବିମାନ ସେବା

ରାଉରକେଲାରୁ କୋଲାକାତା ବିମାନ ଚାଲିବ । ସପ୍ତାହକୁ ୩ଦିନ ଚାଲିବ । ପ୍ରାରମ୍ଭିକ ଭଡ଼ା ୧୯୯୯ଟଙ୍କା ରହିଛି । ରାଜ୍ୟ ସରକାର ଏଥିପାଇଁ ଭାଏବିଲିଟି ଗ୍ୟାପ୍ ଫଣ୍ଡିଂ ମାଧ୍ୟମରେ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ରାଜ୍ୟ ସରକାରଙ୍କ ସହଯୋଗରେ ରାଉରକେଲାରୁ କୋଲକାତାକୁ ବିମାନ ସେବା ଆରମ୍ଭ ହେବ । ମାତ୍ର ଦେଢ଼ଘଂଟା ମଧ୍ୟରେ ଏହି ଗନ୍ତବ୍ୟ ସ୍ଥଳକୁ ଯାଇ ହେବ । ଆଲାଏନ୍ସ ଏୟାର ସହଯୋଗରେ ସପ୍ତାହକୁ ୩ଦିନ ଏହି ଯାତ୍ରୀବାହୀ ବିମାନ ଉଡ଼ାଣ କରିବ । ରାଜ୍ୟ ସରକାର ୩୫ଟି ଆସନ ପାଇଁ ଏହି ଫଣ୍ଡିଂ ବ୍ୟବସ୍ଥା କରିଛନ୍ତି । ମଙ୍ଗଳବାର, ଗୁରୁବାର ଓ ଶନିବାର ଏହି ବିମାନ ଚଳାଚଳ କରିବ । ଏହି ବିମାନ ସେବା ଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାରେ ଶିଳ୍ପ ଓ ପର୍ଯ୍ୟଟନ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ସୃଷ୍ଟି ହୋଇପାରିବ ବୋଲି ସରକାର ଆଶାବାଦୀ ଅଛନ୍ତି ।

## ନୌସେନାର ସାମିଲ ହେଲା ଆଇଏନ୍‌ଏସ୍ ଇମ୍ଫାଲ୍



ନୂଆଦିଲ୍ଲୀ : ଥରହର ହେବ ଶତ୍ରୁପକ୍ଷ । ସାବାଡ଼ ହେବେ ଚୀନ୍-ପାକିସ୍ତାନ । ଭାରତ ମହାସାଗରେ ବଢ଼ିଲା ନୌସେନାର ଶକ୍ତି । ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଷ୍ଟିଲଥ ଗାଇଡେଡ ମିଜାଇଲ ବିଧ୍ୱଂସକ ଯୁଦ୍ଧ ଜାହାଜ ଆଇଏନଏସ ଇମ୍ଫାଲ ନୌସେନାରେ ସାମିଲ ହୋଇଛି । ମୁମ୍ବାଇ ସ୍ଥିତ ନୌସେନାର ଡକୟାର୍ଡରେ ଆୟୋଜିତ ସମାରୋହରେ ଆଇଏନଏସ ଇମ୍ଫାଲକୁ ନୌସେନାରେ ସାମିଲ କରାଯାଇଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଉପସ୍ଥିତିରେ ମଙ୍ଗଳବାର ଏହାକୁ ନୌସେନାରେ ସାମିଲ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିଂ ସିନ୍ଦେ ଓ ନୌସେନାର ବହୁ ବରିଷ୍ଠ ଅଧିକାରୀ ସାମିଲ ହୋଇଥିଲେ । ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ଇମ୍ଫାଲ ହେଉଛି ପ୍ରଥମ ଯୁଦ୍ଧ ଜାହାଜ, ଯାହା ଉତର ପୂର୍ବର ଏକ ସହର ନାମରେ ନାମିତ ହୋଇଛି । ଜଳପଥରେ ଚୀନ ଓ ପାକିସ୍ତାନକୁ କଡ଼ା ଜବାବ ଦେବାକୁ ଆଇଏନଏସ ଇମ୍ଫାଲକୁ ପ୍ରସ୍ତୁତ କରାଯାଇଛି । ଆଇଏନଏସ୍ ଇମ୍ଫାଲ ହେଉଛି ବିଶାଖପଟନମ ଶୈଳୀର ତୃତୀୟ ବିଧ୍ୱସଂକ ଯୁଦ୍ଧ ଜାହାଜ ।

## ବରଗଡ଼ ଗସ୍ତରେ ରାଜ୍ୟପାଳ ରଘୁବର ଦାସ



ବରଗଡ : ରାଜ୍ୟପାଳଙ୍କୁ ଭେଟି ଆଲୋଚନା କରିବା ପାଇଁ ଅଟକି ରଖିଥିଲେ ବରଗଡ଼ ଜିଲ୍ଲା ଅତାବିରା ଅଂଚଳ ଚାଷୀ । ରାଜ୍ୟପାଳଙ୍କୁ ଭେଟିବା ପାଇଁ କିଛି ଚାଷୀ ପ୍ରଶାସନକୁ ଅନୁରୋଧ ମଧ୍ୟ କରିଥିଲେ । ହେଲେ କୌଣସି କାରଣରୁ ରାଜ୍ୟପାଳଙ୍କୁ ଭେଟିବାକୁ ମନା କରିଦେଇଥିଲା ପ୍ରଶାସନ । ତେବେ ରାଜ୍ୟପାଳ ଚାଷୀଙ୍କୁ ଦେଖି ଗାଡ଼ି ଅଟକାଇ ନିଜେ ଓହ୍ଲାଇ ଆସି ଚାଷୀଙ୍କୁ ଭେଟିଥିଲେ ଏବଂ ତାଙ୍କ ସହ ଆଲୋଚନା କରିଥିଲେ । ସ୍ଥାନୀୟ ଅଂଚଳରେ ଚାଷ ଓ ଚାଷୀଙ୍କ ସମସ୍ୟା ସମ୍ପର୍କରେ ଚାଷୀଙ୍କ ସହ ରାଜ୍ୟପାଳ ଆଲୋଚନା କରିଥିଲେ । ପରେ ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ଅତାବିରା ଶାଖା ପକ୍ଷରୁ ୨ ଦଫା ଦାବି ପତ୍ର ରାଜ୍ୟପାଳଙ୍କୁ ଦିଆଯାଇଥିଲା । ଚାଷୀଙ୍କ ସମସ୍ୟାକୁ ନେଇ ରାଜ୍ୟ ସରକାର ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ ରାଜ୍ୟପାଳ । ଏପଟେ କୋରାପୁଟ ଜିଲ୍ଲା କୁମୁଲିପୁଟ ମଣ୍ଡିରୁ ସାମ୍ନାକୁ ଆସିଛି ଚାଷୀ ଅସନ୍ତୋଷର ଚିତ୍ର । ଧାନ ସଂଗ୍ରହ ପାଇଁ ମଣ୍ଡି ସିନା ଖୋଲିଲା, ହେଲେ ଧାନ ବିକ୍ରି ହୋଇପାରୁନି । କଟଣି-ଛଟଣିକୁ ନେଇ ମୁହାଁମୁହିଁ ହୋଇଛନ୍ତି ଚାଷୀ ଓ ମିଲର୍ । ଧାନରେ କଟଣି କରିବାକୁ ମିଲ୍ ଅଡ଼ି ବସିବା ଯୋଗୁଁ ଧାନ ବିକ୍ରି କରିବା ବଦଳରେ ଘର ନେବାକୁ ନିଷ୍ପତି ନେଇଛନ୍ତି ଜୟପୁର ଅଂଚଳ ଚାଷୀ । ଏପଟେ ଚାଷୀ ପ୍ରସଙ୍ଗରେ ସରକାରଙ୍କୁ ଟାର୍ଗେଟ୍ କରିଛି କଂଗ୍ରେସ । ସାମ୍ବାଦିକ ସମ୍ମିଳନୀ କରି- ଧାନ କ୍ୱିଂଟାଲ ପିଛା ୬ଶହ ଟଙ୍କା ବୋନସ୍ ଏବଂ ଏମଏସପିର ଆଇନଗତ ଗ୍ୟାରେଂଟି ଦାବି କରିଛି ଦଳ ।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କଲେ ସେବାୟତ



ଭୁବନେଶ୍ୱର: ନବୀନ ନିବାସରେ ଥିଲା ଆଜି ଏକ ଆଧାତ୍ମିକ ପରିବେଶ । ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହେଉଥିଲା ପୂରା ପରିସର । ଶ୍ରୀମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟଗଣ, ବରିଷ୍ଠ ସେବାୟତଗଣ, ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ଅଧିକାରୀ ମାନଙ୍କୁ ନେଇ ଏକ ୫୦ ଜଣିଆ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ପାରମ୍ପରିକ ରୀତିରେ ନିମନ୍ତ୍ରଣ କରିଥିଲେ । ଆଜି ଭୁବନେଶ୍ୱରରେ ପହଂଚି ସେବାୟତ ଓ ଅନ୍ୟମାନେ ପ୍ରଥମେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ନିମନ୍ତ୍ରଣ କରି ନବୀନ ନିବାସକୁ ଆସିଥିଲେ । ନିମନ୍ତ୍ରଣ ପାଇଁ ସେବାୟତମାନଙ୍କୁ ଧନ୍ୟବାଦ ଜଣାଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଗୁଆ ଓ ଚାଉଳ ଅର୍ପଣ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପରିକ୍ରମା ପ୍ରକଳ୍ପ ଆପଣମାନଙ୍କ କାମ । ସେବାୟତ ବନ୍ଧୁ ମାନଙ୍କ କାମ । ପୁରୀ ବାସୀଙ୍କ କାମ ଏହି ପବିତ୍ର କାମ ପାଇଁ ଯାହା ଆବଶ୍ୟକ ସବୁ ସହଯୋଗ ରାଜ୍ୟ ସରକାର ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେବାୟତମାନେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ତଥା ପୁରୀ ସହରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇ କହିଥିଲେ ଯେ "ଆପଣ ଇତିହାସ ରଚିଲେ । ଯୁଗ ଯୁଗ ପାଇଁ ଆପଣଙ୍କ ନାମ ଲିପିବଦ୍ଧ ହୋଇରହିବ ।" ଜଗନ୍ନାଥଙ୍କ ଆଶୀର୍ବାଦ ଆପଣଙ୍କ ଉପରେ ଅଛି ବୋଲି ମତଦେଇ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘ ଜୀବନ କାମନା କରିଥିଲେ । ଆପଣଙ୍କ ନିର୍ଦ୍ଦେଶରେ ୫-ଟି ଅଧ୍ୟକ୍ଷ ଭି କେ ପାଣ୍ଡିଆନ ମଧ୍ୟ ଦିନରାତି ପରିଶ୍ରମ କରି ବହୁତ ଭଲ କାମ କରୁଛନ୍ତି । ସାରା ଓଡିଶାର ରୂପରେଖରେ ପରିବର୍ତନ ଆଣିଛନ୍ତି ବୋଲି ସେମାନେ ଆନନ୍ଦର ସହ ମତବ୍ୟକ୍ତ କରିଥିଲେ । ସେବାୟତ ମାନଙ୍କ ସହିତ ଆଲୋଚନା କରି ୫ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ କହିଲେ ଯେ ପରିକ୍ରମା ପ୍ରକଳ୍ପ ସମ୍ଭବ ହୋଇପାରିଛି ପୁରୀ ବାସୀଙ୍କ ତ୍ୟାଗ ଯୋଗୁଁ. ସେବାୟତମାନଙ୍କ ତ୍ୟାଗ ଯୋଗୁ. ଆପଣମାନଙ୍କ ଅତୁଳନୀୟ ତ୍ୟାଗ ସବୁଦିନ ପାଇଁ ସମସ୍ତେ ଶ୍ରଦ୍ଧା ର ସହ ମନେରଖିବେ ବୋଲି ଶ୍ରୀ ପାଣ୍ଡିଆନ୍ କହିଥିଲେ । ପରିକ୍ରମା ପ୍ରକଳ୍ପ କାମ ସମୟରେ ଅନେକ ବାର ବହୁତ ଅସୁବିଧା କିପରି ମହାପ୍ରଭୁଙ୍କ ଆଶୀର୍ବାଦରେ ଦୂର ହୋଇଛି ଏବଂ କାମ ସବୁ ଭଲ ଭାବରେ ଆଗେଇ ଚାଲିଥିଲା, ସେ ବିଷୟରେ ଶ୍ରୀ ପାଣ୍ଡିଆନ ନିଜ ବ୍ୟକ୍ତିଗତ ଅନୁଭୂତି ବର୍ଣ୍ଣନା କରିଥିଲେ । ପୁରୀ ସହରର ବିକାଶ ପାଇଁ ତଥା ସେବାୟତମାନଙ୍କ କଲ୍ୟାଣ ପାଇଁ ଯାହାକିଛି ଆବଶ୍ୟକ, ମୁଖ୍ୟମନ୍ତ୍ରୀ ସବୁକିଛି କରିବେ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ ସବୁ ସେବାୟତ ମାନଙ୍କୁ ଉପଢୌକନ ଓ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଶ୍ରୀମନ୍ଦିରର ସୁରକ୍ଷା ସହିତ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ଓ ସେମାନଙ୍କ ପାଇଁ ଏକ ଦିବ୍ୟ ଅନୁଭବ ସୃଷ୍ଟି କରିବା ଲକ୍ଷ୍ୟ ନେଇ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଆରମ୍ଭ କରାଯାଇଛି । ୨୦୨୧ ନଭେମ୍ବର ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଜପତି ମହାରାଜ ଦିବ୍ୟସିଂହ ଦେବ, ସାଧୁ ସନ୍ଥ ,ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ତଥା ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଲୋକାର୍ପଣ କାର୍ଯ୍ୟ ମଧ ସେହିପରି ସାଧୁ ସନ୍ଥ ଏବଂ ସବୁ ରାଜନୈତିକ ଦଳ ଓ ସମାଜର ସବୁ ବର୍ଗର ଲୋକଙ୍କୁ ସାମିଲ କରାଯିବ । ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସଂପୂର୍ଣ୍ଣ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ ପ୍ରକଳ୍ପ କାମର ନିୟମିତ ସମୀକ୍ଷା କରୁଛନ୍ତି ।

## ରିଜର୍ଭ ବ୍ୟାଙ୍କ କାର୍ଯ୍ୟାଳୟକୁ ବୋମାରେ ଉଡାଇ ଦେବାକୁ ଧମକ

ନୂଆଦିଲ୍ଲୀ : ଭାରତୀୟ ରିଜର୍ଭ ବ୍ୟାଙ୍କର ମୁମ୍ବାଇ ସ୍ଥିତ କାଯକୁ ବୋମାମାଡ କରି ଉଡାଇ ଦେବାକୁ ଧମକ ମିଳିଛି । ରିଜର୍ଭ ବ୍ୟାଙ୍କର ଗଭର୍ନର ଶକ୍ତିକାନ୍ତ ଦାସ ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଇସ୍ତଫା ଦାବି କରିଛି ଏହି ଅଜଣା ବ୍ୟକ୍ତି । ମୁମ୍ବାଇ ସ୍ଥିତ ଭାରତୀୟ ରିଜର୍ଭ ବ୍ୟାଙ୍କ କାର୍ଯ୍ୟାଳୟକୁ ଇ-ମେଲ ମାଧ୍ୟମରେ ବୋମାମାଡ କରି ଉଡାଇ ଦେବାକୁ ଧମକ ମିଳିଛି । ଆରବିଆଇ କାର୍ଯ୍ୟାଳୟ ବ୍ୟତୀତ ଏଚଡିଏଫସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ ସମେତ ୧୧ଟି ସ୍ଥାନରେ ବୋମାମାଡ କରି ଉଡାଇ ଦେବାକୁ ଇମେଲ ଜରିଆରେ ଧମକ ଦିଆଯାଇଛି । ଏଭଳି ଖବର ପ୍ରଚାରିତ ହେବା ପରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଇ-ମେଲରେ ଯେଉଁ ଯେଉଁ ସ୍ଥାନରେ ବୋମାମାଡ କରାଯିବାକୁ ଧମକ ଦିଆଯାଇଥିଲା ସେହିସବୁ ସ୍ଥାନରେ ପୋଲିସ ଯାଂଚ କରିଥିଲେ ବି କିଛି ଆପତିଜନକ ଜିନିଷ ମିଳିପାରି ନାହିଁ । ଏମଆରଏ ମାର୍ଗ ପୋଲିସ ଷ୍ଟେସନରେ ଏନେଇ ଏକ ମାମଲା ରୁଜୁ କରାଯାଇ ଅଧିକ ଯାଂଚ ଆରମ୍ଭ କରାଯାଇଛି ।

## ଶଶୁର ଘରେ ରହୁଥିବା ଜ୍ୱାଇଁଙ୍କ ଆତ୍ମହତ୍ୟା



ରାଇରଙ୍ଗପୁର : ଆର୍ଥିକସଂକଟରେ ଭାରାକ୍ରାନ୍ତ ଯୁବଗୋଷ୍ଠୀ ମହଲରେ ଦିନକୁ ଦିନ ଆତ୍ମହତ୍ୟା ବୃଦ୍ଧି ପାଉଛି ଯାହାକୁ ନେଇ ସାମାଜିକ କର୍ମୀ , ବୁଦ୍ଧିଜୀବୀ, ସମାଜସେବୀମାନେ ଚିନ୍ତିତ । ସୂଚନାଯୋଗ୍ୟ ମୟୁରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଆଦର୍ଶ ଥାନା ଅନ୍ତର୍ଗତ ଲିଙ୍କ୍ ରୋଡ଼୍ ୱାର୍ଡ ନଂ - ୬ ବସ୍ତି ଅଂଚଳରେ ଆଜି ସୋମବାର ଏକ ଅଭାବନୀୟ ଦୁଖଦ ଘଟଣା ଘଟିଯାଇଛି । ଉକ୍ତ ବସ୍ତି ଅଂଚଳରେ ନିଜ ଶଶୁର ଘରେ ରହୁଥିବା ଜୈନିକ ଯୁବକ ଘର ପଛପଟ ବାଡ଼ିରେ ଏକ ଗଛରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି । ମୃତ ଜ୍ୱାଇଁ ଦିପକ ରାମ ( ୪୮ ) ଘର ସ୍ଥାନୀୟ ସହରାଂଚଳ ୧୦ ନଂ ୱାର୍ଡ ଅଁଳା ଡ୍ରା ବସ୍ତି ର ବୋଲି ଜଣାଯାଇଛି । ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଂଚି ମୃତ ଯୁବକ ଦିପକ ରାମ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା କେଶନମ୍ବର ୧୯/୨୩ ରୁଜୁ କରି ରାଇରଙ୍ଗପୁର ହସ୍ପିଟାଲ ଶବ ବ୍ୟବଚ୍ଛେଦ ଅରାଇ ପରିବାର ଙ୍କୁ ହସ୍ତାନ୍ତର କରିଛି । ପୋଲିସ ପକ୍ଷରୁ ଉକ୍ତ ମାମଲାର ପ୍ରାଥମିକ ତଦନ୍ତ ରୁ ମୃତ ଯୁବକ ଦିପକ ତାଙ୍କ ପରିବାର ସହ ଗତ କିଛି ବର୍ଷ ଧରି ତାଙ୍କ ଶଶୁର ଘରେ ରହି ବ୍ୟବସାୟ କରୁଥିଲେ ।

## ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତଙ୍କୁ ୨୦ବର୍ଷ କାରାଦଣ୍ଡ

ବାଲେଶ୍ୱର : ବାଲେଶ୍ୱର ଜିଲ୍ଲା ବିଚାର ବିଭାଗର ମାନ୍ୟବର ସ୍ୱତନ୍ତ୍ର ପକ୍ସୋ କୋର୍ଟ ବିଚାରପତି ରଞ୍ଜନ କୁମାର ସୂତାର ମଙ୍ଗଳବାର ଦିନ ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଦୋଷୀଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୫ହଜାର ଟଙ୍କା ଜୋରିମାନା କରିଛନ୍ତି । ଜୋରିମାନା ଅନାଦେୟ ହେଲେ, ଅଭିଯୁକ୍ତ ଦୋଷୀ ଅଧିକ ଏକ ବର୍ଷ କାରାଦଣ୍ଡ ଭୋଗିବେ ବୋଲି ବିଚାରପତି ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି ।ଏହାବାଦ ପିଡୀତା ନାବାଳିକାଙ୍କୁ କ୍ଷତି ପୂରଣ ବାବଦରେ ଆଇନସେବା ପ୍ରାଧିକରଣ ପକ୍ଷରୁ ୪ଲକ୍ଷ ଟଙ୍କା ପ୍ରଦାନ କରିବାକୁ ମଧ୍ୟ ବିଚାରପତିଙ୍କ ନିର୍ଦ୍ଦେଶ ରହିଥିବା ବିଚାର ବିଭାଗୀୟ ସୂତ୍ରରୁ ଜଣାଯାଇଛି । ମାମଲାର ବିବରଣୀରୁ ପ୍ରକାଶ, ନୀଳଗିରି ଥାନା ଅଧିନସ୍ଥ ମଲ୍ଲିଟୁଆ ଅଂଚଳର ଜଣେ ନାବାଳିକା ଝିଅକୁ ଭୂତସିମୁଳି ଗ୍ରାମର ଫତେରାମ ସିଂ ଏକା ପାଇ ଯୋର ଜବରଦସ୍ତ ତା ସହିତ କୁକର୍ମ କରିଥିଲା ।ଘରେ କହିଲେ ଜୀବନରୁ ମାରିଦେବ ବୋଲି ନାବାଳିକାକୁ ଧମକ ଦେଇଥିଲା ।ଫତେରାମର ଧମକରେ ଡରିଯାଇ ନାବାଳିକା ଘରେ ବାପା ଓ ମା ଙ୍କୁ କିଛି କହିନଥିଲା ।ପରେ ନାବାଳିକା ଅନ୍ତସତ୍ୱା ହେଇଯିବା ଯୋଗୁଁ ବାପା ଓ ମା ଝିଅ ସହିତ ଘଟିଥିବା ଘଟଣା ବାବଦରେ ଜାଣିପାରି ଗତ ୦୭/୦୭/୨୩ ତାରିଖରେ ନୀଳଗିରି ଥାନାରେ ଏତଲା ଦେଇଥିଲେ ।ନାବାଳିକା ମା'ଙ୍କ ଏତଲା ମୂଳେ ସମ୍ପୃକ୍ତ ଥାନା କେଶନଂ-୨୨୬/୨୩,ଦଫା ୩୭୬(ବି),୫୦୬ ଓ ୬ ମୂଳେ ତଦନ୍ତ ପୂର୍ବକ ଫତେରାମ ବିରୁଦ୍ଧରେ ମାମଲା ରୁଜୁକରି ଜେଲ ପଠାଇ ଥିଲେ ।ମଙ୍ଗବାର ଦିନ ଏହି ନାବାଳିକା କୁକର୍ମ ମାମଲାର ବିଚାରରେ ୧୪ ଜଣ ସାକ୍ଷୀ ଓ ୨୧ଟି ଦଲିଲ ଦସ୍ତାବିଜକୁ ଭିତ କରି ମାନ୍ୟବର ବିଚାରପତି ସୂତାର ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି । ଏହି ମାମଲାକୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ପରିଚାଳନା କରିଛନ୍ତି ।

## ନୂଆ ବର୍ଷରେ ରାଜଧାନୀରେ ରାତି ସାଢେ ୧୨ଟା ଯାଏ ହୋଟେଲ,ବାର୍ ଖୋଲା ରହିବ

ଭୁବନେଶ୍ୱର : ବାର୍ ଓ ହୋଟେଲ ଗୁଡ଼ିକ ପାଇଁ ନ୍ୟୁ ଇୟର୍ ଗାଇଡ୍‌ଲାଇନ୍ ଜାରି । ରାତି ୧୨.୩୦ ଯାଏ ହୋଟେଲ୍ ଓ ବାର୍ ଖୋଲିପାରିବେ । ଆଉ ଅଧିକ ସମୟ ପାଇଁ ଖୋଲିବାକୁ ହେଲେ ସ୍ୱତନ୍ତ୍ର ଅନୁମତି ଦରକାର । ଅତ୍ୟଧିକ ମଦ୍ୟପାନ ରୋକିବାକୁ ନଜର ରଖାଯିବ । ଏଥର ନୂଆ ବର୍ଷରେ ରାଜଧାନିରେ ଅଧିକ ମଦ୍ୟପାନ କରି ପାରିପାରିବେ ନାହିଁ । ଆଜି ହୋଟେଲ ଓ ବାର୍ ମାଲିକଙ୍କ ସହ ଏ ସମ୍ପର୍କରେ ଆଲୋଚନା କରାଯାଇଛି । ନୂଆ ବର୍ଷ ପାଇଁ ତାର ଗାଇଡ ଲାଇନ ଜାରି କରିଛି କମିଶନରେଟ୍ ପୁଲିସ ।ହୋଟେଲ ଓ ବାର୍ ଗୁଡ଼ିକରେ କିପରି ନୂଆ ବର୍ଷ ପାଳନକାରାଯିବ । ଡିସିପିଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକ ପରେ କେତେକ ଗାଇଡ ଲାଇନ ଜାରି କରିଛି ପୁଲିସ । ସେଗୁଡ଼ିକ ମଧ୍ୟରେ ରହିଛି ରାତି ସାଢ଼େ ୧୨ଟା ଯାଏ ହୋଟେଲ ଓ ବାର୍ ଖୋଲିପାରିବ । ଯେଉଁ ହୋଟେଲ୍ କିମ୍ବା ବାର୍ ମାଲିକ ମାନେ ୧ଟା ୩୦ ଯାଏ ଖୋଲିବାକୁ ଚାହିଁବେ । ସେଥିପାଇଁ ସ୍ୱତନ୍ତ୍ର ଅନୁମତି ନେବାକୁ ପଡ଼ିବ । ପାର୍କିଂ ପାଇଁ ସ୍ୱତନ୍ତ୍ର ସିକ୍ୟୁରିଟି ବ୍ୟବସ୍ଥା କରିବାକୁ ପଡ଼ିବ । ଗ୍ରାହକ ଯେପରି ଅଧିକ ମଦ୍ୟପାନ ନ କରନ୍ତି ସେଥିପ୍ରତି ବାର୍ ଓ ହୋଟେଲ କର୍ତୃପକ୍ଷ ଧ୍ୟାନ ଦେବେ ।

### ମନ୍ଥରଗତିରେ ଚାଲିଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନିର୍ମାଣ କାର୍ଯ୍ୟ

# କିସ୍ତି ନପାଇ ହିତାଧିକାରୀ ହଟହଟା



**ନିଶ୍ଚିନ୍ତକୋଇଲି,(ନି.ପ୍ର):** ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ମନ୍ଥର ଗତିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନିର୍ମାଣ କାର୍ଯ୍ୟ ଚାଲିଥିବାର ଜଣାଯାଇଛି। ପ୍ରଶାସନ ତରଫରୁ ଠିକ୍ ଭାବେ ହିତାଧିକାରୀଙ୍କୁ କିସ୍ତି ଟଙ୍କା ପ୍ରଦାନ କରାଯାଉନଥିବାରୁ ବହୁ ହିତାଧିକାରୀ ଗୃହ ନିର୍ମାଣ ନିମନ୍ତେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକର ୪୧ଟି ଗ୍ରାମପଂଚାୟତ ନିମନ୍ତେ ସରକାର ୧୪୬୩ଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମଞ୍ଜୁର କରିଥିଲେ। ସେଥିମଧ୍ଯରୁ ୫୦ ଜଣଙ୍କୁ ବିଭିନ୍ନ କାରଣ ଓ ସମସ୍ୟା ଯୋଗୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇ ନାହିଁ। ଜଣେ ହିତାଧିକାରୀଙ୍କର ନିଜସ୍ୱ ଜମି ନଥିବା କାରଣରୁ ସେ କାର୍ଯ୍ୟାଦେଶ ଫେରାଇ ଦେଇଥିଲେ। ବ୍ଲକ ପ୍ରଶାସନ ତରଫରୁ ୧୪୧୩ଜଣ ହିତାଧିକାରୀଙ୍କୁ କାର୍ଯ୍ୟଦେଶ ପ୍ରଦାନ କରାଯାଇଥିଲା। ଏହି ହିତାଧିକାରୀଙ୍କୁ ପ୍ରଥମ କିସ୍ତିରେ ୪୦ ହଜାର ଟଙ୍କା ଲେଖାଏଁ ଅର୍ଥ ପ୍ରଦାନ କରାଯାଇଥିଲା। ସାମ୍ପ୍ରତିକ ପରିସ୍ଥିତିରେ ସିମେଂଟ ବାଲିଗୋଡି ରଡ ଇଟା ଓ ମୂଲିଆ ମଜୁରୀ ଅହେତୁକ ଭାବେ ବୃଦ୍ଧି ପାଇଥିବା କାରଣରୁ ୪୦ ହଜାର ଟଙ୍କାରେ ଛାତ ପତନ ଗୃହ ନିର୍ମାଣ କରିବା ସମ୍ଭବପର ନୁହେଁ। ଫଳରେ ବହୁ ହିତାଧିକାରୀ ଆର୍ଥୀକ ସଙ୍କଟ ଯୋଗୁ ଏପର୍ଯ୍ୟନ୍ତ ଗୃହ ନିର୍ମାଣ ପୂର୍ଣ୍ଣାଙ୍ଗ କରିପାରି ନଥିବାର ଜଣାଯାଇଛି। ସେହିଭଳି ଭାବେ ପ୍ରଶାସନ ତରଫରୁ ୯୪ ଜଣଙ୍କୁ ଦ୍ୱିତୀୟ କିସ୍ତି ବାବଦରେ ୬୫ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ୬୪୧ଜଣଙ୍କୁ ତୃତୀୟ କିସ୍ତି ପ୍ରଦାନ କରାଯାଇଛି। ବର୍ତମାନ ସୁଧା ୭୧୬ଜଣ ହିତାଧିକାରୀ ଗୃହ ସମ୍ପୂର୍ଣ୍ଣ କରିସାରିଥିଲା ବେଳେ ଅବଶିଷ୍ଟ ହିତାଧିକାରୀ ଏପର୍ଯ୍ୟନ୍ତ ଗୃହ ନିର୍ମାଣ ପୂର୍ଣ୍ଣାଙ୍ଗ କରିପାରିନାହାନ୍ତି। ଅପରପକ୍ଷରେ ସ୍ଥାନୀୟ ଗ୍ରାମପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ବହୁ ଦିନ ଧରି ଆନ୍ଦୋଳନ ଜାରି ରଖିବା କାରଣରୁ ବହୁ ହିତାଧିକାରୀ ଗୃହନିର୍ମାଣକରିଥିଲେ ମଧ ଏପର୍ଯ୍ୟନ୍ତ ସେମାନଙ୍କର କିସ୍ତି ପାଇନଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ବ୍ଲକ ପ୍ରଶାସନ ତରଫରୁ କିସ୍ତି ପ୍ରଦାନରେ ଟାଳଟୂଳ ନୀତି ଅବଲମ୍ବନ କରାଯାଉଥିଲା ବେଳେ ହୀନ ରାଜନୈତିକ ଉଦ୍ଦେଶ୍ୟନେଇ କେତେକ ହିତାଧିକାରୀଙ୍କୁ ବିଭିନ୍ନ ଆଳ ଦେଖାଇ କିସ୍ତି ପ୍ରଦାନ କରାଯାଉନଥିବାର ଅଭିଯୋଗ ହୋଇଛି। କିସ୍ତି ପାଇବା ନିମନ୍ତେ ହିତାଧିକାରୀମାନେ ଗ୍ରାମପଂଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଆପତି ଅଭିଯୋଗ କରୁଥିଲେ ମଧ ଏଥିପ୍ରତି କେହିହେଲେ କର୍ଣ୍ଣପାତ କରୁନଥିବାର ଅଭିଯୋଗ ହୋଇଛି। ତେବେ ବ୍ଲକ ପ୍ରଶାସନ ତରଫରୁ ଠିକ୍ ସମୟରେ କିସ୍ତି ପ୍ରଦାନ କରାଯାଉନଥିବା କାରଣରୁ ବହୁ ହିତାଧିକାରୀ ନିର୍ଦ୍ଧାରିତ ସମୟସୀମା ମଧରେ ଗୃହ ନିର୍ମାଣକରିବା ନେଇ ଆଶଙ୍କା ପ୍ରକାଶ ପାଇଛି। ସେହିପରି ଭାବେ ବହୁ ହିତାଧିକାରୀ ପ୍ରୋତ୍ସାହନ ରାଶି ପାଇବାରୁ ବଂଚିତ ହେବା ନେଇ ସନ୍ଦେହ ପ୍ରକାଶ ପାଇଛି। ବ୍ଲକ ପ୍ରଶାସନ ତରଫରୁ ଏହାର ତଦନ୍ତ କରାଯାଇ ହିତାଧିକାରୀମାନଙ୍କୁ ତୁରନ୍ତ କିସ୍ତିପ୍ରଦାନ ନିମନ୍ତେ ସାଧାରଣରେ ଦାବି ହୋଇଛି। ଅପରପକ୍ଷରେ ବହୁ ହିତାଧିକାରୀ ବିଭିନ୍ନ ସ୍ଥାନରୁ ଧାରକରଜ କରି ଗୃହ ନିର୍ମାଣ କରିଥିଲେ ମଧ ସେମାନଙ୍କୁ କିସ୍ତି ପ୍ରଦାନରେ ଟାଳଟୂଳ ନିତି ଅବଲମ୍ବନ କରାଯାଉଥିବାରୁ ସେମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି।

## ଅମ୍ବାଦଳା ଲ୍ୟାମ୍ପସ ପକ୍ଷରୁ ଧାନମଣ୍ଡି ଉଦ୍ଘାଟିତ



**ଅମ୍ବାଦଳା,(ନି.ପ୍ର):** ରାୟଗଡା ଜିଲ୍ଲା ଅମ୍ବାଦଳା ଲ୍ୟାମ୍ପ ପରିସରରେ ଧାନମଣ୍ଡି ଉଦ୍ଘାଟିତ ହୋଇଯାଇଛି।ଲ୍ୟାମ୍ପ ପରିଚାଳନା ଅଧିକାରୀ ଏମ ଶଙ୍କର ରାଓଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଲ୍ୟାମ୍ପ ଉପସଭାପତି ସୁଭାସିନୀ ମାଝୀ,ସମ୍ମାନୀତ ଅତିଥି ଜିଲାପରିଷଦ ଉପାଧ୍ୟକ୍ଷ ସନ୍ତୋଷ ସୁନା,ଆମ୍ଲଭଟା ସରପଞ୍ଚ ଗୁରୁବାରୀ ଭୋଇ, ସରପଞ୍ଚ ରଗ୍ଗାରୀ,ଲ୍ୟାମ୍ପ ନିର୍ଦ୍ଦେଶକ ସୀମାଞ୍ଚଳ ରଣା,ସୀମାଞ୍ଚଳ ପାତ୍ର ଓ ଦାସେ ମାଝୀ ଉପସ୍ଥିତ ଥିଲେ। ସମସ୍ତ ଅତିଥିମାନେ ଭଗବାନଙ୍କ ତୈଳ ଚିତ୍ରରେ ଦ୍ୱୀପ ପ୍ରଜ୍ୱଳନ କରି ଧାନମଣ୍ଡି ଉଦ୍ଘାଟନ କରିଥିଲେ।ଏଥିରେ ଗୁଣ ଓ ମାନକୁ ନେଇ ସରକାର ସାଧାରଣ କିସମ ଧାନ କୁଇଣ୍ଟାଲ ପିଛା ମୂଲ୍ୟ ୨୧୮୩ ଟଙ୍କା ଗ୍ରେଡ ଏ କିସମ ଧାନ କୁଇଣ୍ଟାଲ ପିଛା ୨୨୦୩ ଟଙ୍କା ରହିଥିବା ନେଇ ଲ୍ୟାମ୍ପସ ପକ୍ଷରୁ ଜଣାଇଥିଲେ। ପ୍ରତି ସପ୍ତାହରେ ଦୁଇଥର ସୋମବାର, ଶୁକ୍ରବାର ଏବଂ ସିବପଦର, ରାଣିପିଣ୍ଡା, ଘମଟଗୁଡା, ଅମ୍ବାଦଳା, ଅମ୍ଲକ୍ଷଭଟା, ଇଚ୍ଛାପୁର ପଞ୍ଚାୟତ ବାସୀ ଅମ୍ବାଦଳା ଲ୍ୟାମ୍ପ ପରିସରକୁ ଆଣି ଧାନ ବିକ୍ରି କରିପାରିବେ। ଏଥିରେ ଭି ସନ୍ଦୀପ କୁମାର ଓ ବି ପ୍ରକାଶ ରାଓ ରାଇସି ମିଲର ମାଲିକଙ୍କ ସହ ଅଞ୍ଚଳର ଚାଷୀ ମାୟାଧର ସୁନା, ପଞ୍ଚାନନ କରକରିଆ,ପ୍ରମା ଚନ୍ଦ୍ର ରାଓ, ଲୋକନାଥ ବାଗ,ରାଧାକାନ୍ତ ବଡା,ସୁଶାନ୍ତ ବାଗ,ଏନ ରାଜେଶ, ପଦ୍ମଲୋଚନ ଚାଲନ, ଭି ବାଲକୃଷ୍ଣା ମୃତ୍ତି, ରଘୁନାଥ ବେହେରା, ପି ଲକ୍ଷ୍ମୀ ପ୍ରସାଦ, ଅର୍ଜୁନ କରକରିଆ ପ୍ରମୁଖ ଉପସ୍ଥିତ ଥିବାବେଳେ ଲ୍ୟାମ୍ପର କର୍ମଚାରୀ,ଏମ ଶଙ୍କର ରାୟ ମ୍ୟାନେଜିଙ୍ଗ ଡ଼ାଇରେକ୍ଟର, ସୌମ୍ୟରଂଜନ ପାତ୍ର,କେଦାର ଠେଲା ଓ ରମେଶ କରୁଆଁଙ୍କ ସମେତ ଆର ଏମ ସି ଉଦୟ କୁମାର ତ୍ରିପାଠୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟରକ୍ଷା ସଚେତନତା କାର୍ଯ୍ୟକ୍ରମ



ନୂଆପଡ଼ା,(ନିପ୍ର): ଖଡ଼ିଆଳ ଆଦର୍ଶ ମହାବିଦ୍ୟାଳୟ ନୂଆପଡ଼ା ପକ୍ଷରୁ ଯୁବ ବିକାଶ, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟରକ୍ଷା ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟରକ୍ଷା ସଚେତନତା କାର୍ଯ୍ୟକ୍ରମ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ସାହୁଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାଶିକ୍ଷକ ପ୍ରଭାସିନୀ ପାଢ଼ୀ, ପ୍ରମିଳା ପଟ୍ଟନାୟକ, ସୁନୀତା ରଥ ଉପସ୍ଥିତି ଥିଲେ। ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସାହୁ ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟରକ୍ଷା ବିଷୟରେ ନିଜର ବକ୍ତବ୍ୟ ରଖି ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଓ ଅନ୍ୟ ଶିକ୍ଷୟତ୍ରୀଙ୍କ ବାଣୀରେ ଛାତ୍ରୀ ମାନେ ମୁଗ୍ଧ ହୋଇ କାର୍ଯ୍ୟକ୍ରମ ସଫଳ କରିବାରେ ହାତ ବଢ଼େଇ ଥିଲେ। ଉକ୍ତ ସ୍ନାତକ ମହାବିଦ୍ୟାଳୟର ଅଧାପିକା ଅନନ୍ୟା ଜେନା, ଜୟଶ୍ରୀ ମାର୍ଥା ଓ ଗୀତାଞ୍ଜଳୀ ମେହେର ସ୍ୱାସ୍ଥ୍ୟରକ୍ଷା ସଚେତନତା ସଂପର୍କରେ ସମ୍ପୂର୍ଣ୍ଣ ବୁଝାଇଥିଲେ। କାର୍ଯ୍ୟକ୍ରମର ଶେଷରେ ଖଡ଼ିଆଳ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ମାନଙ୍କୁ ସାନିଟାରୀ ପେଡ୍ ସହିତ ଟିଫିନ୍ ବଣ୍ଟନ ହୋଇଥିଲା। ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟରକ୍ଷା ସଚେତନତା କାର୍ଯ୍ୟକ୍ରମଟି ସ୍ନାତକ ମହାବିଦ୍ୟାଳୟର ଅଧାପକ ଡ. ଶିବ କୁମାର ଓ ସୁରେନ୍ଦ୍ର କଲେତଙ୍କ ତତ୍ତ୍ୱାବଧାନରେ ଚାଲିଥିଲା ଓ ସହକର୍ମଚାରୀ ସିଲୁ ସେଠୀ, ଗୌରବ ମାଝୀ ଓ ଗୀତାଞ୍ଜଳୀ ମେହେର ଯୋଗ ଦେଇଥିଲେ।

## ସୁପର ଫୁଡ ମାଣ୍ଡିଆର ଗୁଣବତ୍ତାର ବ୍ୟାପକ ପ୍ରଚାର

ବେତନଟୀ,(ନିପ୍ର): ଓଡିଶା ମିଲେଟ ମିଶନ ପକ୍ଷରୁ ବେତନଟୀ ଏମପିସି ହାଇସ୍କୁଲରେ ସୁପରଫୁଡ୍ ମାଣ୍ଡିଆର ଗୁଣବତ୍ତାର ବ୍ୟାପକ ପ୍ରଚାର ପ୍ରସାର ସାଙ୍ଗକୁ ଜନସଚେତନତା ନେଇ ଏକ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। କୁପୋଷଣ ଏବଂ ଅପପୁଷ୍ଟି ଭଳି ରୋଗକୁ ପ୍ରତିହତ କରିବା ସହିତ ସୁପରଫୁଡ୍– ମାଣ୍ଡିଆକୁ ଦୈନନ୍ଦିନ ଜୀବନରେ ସାମିଲ କରାଗଲେ କିଭଳି ସୁସ୍ଥ ଏବଂ ନିରୋଗ ଜୀବନଯାପନ ସମ୍ଭବପର ହୋଇପାରିବ ସେନେଇ ଆରମ୍ଭ ହୋଇଛି ଓଡିଶା ମିଲେଟ ମିଶନ୍। ରାଜ୍ୟ ସରକାରଙ୍କର ଏହି ଦୂରଦୃଷ୍ଟି ସମ୍ପନ୍ନ ପରିକଳ୍ପନାକୁ ବାସ୍ତବ ରୂପରେଖ ଦେବାରେ ତଥା ମାଣ୍ଡିଆକୁ ନେଇ ବ୍ୟାପକ ଜନସଚେତନତା ସୃଷ୍ଟି ନିମନ୍ତେ ବିଦ୍ୟାଳୟସ୍ତରରେ ପ୍ରଶ୍ନଭୋର ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ ମଧ କରାଯାଉଛି। ଏହି ପରିପ୍ରେକ୍ଷୀରେ ଓଡିଶା ମିଲେଟ୍ ମିଶନ ପକ୍ଷରୁ ଅତିରିକ୍ତ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜିକା ଅଦିତି ଖାଁ ଏବଂ ଶ୍ରୀକାନ୍ତ ମହାନ୍ତ ପ୍ରମୁଖ ଏମପିସି ହାଇସ୍କୁଲରେ ଏକ ଆଲୋଚନାଚକ୍ର ସାଙ୍ଗକୁ ପ୍ରଶ୍ନୋତ୍ତର ପ୍ରତିଯୋଗିତା କରାଇଛନ୍ତି । ପ୍ରଧାନଶିକ୍ଷକ ଅର୍ଜୁନ ସିଂଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମାଣ୍ଡିଆରେ କିଭଳି ପ୍ରଚୁର ପରିମାଣରେ ବହୁ ଦରକାରୀ ପୋଷକତତ୍ତ୍ୱ ଭରପୁର ହୋଇ ରହିଛି ଏବଂ ଏହା କୁପୋଷଣ ତଥା ଅପପୁଷ୍ଟି ନିରାକରଣ ଦିଗରେ ଗୁରୁତ୍ୱପୂର୍ଣ ଭୂମିକା ନିର୍ବାହ କରିଥାଏ ସେନେଇ ଛାତ୍ରଛାତ୍ରୀଙ୍କୁ ଆଲୋଚନା ମାଧମରେ ସଚେତନ କରାଯାଇଥିଲା। ଏହାପରେ ମାଣ୍ଡିଆ ଉପରେ ଆଧାରିତ ପ୍ରଶ୍ନତ୍ତୋର ପ୍ରତିଯୋଗିତାରେ ୪୮ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ଅଷ୍ଟମଶ୍ରେଣୀର ସିମରନ ନାୟକ, ଆକାଶ ମହାନ୍ତ ଏବଂ ନବମଶ୍ରେଣୀର ଶିବାଶିଷ ମହାନ୍ତ ଯଥାକ୍ରମେ ୧ମ, ୨ୟ ଏବଂ ୩ୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ପରିଚାଳନାରେ ପ୍ରକାଶ କୁମାର ଗିରି, ନିରୋଦ କୁମାର ମହାନ୍ତଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଣ ଶିକ୍ଷା କର୍ମଚାରୀ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିଲେ।

## ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଭା ର ଚାବିକାଠି



ଚମ୍ପୁଆ,(ନିପ୍ର): ଚମ୍ପୁଆ ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୁଲ୍ୟରେ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଓ ଚନ୍ଦ୍ରଶେଖର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚମ୍ପୁଆର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ତ୍ରିଦିବସୀୟ କାର୍ଯ୍ୟକ୍ରମ ଶୁଭାରମ୍ଭ ଉପଲକ୍ଷେ ଦିବା ୧୦ ଟା ରେ ମୁଖ୍ୟ ଅତିଥି ରୂପେ ମହାବିଦ୍ୟାଳୟ ସଭାପତି ଉପଜିଲ୍ଲାପାଳ ଚମ୍ପୁଆ ଶ୍ରୀଯୁକ୍ତ ସୁକାନ୍ତ ମାଝୀ ଉଦଘାଟନ କରିଥିଲେ। ଏକ ବର୍ଣ୍ଣାଢ଼୍ୟ ସମାରୋହରେ ସେ ଛାତ୍ର ଛାତ୍ରୀଙ୍କ ଗହଣରେ ରହି ଆଚରଣରେ ସଂସ୍କୃତି ପରିପ୍ରକାଶ ପାଏ ଏବଂ ଏହାକୁ ବିକଶିତ କରିବା ପାଇଁ ସମସ୍ତଙ୍କୁ ଉଦ୍ୟମ କରିବାକୁ ସରକାରଙ୍କ ଏହି ପଦକ୍ଷେପର ପ୍ରୟାସ ସମସ୍ତେ ଉପଲବ୍ଧି କରିବା ଆବଶ୍ୟକ ବୋଲି ମୁଖ୍ୟ ଅତିଥି ଶ୍ରୀଯୁକ୍ତ ମାଝୀ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର କର ନୂଆ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇବା ସଙ୍ଗେ ସଙ୍ଗେ ଉତ୍କର୍ଷତା ନିମନ୍ତେ ସଂସ୍କୃତିର ଅଭିଧାରଣା ଦେଇଥିଲେ। ମଞ୍ଚାସୀନ ନୋଡାଲ ଅଧିକାରୀ ସ୍ୱାଧୀନ କୁମାର ସିଂହ ଏବଂ ପ୍ରଶାନ୍ତ କୁମାର ନନ୍ଦ ପ୍ରତିଯୋଗିତା ଆକର୍ଷଣ ଯାହା ହେଉ ଶେଷ ରେ ରହୁଥିବାରୁ ଛାତ୍ରଛାତ୍ରୀ ମାନେ ଏହାର ମଜା ନେଇ ଉତ୍ସବକୁ ସଫଳ କରିବାକୁ ନିବେଦନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଅଧିକାରୀ ସଚିନ କୁଲୁ ସମେତ ନାରାୟଣ ଶତପଥୀ, ବିକାଶ ଗିରି, ବିଜୟ ଭୁଏ ସହଯୋଗ କରିଥିଲେ। ଏହା ସହିତ ବିଭିନ୍ନ ଷ୍ଟଲ୍ ମାଧମରେ ଛାତ୍ର ଛାତ୍ରୀ ମାନେ ରୋଷେଇ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ଯଥା ମଣ୍ଡା, ଚକୁଳି କେକ୍ ଖିରି, ପିଠା, ମାଣ୍ଡିଆ,ଲଡୁ ପଲଉ, ଗଇଁଠା ପିଠା, ଖେଚୁଡ଼ି, ଅଟା କାକରା ପିଠା ଓ ଅନ୍ୟାନ୍ୟ ଓଡ଼ିଆ ସୁଆଦିଆ ବ୍ୟଞ୍ଜନ ପ୍ରସ୍ତୁତ କରି ଥିଲେ। ମୁଖ୍ୟ ଅତିଥି ସେଗୁଡ଼ିକ ବୁଲି ଦେଖିବା ସହିତ ଏପରି ହେବା ଜରୁରୀ ବୋଲି ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏକ ସୁନ୍ଦର ପାରମ୍ପାରିକ ନୃତ୍ୟ ଓ ଗୀତର ଆସରରେ ସଭାଟି ସମାପ୍ତ ହୋଇ ଥିଲା। ଶେଷରେ ଅଧାପକ ବିକାଶ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

## ‘ନୂଆ-ଓ’ କାର୍ଯ୍ୟକ୍ରମର ସମୀକ୍ଷା କଲେ ଉଚ୍ଚଶିକ୍ଷା ମନ୍ତ୍ରୀ




ଭୁବନେଶ୍ୱର, ୨୬।୧୨ (ନିପ୍ର) : ରାଜ୍ୟର ଶିକ୍ଷାନୁଷ୍ଠାନ ଗୁଡିକରେ ଚାଲିଥିବା ‘ନୂଆ-ଓ’ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ। ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଶ୍ରୀ ନାୟକ ଯୋଗଦେଇ ସମସ୍ତ ଶିକ୍ଷାନୁଷ୍ଠାନରେ ଚାଲିଥିବା ନୂଆ-ଓ କାର୍ଯ୍ୟକ୍ରମ ବିଷୟରେ ସବିଶେଷ ତଥ୍ୟ ପଚାରି ବୁଝିଥିଲେ। ନୂଆ-ଓ କାର୍ଯ୍ୟକ୍ରମ ଅନ୍ତର୍ଗତ ଶିକ୍ଷାନୁଷ୍ଠାନ ଗୁଡିକରେ କ୍ରୀଡ଼ା, ସମାଜସେବା, ବିଭିନ୍ନ ଜ୍ଞାନକୌଶଳ, ଶାରୀରିକ ବିକାଶ ଆଦିକୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ନୂଆ-ଓ କାର୍ଯ୍ୟକ୍ରମ ଅବଧିକୁ ଆଗାମୀ ୧୫ତାରିଖ ଯାଏ ବୃଦ୍ଧି କରିବାକୁ ଭିସି ଯୋଗେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମନ୍ତ୍ରୀ କହିଛନ୍ତି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭିଡିଓଗ୍ରାଫି ଓ ଫଟୋଗ୍ରାଫି ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଯେଉଁମାନେ ସାମାଜିକ କାର୍ଯ୍ୟକ୍ରମ, ଭିଡିଓଗ୍ରାଫି ଓ ଫଟୋଗ୍ରାଫି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବେ ସେମାନଙ୍କୁ ସାମ୍ସ ଲ୍ୟାବ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଥିଲେ। ରାଜ୍ୟର ୬୦୦ରୁ ଅଧିକ ଶିକ୍ଷାନୁଷ୍ଠାନରେ ‘ନୂଆ-ଓ’ କାର୍ଯ୍ୟକ୍ରମ ଜାରି ରହିଛି। ସାମାଜିକ କାର୍ଯ୍ୟକଳାପ ପାଇଁ କୌଣସି ଡେଡ୍‌ଲାଇନ୍ ରହିବ ନାହିଁ। ଏପରିକି ଫେବୃୟାରୀ ମାସ ପରେ ମଧ୍ୟ ସମାଜସେବା କାର୍ଯ୍ୟକ୍ରମ ଜାରି ରହିବ ବୋଲି ମନ୍ତ୍ରୀ କହିଥିଲେ। ବୈଠକରେ ଉଚ୍ଚଶିକ୍ଷା କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ବିଭାଗୀୟ ସ୍ୱତନ୍ତ୍ର ସଚିବ ପ୍ରମୋଦ କୁମାର ମିଶ୍ରଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀ ଏବଂ ନୂଆ-ଓ ଅନୁଦାନ ପ୍ରାପ୍ତ ୭ ବିଭାଗର ସମସ୍ତ ନୋଡ଼ାଲ ଅଫିସର, ରାଜ୍ୟର ୩୦ଟି ଜିଲ୍ଲାର ସମସ୍ତ କଲେଜ ଅଧ୍ୟକ୍ଷ, ଅଧ୍ୟାପକମାନେ ଭିସି ଯୋଗେ ଉପସ୍ଥିତ ଥିଲେ।

## ଅବ୍ୟବସ୍ଥା ମଧରେ ମାଣିକ୍ୟଦେବୀ ସରକାରୀ ପ୍ରାଥମିକ ବିଦ୍ୟାଳୟ



ନୂଆପଡା,(ନିପ୍ର): ଖଡିଆଳ ଏନଏସି ଲାଲସାବେବ ପଡା ସ୍ଥିତ ମାଣିକ୍ୟଦେବୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦିନେ ପାଠ ପଢା ପାଇଁ ସୁନାମ ଅର୍ଜନ କରିଥିଲା ହେଲେ ଶିକ୍ଷକ ଶିକ୍ଷୟତ୍ରୀଙ୍କ ପରସ୍ପର ମନମାଳିନ୍ୟ ଅଭିଯୋଗ ହୋଇଛି। ଶିକ୍ଷକ ଶିକ୍ଷୟତ୍ରୀଙ୍କ ସମୁହ ବଦଳି ପାଇଁ ଅବିଭାବକ ଓ ସ୍କୁଲ କମିଟି ବାରମ୍ବାର ବିଇଓ ଖଡିଆଳ ତଥା ନୂଆପଡା ଡିଇଓଙ୍କୁ ଲିଖିତ ଅଭିଯୋଗ କରିଆସୁଥିଲେ ବିଭାଗିୟ ଅଧିକାରୀ କୌଣସି କର୍ଣ୍ଣପାତ କରୁନାହାନ୍ତି । ପାଠ ପଢା ସମୟରେ ଜଣେ ଛାତ୍ରି ପାଚେରି ଡେଇ ମୁଖ୍ୟ ରାସ୍ତା ଦେଇ ଘରକୁ ଯାଉଥିବା ସମୟରେ ଖଡିଆଳ ବିଧାୟକ ତଥା ଏନଏସି ଚେୟାରମେନ ଦେଖିଥିଲେ। ତୁରନ୍ତ ତଦନ୍ତ ପାଇଁ ଖଡିଆଳ ବିଇଓକୁ ତାଗିଦ ମଧ କରାଯାଇଛି। ଅନ୍ୟ ପକ୍ଷେ ଏଭଳି ଦୃଶ୍ୟ ବାରମ୍ବାର ଘଟୁଅଛି ହେଲେ ପ୍ରଶାସନ ପଦକ୍ଷେପ ଗ୍ରହଣ କରୁନାହି ବୋଲି ଅଭିଯୋଗ କରି ଲାଲାସାହେବ ପଡା ସ୍କୁଲ କମିଟି ଓ ଅବିଭାବକ ମାନେ ମିଳିତ ଭାବରେ ବିଦ୍ୟାଳୟକୁ ଦୀର୍ଘ ସମୟ ଧରି ଘେରାଉ କରି ତୁରନ୍ତ ଶିକ୍ଷକ ଶିକ୍ଷୟତ୍ରି ମାନଙ୍କ ବଦଳି ଦାବି କରିଛନ୍ତି ଖଡିଆଳ ବିଇଓ ଏହି ଖବର ପାଇ ସ୍କୁଲକୁ ପହ ତଦନ୍ତ କରୁଛନ୍ତି।

## ନୂଆ-ଓ କାର୍ଯ୍ୟକ୍ରମ ଉଦଯାପନ ସମାରୋହ

ନୂଆପଡ଼ା,(ନିପ୍ର): ଉପେନ୍ଦ୍ର ପ୍ରଭାକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଖଡ଼ିଆଳ ବ୍ଲକ ତୁକୁଲା ଠାରେ ଅନୁଷ୍ଠିତ ହୋଇଆସୁଥିବା ‘ନୂଆ-ଓ: ଯୁବ ଓଡ଼ିଶା ନବୀନ ଓଡ଼ିଶା’ କାର୍ଯ୍ୟକ୍ରମର ଉଦଯାପନ ତଥା ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ସଭାରେ ଅଧ୍ୟକ୍ଷତା କରିଥିଲେ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ବିଘ୍ନରାଜ ଦାସ। ମୁଖ୍ୟ ଅତିଥି ଡ଼ଲି ମାଝୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା, ନୂଆପଡ଼ା; ସମ୍ମାନୀତ ଅତିଥି ଡ଼. ଲଳିତ ବାଗ, ତହସିଲଦାର ଖଡିଆଳ; ଅନ୍ୟତମ ସମ୍ମାନିତ ଅତିଥି ପୁଷ୍ପାଞ୍ଜଳି ନନ୍ଦ, ଖଡିଆଳ ବ୍ଲକ ଅଧ୍ୟକ୍ଷା, ଓ ଅକ୍ଷୟ ନନ୍ଦ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ ଏବଂ କ୍ରୀଡା, ସାସ୍କୃତିକ ଓ ସାମାଜିକ କାର୍ଯ୍ୟର ସମସ୍ତ ଶତାଧିକ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର, ପ୍ରଶଂସାପତ୍ର ଓ ପୁରସ୍କାର ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମର କାର୍ଯ୍ୟକାରୀ ଅଧିକାରୀ, ପ୍ରାଧାପକ ଅରୁଣ କୁମାର ପଣ୍ଡା ସମଗ୍ର କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ପ୍ରାଧାପକ ଡ଼. ଶରତ ଚଲାନ ଏବଂ ଜୟପ୍ରକାଶ ଅଗ୍ରୱାଲ, ଅଧାପକ ବୃନ୍ଦ ଶ୍ରୀ ଲୀଳାନନ୍ଦ ମିଶ୍ର, ରଶ୍ମିରଂଜନ ସାହୁ ଓ ସୁଶ୍ରୀ ଅନିତା ପ୍ରଧାନୀ ତଥା ସୁରେଶ ମେହେର, ହୃଦାନନ୍ଦ ବାଗ, ସାଇଶଙ୍କର ଦୁବେ, ମିଠାଇଲାଲ ଦାସ, କାଦମ୍ବିନୀ ସିଷ୍ଟବାବୁ ସମସ୍ତଙ୍କ ସମ୍ପୂର୍ଣ୍ଣ ସହଯୋଗ ଓ ସଶ୍ରଦ୍ଧ ଦାୟିତ୍ୱ ନିର୍ବାହ ଫଳରେ ଏହି ଦୀର୍ଘଦିନ ବ୍ୟାପି କାର୍ଯ୍ୟକ୍ରମ ସୁଚାରୁରୂପେ ସମାପନ ହୋଇଥିବା ଯୋଗୁଁ ସମସ୍ତଙ୍କୁ ଶ୍ରୀଯୁକ୍ତ ପଣ୍ଡା ଓ ଅଧ୍ୟକ୍ଷ ଶ୍ରୀଯୁକ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ଗରୀବଙ୍କ ମୁହଁରୁ ଦାନା ଛଡାଇ ନେଉଛି ଯୋଗାଣ ବିଭାଗ

# ଆଖି ସ୍କାନ ଓ ଫିଙ୍ଗରପ୍ରିଣ୍ଟ୍ ନେଇ ରିଟେଲର କରୁଛି ଚାଉଳ ହରିଲୁଟ୍

**ରାଜନଗର,(ନି.ପ୍ର):** ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ଗରୀବ ଲୋକଙ୍କୁ ରାସନ ସାମଗ୍ରୀ ଯୋଗାଇ ଦେଉଛନ୍ତି । ଗହମ ବନ୍ଦ ପରେ ଚାଉଳ ମାଗଣାରେ ଦେବାକୁ ଘୋଷଣା କରାଯାଇଥିଲା । ଏହାର ସୁଯୋଗ ନେଇ ଠିକାସଂସ୍ଥା, ରିଟେଲର ଯୋଗାଣ ବିଭାଗର ସଲାସୁତୁରାରେ ଗରୀବଙ୍କ ମୁହଁରୁ ଦାନା ଛଡାଇ ନେଉଥିବା ଅଭିଯୋଗ ହେଉଛି । ଏହା କୌଣସି ପାହାଡି ମୂଳକ କିମ୍ବା ଅପହଂଚ ଇଲାକାର କଥା ନୁହେଁ । ଉପକୂଳ ଓଡିଶାର ଏକ ପ୍ରମୁଖ ଜିଲ୍ଲା କେନ୍ଦ୍ରାପଡା ଜିଲ୍ଲା ଯାହାକି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ଘର । ତାଙ୍କ ପଡୋଶୀ ନିର୍ବାଚନ ମଣ୍ଡଳୀ ରାଜନଗରରୁ ଏଭଳି ଅଭିଯୋଗ ଆସିଛି । ରାଜନଗର ବ୍ଲକ ରାଜପୁର ପଚାଂୟତରେ ରାସନ ସାମଗ୍ରୀ ହଡପ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା । ଏହି ପଚାଂୟତର ଚନ୍ଦନପୁର, ରାଜପୁର, ବାଲିଚନ୍ଦ୍ରପୁର, ବଳଭଦ୍ରପ୍ରସାଦ ଗ୍ରାମର ହିତାଧିକାରୀମାନଙ୍କଠାରୁ ରିଟେଲର ଅକ୍ଟୋବର ମାସରେ ଅଖିସ୍କାନ ଓ ଫିଙ୍ଗରପ୍ରିଟଂ ନେଇ ଯାଇଥିଲା । ସେମାନେ ତିନିମାସର ରାସନ ସାମଗ୍ରୀ ପାଇନଥିବା ଅଭିଯୋଗ କରିଥିଲେ । ଏନେଇ ଗଣମାଧମରେ ଖବର ପ୍ରକାଶ ପାଇବା ପରେ ଜିଲ୍ଲା ଯୋଗାଣ ବିଭାଗ ତତ୍ପର ହୋଇଉଠିଥିଲା । ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଦିନ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦୀପକୁମାର ମହାପାତ୍ରଙ୍କ ସହିତ ଆଳିର ସହକାରୀ ଯୋଗାଣ ଅଧିକାରୀ ପୁନମ ଜେନା, ରାଜନଗର ବ୍ଲକ ଯୋଗାଣ ଅଧିକାରିଣୀ ଅଳକା ମଲ୍ଲିକ ରାଜପୁରର ରିଟେଲର ଚନ୍ଦ୍ରଭାନୁ ରଥ, ପ୍ରକାଶଚନ୍ଦ୍ର ବଳ ଓ ବୁଢୀ ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ଚନ୍ଦନପୁର(ବାଲି)ଙ୍କ ଅଧିନରେ ଥିବା ହିତାଧିକାରୀଙ୍କୁ ପଚାରି ବୁଝିଥିଲେ । ତିନିମାସର ରାସନ ସାମଗ୍ରୀ ପାଇନଥିବା ନେଇ ସେମାନେ ଅଭିଯୋଗ କରିଥିଲେ । ଅପରପକ୍ଷରେ ରିଟେଲର ଶ୍ରୀ ରଥ ତଦନ୍ତ ସମୟରେ ଚାଉଳ ଯୋଗାଣର ଠିକାସଂସ୍ଥା ଚାଉଳ ଦେଇନଥିବାରୁ ମୁଁ କେଉଁଠୁ ଚାଉଳ ଆଣି ଦେବି ବୋଲି କହିଥିଲେ । ବିଭାଗୀୟ ତଦନ୍ତ ସମୟରେ ଠିକାସଂସ୍ଥା ତିନିମାସର ଚାଉଳ ଯୋଗାଇନଥିବା ନେଇ ରିଟେଲର ଅଭିଯୋଗ କରିବା ପରେ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । ଏହି ତିନୋଟି ରିଟେଲର ଅଧିନରେ ମୋଟ ୧୧୯୯ ଟି ରାସନକାର୍ଡ ରହିଛି । ସେମାନେ ହିତାଧିକାରୀଙ୍କଠାରୁ ଅକ୍ଟୋବର ମାସରେ ଆଖି ସ୍କାନ ଓ ଫିଙ୍ଗରପ୍ରିଟଂ ନେବା ପରେ ରାସନ ଚାଉଳ ଦେଇନଥିବା ନେଇ ଦୁର୍ଯ୍ୟୋଧନ ରାଉତ, ସୁମିତ୍ରା ରାଉତ, କୈଳାସ ରାଉତ, ଭଗବତୀ ରାଉତ, ଜୟନ୍ତୀ ପାତ୍ର, ସ୍ୱର୍ଣ୍ଣଲତା ପ୍ରଧାନ, ଦିବାକର ସେଠୀ, ଅଲେଖ ମଳିକ, ଉପେନ୍ଦ୍ର ସ୍ୱାଇଁ, ମାଳତୀ ଦାସ, ସେବତୀ ନାୟକ, ସଖି ସେଠୀ, ଭଗବତୀ ନାୟକ, ସାବିତ୍ରୀ ସେଠୀ, ସୁନି ସେଠୀ, ସୁମିତ୍ରା, ଭୀମସେନ ମଳିକ, ବିଦ୍ୟାଧର ମଳିକ ପ୍ରମୁଖଙ୍କ ସହ ଶତାଧିକ ହିତାଧିକାରୀ ଅଭିଯୋଗ କରିଥିଲେ । ଅଭିଯୋଗର ତଦନ୍ତ କରାଗଲା ସତ, ମାତ୍ର ଏହି ହିତାଧିକାରୀମାନେ ରାସନ ସାମଗ୍ରୀ କେବେ ପାଇବେ ? ରାସନ ସାମଗ୍ରୀ ଲୁଟିଥିବା ରିଟେଲର ଓ ଠିକାସଂସ୍ଥା ଉପରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଦେଖିବାକୁ ବାକି ରହିଲା । ଅପରପକ୍ଷରେ ରାଜପୁର ପଚାଂୟତ ବ୍ୟତୀତ ଏହାର ପଡୋଶୀ ବାଲିସାହିପାଟଣା ପଚାଂୟତ ଅଧିନରେ ଥିବା ରିଟେଲର(ପଚାଂୟତ କାର୍ଯ୍ୟନିର୍ବାହୀ ଅଧିକାରୀ) ମଧ ହିତାଧିକାରୀମାନଙ୍କୁ ଚାଉଳ ଦେଇନଥିବା ଅଭିଯୋଗ ହୋଇଛି । ଏହି ପଚାଂୟତ ଅଧିନରେ ବାଲିସାହିପାଟଣା, ମଧୁପୁର, ଧାନଦିଆ, ବାରଦିଆ, ନୂଆଗାଁ, ଭେଡିସାହି, ଚମ୍ପାଦିଆ ଓ ପଦିନୀ ଗ୍ରାମର ୧୨୮୦ ରାସନକାର୍ଡ ରହିଛି । ସେମାନେ ଅକ୍ଟୋବର ମାସରୁ ଆଖିସ୍କାନ ଓ ଫିଙ୍ଗରପ୍ରିଟଂ ଦେଇ ଚାଉଳ ପାଇନଥିବା ଅଭିଯୋଗ ହୋଇଛି ।

# ବ୍ରହ୍ମଗିରିରେ ବିଜୁ ଜନତା ଦଳର ୨୭ ତମ ପ୍ରତିଷ୍ଠା ଦିବସ



ବ୍ରହ୍ମଗିରି ୨୬/୧୨ : ବିଜୁ ଜନତା ଦଳର ୨୭ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ବ୍ରହ୍ମଗିରି ର୍ନିବାଚନ ମଣ୍ଡଳୀ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ସାତପଡ଼ା ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ପ୍ରତିଷ୍ଠା ଦିବସରେ ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ଶ୍ରୀଯୁକ୍ତ ସଞ୍ଜୟ କୁମାର ଦାସବର୍ମାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ବ୍ରହ୍ମଗିରି ଅଲାରନାଥଙ୍କ ଠାରୁ ବିଶାଳ ବାଇକ୍ ଶୋଭାଯାତ୍ରା ଆରମ୍ଭ ହୋଇ କୃଷ୍ଣପ୍ରସାଦ ବ୍ଲକ ସାତପଡ଼ା ପଞ୍ଚାୟତ ସାତପଡ଼ା ଠାରେ ପହଞ୍ଚି ସାତପଡ଼ା ପାର୍କରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ଏହି ବିଶାଳ ସଭାର ସଭାକାର୍ଯ୍ୟ ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳର ସଭାପତି ଶ୍ରୀଯୁକ୍ତ ବିଦ୍ୟାଧର ସ୍ୱାଇଁଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିଲା । ଏହି ସଭାକାର୍ଯ୍ୟ ଆରମ୍ଭ ପୂର୍ବରୁ ପୂର୍ବତନ ମନ୍ତ୍ରୀ ତଥା ପୁରୀ ଜିଲ୍ଲା ବିଜୁ ଜନତା ଦଳ ସଭାପତି ମହେଶ୍ୱର ମହାନ୍ତି ଓ ବ୍ରହ୍ମଗିରି ର୍ନିବାଚନ ମଣ୍ଡଳୀ ପୂର୍ବତନ ବିଧାୟକ ଅଜୟ କୁମାର ଜେନା ଏବଂ ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳର ବରିଷ୍ଠ ନେତା ବିରଞ୍ଚି ନାରାୟଣ ଦାସଙ୍କ ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଛି । ଏହି ଅବସରରେ ଶ୍ରୀ ଦାସବର୍ମା ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ବ୍ରହ୍ମଗିରି ର୍ନିବାଚନ ମଣ୍ଡଳୀର ସମସ୍ତ ବିଜୁ ପ୍ରେମୀ ମାନଙ୍କୁ ଆସନ୍ତା ନୂତନ ବର୍ଷ ପାଇଁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଶ୍ରୀ ଦାସବର୍ମା କହିଛନ୍ତି ବିଜୁବାବୁଙ୍କ ଆଦର୍ଶରେ ଆରମ୍ଭ ହୋଇଥିବା ବିଜୁ ଜନତା ଦଳ ଆଜି ଏକ ସାମାଜିକ ଆନ୍ଦୋଳନରେ ପରିବର୍ତ୍ତନ ହୋଇ ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ଆଶା ଓ ବିଶ୍ୱାସର ପ୍ରତୀକ ପାଲଟିଛି । ଗତ ୨୭ ବର୍ଷ ମଧ୍ୟରେ ବିଜୁ ଜନତା ଦଳ ଓଡ଼ିଶାର ସାମାଜିକ-ଅର୍ଥନୈତିକ ପ୍ରଗତିର ଏକ ପ୍ରମୁଖ ମାଧ୍ୟମ ପାଲଟିଛି । ଓଡ଼ିଶାବାସୀଙ୍କ ସେବାରେ ସମର୍ପିତ ବିଜୁ ଜନତା ଦଳର ୨୭ ବର୍ଷରଯାତ୍ରା, ସଂଘର୍ଷ ଏବଂ ସଫଳତାର ମୂକସାକ୍ଷୀ । ବ୍ରହ୍ମଗିରିର ବିକାଶ ଓ ଉନ୍ନତି ପାଇଁ ବିଜୁ ଜନତା ଦଳ ସବୁବେଳେ ପ୍ରତିବଦ୍ଧ ଏବଂ ଦାୟିତ୍ୱ ରହିଛିୟ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ସହିତ ଏକ ସଶକ୍ତ ଓଡ଼ିଶାର ଗଠନର ର୍ନିମାଣ ପାଇଁ ପ୍ରତିଜ୍ଞା କରିବା ପାଇଁ ସେ ବ୍ରହ୍ମଗିରି ବିଜୁ ପ୍ରେମୀଙ୍କୁ ଆହ୍ୱାନ ଦେଇଛନ୍ତି । ଇତି ମଧ୍ୟରେ ରାଜ୍ୟ ସରକାରଙ୍କ ଯୋଜନାର ସଫଳ ପ୍ରଚ୍ଚର ପ୍ରସାର ଏବଂ ଜନସମ୍ପର୍କକୁ ଅତୁଟ ରଖିବା ପାଇଁ ବ୍ରହ୍ମଗିରି, କୃଷ୍ଣପ୍ରସାଦ ଓ ପୁରୀ ସଦର ବ୍ଲକ ବିଜୁ ପ୍ରେମୀଙ୍କୁ ଆହ୍ୱାନ ଦିଆଯାଇଛି । ସର୍ବଶେଷରେ ବ୍ରହ୍ମଗିରି ର୍ନିବାଚନ ମଣ୍ଡଳୀ ଯୁବ ଜନତାଦଳ ଦଳର ସଭାପତି ଦିଲ୍ଲିପ ରଣସିଂହ ଧନ୍ୟବାଦ ଯଣାଇ ସଭାକାର୍ଯ୍ୟ ଶେଷ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ପରିଷଦ ଅଧକ୍ଷା ସ୍ୱପ୍ନାରାଣି ସ୍ୱାଇଁ, ବ୍ରହ୍ମଗିରି ବ୍ଲକ ସଭାପତି ବିଦ୍ୟାଧର ସ୍ୱାଇଁ, କୃଷ୍ଣପ୍ରସାଦ ବ୍ଲକ ସଭାପତି ଲକ୍ଷ୍ମୀଧର ସାହୁ, ବ୍ରହ୍ମଗିରି ବ୍ଲକ ଅଧକ୍ଷା ରତ୍ନାବାଳା ବେହେରା, ଉପାଧକ୍ଷା ମାଳିନୀ ଦାଳାଇ, କୃଷ୍ଣପ୍ରସାଦ ବ୍ଲକ ଅଧକ୍ଷା ସରୋଜିନୀ ତରେଇ, ଉପାଧକ୍ଷା ଶକୁନ୍ତଳା ଗଡ୍ଡ, ପୁରୀ ସଦର ବ୍ଲକ ଅଧକ୍ଷ ଦିବାକର ପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ଜନ୍ମେଶ୍ୱର ସାହୁ, ସନ୍ଦିପ କୁମାର ଜେନା, ବ୍ରହ୍ମଗିରି ବ୍ଲକ ପୂର୍ବତନ ଉପାଧକ୍ଷ ଯୁଧିଷ୍ଠିର ନାୟକ, କୃଷ୍ଣପ୍ରସାଦ ବ୍ଲକ ବରିଷ୍ଠ ନେତ ପୂର୍ଣ୍ଣଚନ୍ଦ୍ର ଜେନା, କେଦାର ଜେନା, ପ୍ରଫୁଲ୍ଲ ଜେନା, ରମେଶ ପଲେଇ, ପୁରୀ ସଦର ବ୍ଲକ ଜିଲ୍ଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ନୁନୁ ମିଶ୍ର, ଭାଇଲିପୁର ପଞ୍ଚାୟତ ସମିତି ସଭ୍ୟ କାର୍ତ୍ତବିର୍ଯ୍ୟ ସ୍ୱାଇଁ, ବ୍ରହ୍ମଗିରି ବ୍ଲକ ଯୁବ ନେତା ଜୟନ୍ତ କୁମାର ମାହାନ୍ତି, ଯୁବ ନେତା ବିଜୟ କୁମାର ଦଳାଇ, ଜ୍ଞାନ ଚନ୍ଦ୍ର ପ୍ରଧାନ, ଅଶୋକ ଦଳାଇ, ଅନିଲ କୁମାର ସାହୁ, ର୍ନିବାଚିତ ଜୋନ୍ ପ୍ରତିନିଧି, ପଞ୍ଚାୟତ ପ୍ରତିନିଧି, ଯୁବ ଜନତା, ଛାତ୍ର ଜନତା ଓ ପ୍ରମୁଖ ମହିଳା ନେତୃମଣ୍ଡଳୀ ଏବଂ ବହୁ ବିଜୁ ପ୍ରେମୀ ଉପସ୍ଥିତ ଥିଲେ ।

# ଦୈନିକ ଖବର କାଗଜ ତୀର୍ଥକ୍ଷେତ୍ରର ସାଧାରଣ ବୈଠକ




ପୁରୀ ଅଫିସ,୨୬/୧୨ : ଓଡ଼ିଶାର ଅଗ୍ରଣୀ ଦୈନିକ ଖବର କାଗଜ ତୀର୍ଥକ୍ଷେତ୍ରର ୩୦ ଜିଲ୍ଲାର ସାମ୍ବାଦିକ ମାନଙ୍କୁ ନେଇ ଏକ ସାଧାରଣ ବୈଠକ ମଙ୍ଗଳବାର ଦିନ ମାର୍କଣ୍ଡେଶ୍ୱର ମନ୍ଦିର ପରିସରରରେ ଥିବା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଖବର କାଗଜର ପ୍ରକାଶକ ଜ୍ୟୋତି ପ୍ରକାଶ ଜେନା ଅଧ୍ୟକ୍ଷତା କରି କହିଲେ ସତ୍ୟ ଓ ନିରପେକ୍ଷ ସମ୍ବାଦ ପରିବେଷଣ ସହ ଜନସାଧାରଣଙ୍କ ସମସ୍ୟାକୁ ସଠିକ ଉପସ୍ଥାପନ କରିବା ପାଇଁ ସାମ୍ବାଦିକମାନଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ନିମନ୍ତ୍ରିତ ଅତିଥି ଭାବେ ଶ୍ରୀମନ୍ଦିର ବରିଷ୍ଠ ସେବାୟତ ଗୋପାଳଚନ୍ଦ୍ର ଖୁଂଟିଆ, ଜଗନ୍ନାଥ ଖୁଂଟିଆ ଓ ମଧୁସୂଦନ ସିଂହାରୀ ଯୋଗ ଦେଇଥିଲେ । ଖବର କାଗଜର ବ୍ୟାପକ ପ୍ରସାରଣ ଓ ସାମ୍ବାଦିକ ମାନଙ୍କ ସମସ୍ୟା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ପୁରୀ ପ୍ରତିନିଧି ସୁଧାଂଶୁ ଖେଖର କର ସଭା ପରିଚାଳନା ଓ ସଂଯୋଜନା କରିଥିଲେ । ଲକ୍ଷ୍ମୀନାରାୟଣ ଜେନା, ସୂର୍ଯ୍ୟନାରାୟଣ ଜେନା, ରବି ନାରାୟଣ ଜେନା, ଶିବ ମହାପାତ୍ର ଓ ଅନ୍ୟମାନେ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି ବୈଠକରେ ଯୋଗ ଦେଇଥିବା ସାମ୍ବାଦିକମାନେ ସେମାନଙ୍କ ସମସ୍ୟା ଓ ଖବର ସଂଗ୍ରହ ସମସ୍ୟା ସମ୍ପର୍କରେ ମତ ପ୍ରକାଶ କରିଥିଲେ । ଶେଷରେ ମହାପ୍ରସାଦ ସେବନ କରାଯାଇଥିଲା ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ନିମନ୍ତ୍ରଣ ପତ୍ର ବଣ୍ଟନ



ପୁରୀ ଅଫିସ, ୨୬/୧୨ : ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭବ୍ୟ ପ୍ରତିଷ୍ଠା ପୂଜା ଓ ଲୋକାର୍ପଣ ଆସନ୍ତା ଜାନୁୟାରୀ ମାସ ୧୭ ତାରିଖରେ ଅନୁଷ୍ଠିତ ହେବ । ଏଥିପାଇଁ ରାଜ୍ୟ ସରକାରଙ୍କ ପରାମର୍ଶ କ୍ରମେ ଶ୍ରୀମନ୍ଦିର ପ୍ରଶାସନ ଓ ପୁରୀ ଜିଲ୍ଲା ପ୍ରଶାସନ ନିମନ୍ତ୍ରଣ ପତ୍ର ବଣ୍ଟନ ଆରମ୍ଭ କରିଛନ୍ତି । ଆଜି ପୂର୍ବାହ୍ନରେ ନୀଳାଦ୍ରି ଭକ୍ତ ନିବାସ ଠାରୁ ରାଜ୍ୟ ବାହାରକୁ ୧୭ ଗୋଟି ଓ ରାଜ୍ୟ ଭିତରେ ୧୩ ଗୋଟି ଟିମ ନିମନ୍ତ୍ରଣ ପତ୍ର ବଣ୍ଟନ ଯାତ୍ରାର ଶୁଭାରମ୍ଭ କରିଛନ୍ତି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ଜିଲ୍ଲାପାଳ ସମର୍ଥ ବର୍ମା, ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ର୍ନିବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲ୍ଲାପାଳ ଭବ ତାରଣ ସାହୁ, ଶ୍ରୀମନ୍ଦିର ପରିଚ୍ଚଳନା କମିଟିର ସମସ୍ତ ସଦସ୍ୟ, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ନିମନ୍ତ୍ରଣ ପତ୍ର ବଣ୍ଟନ ଯାତ୍ରାରେ ସାମିଲ ଥିବା ସେବାୟତ ଓ ଅଧିକାରୀ ମାନଙ୍କୁ ସଫଳ ଯାତ୍ରାର ଶୁଭେଚ୍ଛା ଜଣାଇଥିଲେ । ଦିଲ୍ଲୀ, କୋଲକାତା, ଚେନ୍ନାଇ ମଦୁରାଇ, ବନାରସ, ବିଶାଖାପାଟଣା, ଜାମ୍ମୁ, ତ୍ରୀଭେନ୍ଦ୍ରମ, କାଠମାଣ୍ଡୁ, ଡେରାଡୁନ, ଅହମଦାବାଦ, ମୁମ୍ବାଇ, ବିଜୟୱାଡା ତିରୁଅନନ୍ତପୁରମ, ଇନ୍ଦୋର, ନାସିକ ଓ ଝାଡଖଣ୍ଡକୁ ଏହି ୧୭ଟି ଟିମ ଗସ୍ତ କରି ସେଠାର ଥିବା ପ୍ରମୁଖ ମନ୍ଦିର ମାନଙ୍କରେ ପହଞ୍ଚି ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ର ନିମନ୍ତ୍ରଣ ପତ୍ର ପ୍ରଦାନ ସହ ଉତ୍ସବରେ ଯୋଗ ଦେବା ପାଇଁ ଆମନ୍ତ୍ରଣ କରିବେ । ସେହିପରି ରାଜ୍ୟ ଭିତରର ସମସ୍ତ ୩୦ ଜିଲ୍ଲାକୁ ୧୩ ଟି ଦଳ ମାଧ୍ୟମରେ ସମ୍ପୃକ୍ତ ଜିଲ୍ଲା ମାନଙ୍କର ପ୍ରମୁଖ ମନ୍ଦିରର ମୁଖ୍ୟ ମାନଙ୍କୁ ପୁରୀ ଆଗମନ ଓ ଲୋକାର୍ପଣ ଉତ୍ସବ ରେ ଯୋଗ ଦାନ ପାଇଁ ମଧ ନିମନ୍ତ୍ରଣ କରିବେ । ପରେ ସମସ୍ତ ସେବାୟତ ଓ ଅଧିକାରୀ ମାନେ ଲିଙ୍ଗରାଜ ମନ୍ଦିରରେ ପହଞ୍ଚି ମହାପ୍ରଭୁ ଲିଙ୍ଗରାଜଙ୍କୁ ନିମନ୍ତ୍ରଣ କରିଥିଲେ । ଏହା ପରେ ନବୀନ ନିବାସ କୁ ଯାଇ ମୁଖ୍ୟମନ୍ତ୍ରୀ ଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇଥିଲା । ଆଜି ମୁମ୍ବାଇ, ମଦୁରାଇ, ନିଉଦିଲ୍ଲୀ, ଅହମଦାବାଦ, କୋଲକାତା, ଚେନ୍ନାଇ, ବନାରସ, ବାଙ୍ଗାଲୋର, ଇନ୍ଦୋର, ତିରୁଅନନ୍ତପୁରମ ଅଭିମୁଖେ ନିମନ୍ତ୍ରଣ ପତ୍ର ପ୍ରଦାନକାରୀ ଟିମ ଗସ୍ତ କରିଛନ୍ତି । ଅନ୍ୟ ଟିମ ମାନେ ଆସନ୍ତା କାଲି ସେମାନଙ୍କ ଲକ୍ଷ୍ୟ ସ୍ଥଳକୁ ଯାତ୍ରା କରିବେ । ଏହି ଯାତ୍ରା ସମୟରେ ପାରମ୍ପରିକ ସଂକୀର୍ତ୍ତନ, ଶଙ୍ଖ ଧ୍ୱନି ମାଧ୍ୟମରେ ସ୍ୱାଗତ ଓ ବିଦାୟ ଦିଆଯାଇଥିଲା ।

# ବିଜୁ ଜନତା ଦଳର ୨୭ ତମ ପ୍ରତିଷ୍ଠା ଦିବସ ପାଳିତ

ଖୋର୍ଦ୍ଧା : ବିଜୁ ଜନତା ଦଳର ୨୭ ତମ ପ୍ରତିଷ୍ଠା ଦିବସ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ଅଧ୍ୟକ୍ଷତାରେ ଜୟୀ ରାଜଗୁରୁ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାନ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାନ ସମ୍ପର୍କରେ ଆଲୋକପାତ କରିଥିଲେ ।



ଅନ୍ୟତମ ଅତିଥି ଭାବରେ ବିଜୁ ମହିଳା ଜନତା ଦଳ ରାଜ୍ୟ ବରିଷ୍ଠ ଉପ- ସଭାପତି ଶ୍ରୀମତୀ ବାସନ୍ତୀ ମହାପାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଗୁଡିକ ସମ୍ପର୍କରେ ଆଲୋଚନା କରିବା ସହିତ ସେଗୁଡିକୁ ଜନ ସାଧାରଣଙ୍କ ଅବଗତି ନିମନ୍ତେ ପ୍ରତି ଘରେ ଘରେ ପହଞ୍ଚେଇବାକୁ ଉପସ୍ଥିତ ଥିବା ବିଜେଡି କର୍ମୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ଆସନ୍ତା ୨୦୨୪ ସାଧାରଣ ର୍ନିବାଚନରେ ପୁନର୍ବାର ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଭାବରେ ଗାଦିସୀନ କରାଇବା ସହିତ ୫ଟି ଅଧକ୍ଷ ଭି. କେ. ପାଣ୍ଡିଆନଙ୍କ ସ୍ୱପ୍ନକୁ ସାକାର କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜ଼ିଲ୍ଲା ପରିଷଦ ସଭାପତି ରୁପ ଶ୍ରୀ ରାଣୀ ଗୁମାନ ସିଂହ, ପୌର ପରିଷଦ ଅଧକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଉପାଧକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, ବିଜୁ ଜନତା ଦଳ ଖୋର୍ଦ୍ଧା ଜ଼ିଲ୍ଲା ଉପ ସଭାପତି, ସାଧାରଣ ସମ୍ପାଦକ ଲଳିତ ମୋହନ ମହାପାତ୍ର, ନଗର ସଭାପତି ମହମ୍ମଦ ଆରିଫ, ଖୋର୍ଦ୍ଧା ପଂଚ୍ଚୟତ ସମିତି ଉପାଧକ୍ଷ ପ୍ରକାଶ ସାମନ୍ତରାୟ, ପୂର୍ବତନ ଖୋର୍ଦ୍ଧା ଜ଼ିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଦଳେଇ ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାରଙ୍କ ସୁଶାନ ସମ୍ପର୍କ ରେ ନିଜ ନିଜ ବକ୍ତବ୍ୟରେ କହିଥିଲେ ।

# ହରିହର ଉଚ୍ଚ ବିଦ୍ୟାଳୟ ଓ ଆସିକା ବିଜ୍ଞାନ ମହାବିଦ୍ୟାଳୟ ପ୍ରାକ୍ତନ ଛାତ୍ରଙ୍କ ବନ୍ଧୁମିଳନ

ଆସିକା ୨୬/୧୨ : ହରିହର ଉଚ୍ଚ ବିଦ୍ୟାଳୟ, ଆସିକା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ୧୯୮୮, ୧୯୯୦ ଏବଂ ୧୯୯୩ ବ୍ୟାଚ୍‌ର ପ୍ରାକ୍ତନ ଛାତ୍ର ଗତ ରବିବାର ଓ ସୋମବାର (ଡିସେମ୍ବର ୨୪-୨୫ ତାରିଖ) ଦୁଇ ଦିନ ଧରି 'ଶ୍ରୀ କ୍ଷେତ୍ର' ଧାମ ପୁରୀ ସହର ମଧ୍ୟରେ ବନ୍ଧୁମିଳନ ବୈଠକ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରସ୍ତୁତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଦୁଇଜଣ ମୁଖ୍ୟ ସଂଯୋଜକ ପ୍ରାକ୍ତନ ଛାତ୍ର ଶ୍ରୀ ସୁଧାଂଶୁ କୁମାର ବିଷୋୟୀ ଏବଂ ଶ୍ରୀ ପ୍ରିୟବ୍ରତ ପାଣିଗ୍ରାହୀଙ୍କ ଦ୍ୱାରା ସମ୍ଭବପର ହୋଇପାରିଥିଲା । ଏହି ବ୍ୟାଚ୍‌ର ପ୍ରାୟ ୪୦ ଜଣ ଛାତ୍ର ଉପସ୍ଥିତ ଥିଲେ । ବନ୍ଧୁମିଳନ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଯେଉଁ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଶୈକ୍ଷିକ ପରିବେଶରେ ଏବଂ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକାଙ୍କ ଛତ୍ରଛାୟାରେ ଏବଂ ଆଶିଷରେ ନିଜର ସୁଚ୍ଚରିତ୍ରିକ, ଆଧ୍ୟାତ୍ମିକ, ନୈତିକ, ଲୌକିକ, ଉତ୍ତମ ନାଗରିକ ତଥା ଭବିଷ୍ୟତ ଜୀବନକୁ ସାଉଁଟି ପାରିଛନ୍ତି ସେହି ମହାମନ୍ୟା ଗୁରୁ ଏବଂ ଗୁରୁମା ମାନଙ୍କ ସ୍ମୃତିଚ୍ଚରଣ କରିବା ଏବଂ ସେହି ଶୈକ୍ଷିକ ଅନୁଷ୍ଠାନର ସର୍ବାଙ୍ଗିନ ଉନ୍ନତିରେ ବଦ୍ଧପରିକର ହେବା । ଅନେକ ଦିବଙ୍ଗତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ଏବଂ ସଂପ୍ରତି ଜୀବନ ଚଲାପଥରେ ଉଦ୍ଜୀବିତ ଥିବା ଏବଂ ଅବସର ପ୍ରାପ୍ତ ଜୀବନ ଅତିବାହିତ କରୁଥିବା ଗୁରୁ ଏବଂ ଗୁରୁମାମାନଙ୍କ ଆଶୀର୍ବାଦ ଭିକ୍ଷା କରି ସେମାନଙ୍କ ଦୀର୍ଘାୟୁ ଜୀବନର କାମନା କରାଯାଇଥିଲା । ପ୍ରାୟ ଦୀର୍ଘ ୩୫ ବର୍ଷ ତଳର ଛାତ୍ର ଜୀବନର ଅଭୁଲା ସ୍ମୃତିକୁ ପୁନର୍ବାର ସ୍ମୃତିଚ୍ଚରଣକରି ନିଜ ନିଜକୁ ହଜାଇ ଦେଇ ସଭିଏଁ ଜଗତରନାଥ ପ୍ରଭୁ ଜଗନ୍ନାଥଙ୍କ ଶଙ୍ଖ କ୍ଷେତ୍ରରେ ଏକାକାର ହୋଇଯାଇଥିଲେ । ସମସ୍ତ ପ୍ରାକ୍ତନ ଛାତ୍ର ଗୁରୁଜନଙ୍କ କୃପାରୁ ସମାଜରେ ଜଣେ ଜଣେ ପ୍ରତିଷ୍ଠିତ ନାଗରିକ ଏବଂ ଭଲ ମଣିଷଟିଏ ହୋଇପାରିଛନ୍ତି ଏବଂ ନିଜ ମାଟି ତଥା ଦେଶମାତୃକାର ସେବାରେ ନିଜକୁ ନିୟୋଜିତ କରିପାରିଛନ୍ତି । ସେହି ଲବ୍ଧପ୍ରତିଷ୍ଠିତ, ସୁନାମଧନ୍ୟ ଏବଂ ଦେଶର ବିକାଶନ୍ମୋଖୀରେ ନିଜକୁ ହଜାଇ ଦେଇଥିବା ଉପସ୍ଥି ପ୍ରାକ୍ତନ ଛାତ୍ରମାନଙ୍କ ନାମ ଗୁଡିକ ହେଲା ସର୍ବଶ୍ରୀ ତରୁଣ କୁମାର ଦାଶ, ପ୍ରଶାନ୍ତ କୁମାର ସାହୁ, ସନ୍ତୋଷ କୁମାର ପଣ୍ଡିତ, ୟୁ. ତ୍ରିପତି ବାଲାଜୀ ଦୋରା, ଦେବାଶିଷ ସାହୁ, ସଞ୍ଜୀବ କୁମାର ସୁବୁଦ୍ଧି, ସୁନିଲ କୁମାର ରାଉତ, ସତ୍ୟବ୍ରତ ସାହୁ, ଏସ୍. ସୁଜିତ୍ କୁମାର ପୃଷ୍ଟି, ଏସ୍. ମହେଶ୍ କୁମାର ପୃଷ୍ଟି, ଟି. ସଞ୍ଜୀବ କୁମାର ପାତ୍ର, ଟି. ଦୀପକ କୁମାର ପାତ୍ର, ଡ. ଅରୁଣ କୁମାର ପାତ୍ର, ଅନିଲ କୁମାର ପାତ୍ର, ଡ. ଅନିଲ୍ କୁମାର ଦାଶ, ଆନ୍ତୁ ଦାଦା ଗଡ଼ଘେ, ଗିରି ଆଚ୍ଚରୀ, ଚିଦାନନ୍ଦ ଆଚ୍ଚରୀ (ମନ୍ତ୍ରୀ), ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଅକ୍ଷୟ କୁମାର ନାୟକ, ନିରୋଜ କୁମାର ସାହୁ, ଶୁକାନ୍ତ କୁମାର ପଣ୍ଡା, ବାଲାକ୍ରୀଷ୍ଣା ପାତ୍ର, ରଜତ କୁମାର ଦାଶ, ରାଜୀବ ଲୋଚନ ଦାଶ, ଶିଦ୍ଧାର୍ଥ ଚରଣ ଜେନା, ମନୋଜ କୁମାର ଦାଶ, ପ୍ରଭାତ ରଞ୍ଜନ ଜେନା, ସରୋଜ କୁମାର ବେହେରା, ସୂର୍ଯ୍ୟନାରାୟଣ ସାହୁ, ନାରାୟଣ ପାତ୍ର, ସୁଜିତ କୁମାର ସାହୁ, ଅମ୍ବିକେଶ୍ କୁନାଲ ହୋତା, ବିଶ୍ୱରଞ୍ଜନ ପଟ୍ଟନାୟକ ଏବଂ ରାଜେଶ୍ କୁମାର ସାହୁ ।



# ପାରାଦୀପ ବିଜେଡି ପକ୍ଷରୁ ବିଜେଡି ପ୍ରତିଷ୍ଠା ଦିବସ ପାଳିତ



ପାରାଦୀପ : ପାରାଦୀପ ବିଜୁ ଜନତା ଦଳ ପକ୍ଷରୁ ଦଳର ୨୭ ତମ ପ୍ରତିଷ୍ଠା ଉତ୍ସବ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହୋଇଯାଇଛି । ପ୍ରାତଃ ସମୟରେ ଅଠର ବାଙ୍କୀ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଥିଲା । ପରେ ପରେ ପାରାଦୀପ ଆଦର୍ଶ ଥାନା ଛକରୁ ଏକ ଗଣଦୌଡ଼ ଆରମ୍ଭ ହୋଇ ବେଳାଭୂମି ସ୍ଥିତ ବିଜୁ ମିନାର ନିକଟରେ ପହଞ୍ଚିଥିଲାୟ ଏବଂ ଏଠାରେ ଆୟୋଜିତ ସଭାରେ ପାରାଦୀପ ବିଜେଡି ସଭାପତି ତଥା ପୌରାଧକ୍ଷ ବସନ୍ତ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ରାଜ୍ୟ ସମ୍ପାଦକ ତଥା ବରିଷ୍ଠ ଶ୍ରମିକ ନେତା ଶ୍ରୀ ସନ୍ତୋଷ କୁମାର ପଟ୍ଟନାୟକ, ଜଗତସିଂହପୁର ଜିଲ୍ଲା ବିଜେଡି ଉପ ସଭାପତି ଶ୍ରୀ ଜ୍ୟୋତିକାନ୍ତ ପରିଡା, ଜଗତସିଂହପୁର ଜିଲ୍ଲା ମହିଳା ବିଜେଡି ସଭାପତି ଶ୍ରୀମତୀ ସବିତା ମହାପାତ୍ରଙ୍କ ସମେତ ସମସ୍ତ ର୍ନିବାଚିତ ପାରିଷଦ ଓ ଛାମୁଆ କର୍ମୀ ଓ ମହିଳା କର୍ମୀ ମାନେ ଯୋଗ ଦେଇଥିଲେ । ଦଳୀୟ ସଙ୍ଗଠନକୁ ମଜଭୁତ କରି ଷଷ୍ଠ ଥର ପାଇଁ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ପାଇଁ ଦଳୀୟ ନେତୃ ମଣ୍ଡଳୀ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଗତକାଲି ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ସଭା ଗୃହରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ରକ୍ତଦାନ ଶିବିରକୁ ପୌରାଧକ୍ଷ ଶ୍ରୀ ବସନ୍ତ କୁମାର ବିଶ୍ୱାଳ, ସନ୍ତୋଷ କୁମାର ପଟ୍ଟନାୟକ ଓ ସବିତା ମହାପାତ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଶିବିରରେ ୧୧୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ରକ୍ତଦାନ ଶିବିରକୁ ଜ୍ୟୋତିକାନ୍ତ ପରିଡ଼ା, ଯୁବ ବିଜେଡି ସଭାପତି ଆଲୋକ ମହାପାତ୍ର, ଉଲ୍ଲାସ ବିଶ୍ୱାଳ ପ୍ରମୁଖ ପରିଚ୍ଚଳନା କରିଥିଲେ ।

# ନୂଆବର୍ଷ ଉପଲକ୍ଷେ ହୋଟେଲ ଏମ୍ପାୟାର୍ସ ପକ୍ଷରୁ ବଲିଉଡ଼ ଆର୍ଟିଷ୍ଟି ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ

ପାରାଦୀପ : ତାରକା ହୋଟେଲ ଏମ୍ପାୟାର୍ସ ପକ୍ଷରୁ ନୂଆବର୍ଷ ୨୦୨୪ ଉପଲକ୍ଷେ ଡିସେମ୍ବର ୩୧ ତାରିଖ ସନ୍ଧ୍ୟାରୁ ମଧ ରାତି ପର୍ଯ୍ୟନ୍ତ ସ୍ୱତନ୍ତ୍ର ମନୋରଞ୍ଜନ କାର୍ଯ୍ୟକ୍ରମ ଓ ଖାଦ୍ୟ ପାନୀୟର ବ୍ୟବସ୍ଥା କରାଯାଇଛି । ଇଣ୍ଡିଆନ ଆଇଡଲ ବିଜେତା ସୌରଭି ଦେବବର୍ମା, ବିଶିଷ୍ଟ ଗାୟକ ସୌମେନ ଚୌଧୁରୀ, ବଲିଉଡ ଗାୟକ ଆକାଶ ଓଝା, ଏବଂ ମଞ୍ଚ ସଞ୍ଚାଳନ କରିବେ ଓଲିଉଡ କଳାକାର ପୁପିନ୍ଦର ସିଂହ, ଏତଦବ୍ୟତୀତ ଲାଇଭ ଡ୍ୟାନ୍ସ ଓ ସୁମଧୁର ଅର୍କେରେଷ୍ଟା ଅନୁଷ୍ଠିତ ହେବ । ଗତ କାଲି ଅପରାହ୍ନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ହୋଟେଲ ଜେନେରାଲ ମ୍ୟାନେଜର ଶ୍ରୀ ସନ୍ତୋଷ କୁମାର ମିଶ୍ର ସବିଶେଷ ସୂଚନା ଦେଇଥିଲେ । ମ୍ୟାନେଜର — ପ୍ରମୁଖ ହୋଟେଲ ଏମ୍ପାୟାର୍ସର ଉନ୍ନତ ମାନର ଖାଦ୍ୟ ପାନୀୟ ସହିତ ନୂତନ ବର୍ଷ ଆଗମନ ଅବସରରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପ୍ରତ୍ୟେକ ଗ୍ରାହକ ମାନଙ୍କ ପାଇଁ ୪୯୯୯/ଏବଂ ଦମ୍ପତିଙ୍କ ପାଇଁ ୬୯୯୯/ଟିକେଟ ଏବଂ ୭ରୁ ୧୨ ବର୍ଷ ପିଲାଙ୍କ ପାଇଁ ୧୯୯୯ଟଙ୍କା ମୁଲ୍ୟ ରଖା ଯାଇଛି, ସେହିପରି ଗୋଟିଏ ରୁମ ସହିତ ବ୍ରେକ ଫାଷ୍ଟ ଲଞ୍ଚ ଓ ଡିନର ମୁଲ୍ୟ ୯୯୯୯ଟଙ୍କା ରଖାଯାଇଛି ବୋଲି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ସେଲସ ମ୍ୟାନେଜର ଏମ ଏମ ଖାନ, ଓ ମିଥୁନ ପଟ୍ଟନାୟକ ଉପସ୍ଥିତ ଥିଲେ । ପାରାଦୀପ ଅଞ୍ଚଳର ଗ୍ରାହକ ମାନଙ୍କ ପାଇଁ ବଲିଉଡ ଷ୍ଟାର ମାନଙ୍କୁ ଅଣାଯାଇଛି ଏବଂ ଏହାର ସୁଯୋଗ ନେବାକୁ ହୋଟେଲ ପକ୍ଷରୁ କୁହାଯାଇଛି ।



# ଅଟଳ ବିହାରୀ ବାଜପେୟୀଙ୍କ ୯୯ ତମ ଜୟନ୍ତୀ ଉତ୍ସବ ପାଳିତ

ପାରାଦୀପ : ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୯୯ ତମ ଜୟନ୍ତୀ ଉତ୍ସବ ନୂଆ ବଜାର ସ୍ଥିତ ଟ୍ରଷ୍ଟ ପରିସରରେ ଆୟୋଜିତ ଉତ୍ସବରେଖ୍ୟ ଅତିଥି ଭାବେ ପାରାଦୀପ ପୌରାଧକ୍ଷ ଶ୍ରୀ ବସନ୍ତ କୁମାର ବିଶ୍ୱାଳ, ମୁଖ୍ୟ ବକ୍ତା ଭାବେ ଶ୍ରୀ ଧୃତୀ ଧର ଦାସଯୋଗ ଦେଇଥିଲେ । ଟ୍ରଷ୍ଟର ଅଧ୍ୟକ୍ଷ ଶ୍ରୀ ଅଜିତ ଦାସଙ୍କ ପୌରହିତରେ ଆୟୋଜିତ ସଭାରେ ଟ୍ରଷ୍ଟର ଉପ ସଭାପତି ଶୈଳେନ୍ଦ୍ରି ସେନାପତି, ଆଡ଼ଭୋକେଟ କୈଳାଶ ସାହୁ ନାରୀନେତ୍ରୀ ମନୋରମା ଖୁଟୁଅ । ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ । ସଭା ପରିଚ୍ଚଳନା କରିଥିଲେ ଟ୍ରଷ୍ଟର ସମ୍ପାଦକ ଶ୍ରୀ ଅରୁଣ କୁମାର ସ୍ୱାଇଁୟ ନିମନ୍ତ୍ରିତ ଅତିଥି ମାନେ ବାଜପେୟୀଙ୍କ ଜୀବନୀ ଦେଶପ୍ରେମ ତ୍ୟାଗ, ବିରତ୍ୱ, ସାହିତ୍ୟ ସାମ୍ବାଦିକତା ଓ ଦେଶରେ ବିରଳ ନେତୃତ୍ୱର ସ୍ମୃତି ଚ୍ଚରଣ କରିବା ସହିତ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଟ୍ରଷ୍ଟ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ କୃତିତ୍ୱ ଅର୍ଜ୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ ।



# ସମ୍ପାଦକୀୟ

## ଆତ୍ମହତ୍ୟା ଓ ସଚେତନତା

ଆବହମାନ କାଳରୁ ନିଜକୁ ହତ୍ୟା କରିବାର ପ୍ରବଣତା ମନୁଷ୍ୟ ଭିତରେ ରହିଛି। ପ୍ରାୟ ସବୁ ଧର୍ମଶାସ୍ତ୍ରରେ ଆତ୍ମହତ୍ୟା ଏକ ମହାପାପ ଭାବେ ବିବେଚିତ ଏବଂ ନିଜକୁ ନିଜେ ହତ୍ୟା କରିବା ଯେ ଏକ ପ୍ରକୃତି ବିରୋଧୀ କାର୍ଯ୍ୟ, ତାହା ମଣିଷକୁ ସତର୍କ କରାଯାଇଛି। ବୌଦ୍ଧଧର୍ମ ମତରେ, ମନରେ ଉଠୁଥିବା କାମନାର ଅପୂରଣୀୟତାକୁ ନେଇ ଯେଉଁମାନେ ନୈରାଶ୍ୟ ଜାଲରେ ଛନ୍ଦି ହୋଇ ଆତ୍ମହତ୍ୟା କରନ୍ତି, ସେମାନେ କେବଳ କର୍ମଫଳ ଭୋଗ ଚକ୍ରରେ ବ୍ୟାହତ ସୃଷ୍ଟି କରନ୍ତିନି ବରଂ ନୀଚ ଯୋନିରେ ଜନ୍ମ ହୋଇ ଅଶେଷ ଦୁଃଖ ଭୋଗ କରିବା ନିମନ୍ତେ ସଂସାର ଚକ୍ରରେ ବାରମ୍ବାର ନିପତିତ ହୁଅନ୍ତି। ଫଳତଃ ଜନ୍ମ-ମୃତ୍ୟୁ-ଜରା-ବ୍ୟାଧିର ସଂସାର ଚକ୍ର ସେମାନଙ୍କ ପାଇଁ ଅସରନ୍ତି ପାଲଟି ଯାଏ। ଏପରିକି ଆମ ହିନ୍ଦୁ ଶାସ୍ତ୍ରରେ ଆତ୍ମହତ୍ୟା ନିଷେଧ ସମ୍ବନ୍ଧିତ ଅନେକ ଭୟଙ୍କର ପରିସ୍ଥିତିର ବ୍ୟାଖ୍ୟା ରହିଛି। ଏହା ସତ୍ୟ ଯେ ମନୁଷ୍ୟ ବ୍ୟତୀତ ଅନ୍ୟ କୌଣସି ଜୀବ ନିଜକୁ ହତ୍ୟା କରିବାର ଦୃଷ୍ଟାନ୍ତ ନାହିଁ। ପୂର୍ବାପେକ୍ଷା ଆଜିର ପ୍ରଯୁକ୍ତିବିଦ୍ୟାର ବଜାରଭିତ୍ତିକ ଆଧୁନିକ ସମାଜରେ ବେଶୀ ଆତ୍ମହତ୍ୟା ଦୃଷ୍ଟିଗୋଚର ହୁଏ। ଏବେ ଏକ ଆନ୍ତର୍ଜାତିକ ରିପୋର୍ଟ ଅନୁସାରେ ଭାରତରେ ୧୮ରୁ ୩୯ ବର୍ଷ ବୟସର ଲୋକମାନଙ୍କ ଭିତରେ ଆତ୍ମହତ୍ୟା ମୃତ୍ୟୁର ଏକ ଅଗ୍ରଗାମୀ କାରଣ ଭାବେ ଉଭା ହୋଇଛି। ଦେଶରେ ପ୍ରତିଦିନ ୬୩୦ଜଣ ଆତ୍ମହତ୍ୟା କରୁଥିବାବେଳେ ରିପୋର୍ଟ ପ୍ରକାଶ ପାଇବା ଦିନ ଜଣେ ୧୮ ବର୍ଷୀୟ ଇଞ୍ଜିନିୟରିଂ ଛାତ୍ର ଆତ୍ମହତ୍ୟା କରିଛି ଯିଏକି ତାର ଆତ୍ମହତ୍ୟା ଚିଠିରେ ଆତ୍ମହତ୍ୟାର କାରଣ 'ଇଞ୍ଜିନିୟରିଂ ଆଘାତ' ବୋଲି ଉଲ୍ଲେଖ କରିଛି। ଅଧିକାଂଶ ଯୁବକ ଆର୍ଥିକ ସମସ୍ୟା, ପାଠପଢ଼ାର ବୋଝ, ପରୀକ୍ଷାର ଚାପ, ବିଚ୍ଛିନ୍ନ ସମ୍ପର୍କ ଇତ୍ୟାଦି କାରଣ ଯୋଗୁଁ ଭାବପ୍ରବଣତାର ଶିକାର ହୋଇ ଜୀବନ ହାରି ଦିଅନ୍ତି। ୨୦୨୨ରେ ଘଟିଥିବା ସର୍ବମୋଟ ୨,୩୦,୩୧୪ ଆତ୍ମହତ୍ୟା ମଧ୍ୟରୁ ମହିଳାଙ୍କ ହାର ହେଉଛି ୭୧.୨ ଏବଂ ପୁରୁଷଙ୍କ ହାର ହେଉଛି ୫୭.୭ ପ୍ରତିଶତ। ସମଗ୍ର ପୃଥିବୀରେ ଯୁବ ସମ୍ପ୍ରଦାୟଙ୍କ କ୍ଷେତ୍ରରେ ଆତ୍ମହତ୍ୟା ସବୁଠାରୁ ଅଧିକ। ପୃଥିବୀର ସର୍ବମୋଟ ଜନସଂଖ୍ୟାର ୧୭.୮ ପ୍ରତିଶତ ଲୋକ ଭାରତରେ ବାସ କରନ୍ତି। କିନ୍ତୁ ପୃଥିବୀର ସର୍ବମୋଟ ଆତ୍ମହତ୍ୟାର ୩୬.୬ ପ୍ରତିଶତ ମହିଳା ଓ ୨୪.୩ ପ୍ରତିଶତ ପୁରୁଷ ଭାରତରେ ଆତ୍ମହତ୍ୟା କରନ୍ତି। ଭାରତରେ ଆତ୍ମହତ୍ୟା କ୍ଷେତ୍ରରେ ମହିଳାମାନଙ୍କ ଅନୁପାତ ହେଉଛି ୨:୧ ଯାହା ବିଶ୍ୱ ପରିସଂଖ୍ୟାନ ଠାରୁ ଅଧିକ କାହିଁକି ନା ସମଗ୍ର ବିଶ୍ୱରେ ବେଶୀ ପୁରୁଷ ଆତ୍ମହତ୍ୟା କରିଥାନ୍ତି। ଭାରତରେ ବେଶୀ ବିବାହିତା ମହିଳା ଆତ୍ମହତ୍ୟା କରନ୍ତି। ଏହା ଅବଶ୍ୟ ଚିନ୍ତାର ବିଷୟ। ପ୍ରତି ବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି 'ଆତ୍ମହତ୍ୟା ବନ୍ଦ କରିବା ପାଇଁ ସମ୍ମିଳିତ କାମ କରିବା'। ଏହି ସୁନ୍ଦର ସୃଷ୍ଟିରେ ମଣିଷ କାହିଁକି ନିଜକୁ ହତ୍ୟା କରେ, ତାହାର ଅନେକ କାରଣ ମନୋବିଜ୍ଞାନୀମାନେ ଦର୍ଶାଇଛନ୍ତି। ଏତଦ୍ ବ୍ୟତୀତ ଆଜିର ପ୍ରତିଯୋଗିତାମୂଳକ ସମାଜରେ ମଣିଷ ସିଜୋଫ୍ରେନିଆ, ବାଇପୋଲାର, ମାନସିକ ବ୍ୟର୍ଥତା ଭଳି ମାରାତ୍ମକ ମାନସିକ ରୋଗର ମଧ୍ୟ ବହୁ ମାତ୍ରାରେ ଶିକାର ହେଉଛି। ଏତାଦୃଶ ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ମଧ୍ୟରୁ ପ୍ରତ୍ୟେକ ଦଶ ଜଣରେ ଆତ୍ମହତ୍ୟା କରିଥାନ୍ତି। ଏଠାରେ ଉଲ୍ଲେଖନୀୟ, ଭାରତର ପୂର୍ବତନ ରାଷ୍ଟ୍ରପତି ବୈଜ୍ଞାନିକ ଏପିଜେ ଅବଦୁଲ କଲାମ ତାଙ୍କ ପୁସ୍ତକ ଭାରତ ୨୦୨୦ରେ ସତର୍କ ବାଣୀ ଶୁଣାଇ ଲେଖିଛନ୍ତି ଯେ ଭାରତ ନିଶ୍ଚିତ ଭାବରେ ଭବିଷ୍ୟତରେ ଏକ ବିକଶିତ ରାଷ୍ଟ୍ର ହେବ ଏବଂ ଶିଳ୍ପ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ଅଭୂତପୂର୍ବ ଅଗ୍ରଗତି କରିବ, କିନ୍ତୁ ବିକଶିତ ଭାରତରେ ଯେଉଁ କେତେକ ସମସ୍ୟା ଉତ୍କଟ ରୂପ ଧାରଣ କରିବ, ସେଥି ମଧ୍ୟରୁ ଆତ୍ମହତ୍ୟା ଅନ୍ୟତମ। ଉକ୍ତ ପୁସ୍ତକରେ ଦର୍ଶାଯାଇଛି ଯେ ଏଭଳି ପରିସ୍ଥିତିର ମୁକାବିଲା ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା ଓ ଭିତ୍ତିଭୂମିକୁ ଆଧାର କରି ଜୀବନଶୈଳୀକୁ ବିଶେଷକରି ଯୁବ ସମ୍ପ୍ରଦାୟଙ୍କ ମଧ୍ୟରେ ପୁନଃ ଜାଗ୍ରତ କରିବା ଭଳି ପଦକ୍ଷେପ ନେବାକୁ ପଡ଼ିବ। ଏହାର ଅର୍ଥ, ଭାରତର ମୂଳ ଶାସ୍ତ୍ର ବେଦ, ଉପନିଷଦ, ବେଦାନ୍ତ ମଣିଷକୁ କେବଳ ଆହାର, ନିଦ୍ରା, ମୈଥୁନର ଜୀବ ଭାବରେ ଦେଖିନାହିଁ ବରଂ ମହାଚେତନାର ଅଂଶ ଭାବେ ପ୍ରମାଣିତ କରିଛି ଯାହା ଏହି ଭୌତିକ ଜଗତକୁ ଅତିକ୍ରମ କରିବାର ସାମର୍ଥ୍ୟ ରଖିଛି। ମନୁଷ୍ୟର ଚେତନା ଯଦି ବ୍ୟକ୍ତିକୈନ୍ଦ୍ରିକ ଓ ଆକାଶଚୁମ୍ବୀ ଆଶା ସହିତ ଜଡ଼ିତ ହୁଏ, ତେବେ ତାର ଚେତନା ଦେହ, ମନ, ଇନ୍ଦ୍ରିୟ, ବୁଦ୍ଧି ଭଳି ନିମ୍ନ ସ୍ତରରେ ଅଟକି ଯିବା ସାର ହେବ ଯେଉଁଠି ନୈରାଶ୍ୟ ଓ ମାନସିକ ଚାପ କବଳରେ ପଡ଼ିଯାଇ ଆତ୍ମହତ୍ୟାର ଶିକାର ହେବା ସହଜ ହେବ। ମୋଟ ଉପରେ କହିବାକୁ ଗଲେ, ପ୍ରତ୍ୟେକ ମନୁଷ୍ୟ ଆସ୍ତିକ ହେଉ ବା ନାସ୍ତିକ, ବୁଝିବା ଉଚିତ ଯେ ଜଡ଼ ଓ ଚେତନା ସମ୍ମିଶ୍ରିତ ଜୀବନ ପ୍ରକୃତିର ଏକ ଅବଦାନ ଯାହାକୁ ସଫଳତା ଓ ବିଫଳତାର ଦ୍ୱାହି ଦେଇ ଆମର ନଷ୍ଟ କରିବାର ଅଧିକାର ନାହିଁ। ଆଶା ଓ ନିରାଶା, ଦୁଃଖ ଓ ସୁଖର ଲୁଚକାଳି ଖେଳ ମଣିଷ ମନରେ ଘଟିବ ହିଁ ଘଟିବ। ସେସବୁ ଆବେଗ ସହିତ ନିଜକୁ ବାନ୍ଧି ହର୍ଷୋତ୍ଫୁଲ୍ଲତା କି ନୈରାଶ୍ୟରେ ନିଜକୁ ଭସାଇ ଦେବା ଉଚିତ ନୁହେଁ। ଆଜିର ଶିକ୍ଷା ପ୍ରଣାଳୀରେ ଏପରି ଦାର୍ଶନିକ ଭାବଧାରା ସାମିଲ ହେବା ଉଚିତ। ଭାରତରେ ବି ମେଣ୍ଟାଲ ହେଲ୍‌ଥ କେୟାର ଆକ୍ଟ - ୨୦୧୭ରେ ମାନସିକ ରୋଗର ନିରାକରଣ ପାଇଁ ବିଧି ବ୍ୟବସ୍ଥା ହୋଇଛି। ସେହି ଆଇନରେ ମନୋବିଜ୍ଞାନୀମାନଙ୍କ ପରାମର୍ଶ, ସାମାଜିକ କର୍ମୀଙ୍କ ନିଯୁକ୍ତି ଭଳି ଅନେକ ପ୍ରକାର ଉତ୍ତମ ବ୍ୟବସ୍ଥା ବି ରହିଛି। ତେବେ କେବଳ ଆଇନ ଭିତରେ ଏହାକୁ ସୀମିତ ରଖିଲେ ଚଳିବନି, ସେଗୁଡ଼ିକ କାର୍ଯ୍ୟକାରୀ ହେଲେ ହିଁ ଆତ୍ମହତ୍ୟାକୁ ଟାଳି ହେବ। ଏତଦ୍‌ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ନିଯୁକ୍ତି ଯେତେ ମାତ୍ରାରେ ଅଧିକ ହେବ, ସେତେ ମାତ୍ରାରେ ମହିଳାମାନଙ୍କ ଆତ୍ମହତ୍ୟା ପ୍ରବଣତାର ଅବସାନ ଘଟିବ ଯେମିତି ଚୀନରେ ସମ୍ଭବ ହୋଇଛି। ଆତ୍ମହତ୍ୟାକୁ ଏକ ଉତ୍କଟ ସାମାଜିକ ବ୍ୟାଧି ଭାବରେ ଆମକୁ ଗ୍ରହଣ କରିବାକୁ ହେବ। ଏଥିପାଇଁ ସରକାରଙ୍କ ଉପରକୁ କେବଳ ଦାୟିତ୍ୱ ଖସାଇ ଦେଇ ଆମେ ନିରବଦ୍ରଷ୍ଟା ସାଜିଲେ ଲାଭ ହେବନାହିଁ। ସରକାର, ମନୋବିଜ୍ଞାନୀ, ସାମାଜିକକର୍ମୀ, ମନସ୍ତାତ୍ତ୍ୱିକ ପରାମର୍ଶଦାତା, ଧାର୍ମିକ, ବ୍ୟକ୍ତିବିଶେଷ, ଦାର୍ଶନିକ, ବୁଦ୍ଧିଜୀବୀ ଓ ଶିକ୍ଷକଙ୍କ ଭଳି ବିଜ୍ଞଜନମାନେ ଏ ବାବଦରେ ସଚେତନତା ସୃଷ୍ଟି ପାଇଁ ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ସ୍ତରରେ ପ୍ରୟାସ କରିବା ଉଚିତ।

# ଜାତୀୟ ସମ୍ବଳ; ସୁରକ୍ଷା କ୍ଷେତ୍ରରେ ପ୍ରଭାବ ପକାଉଛି ଅବୈଧ ଅନୁପ୍ରବେଶ

**ସୁଧାଂଶୁ ପାତ୍ର**

ବେଆଇ ଇମିଗ୍ରେସନ୍ ତଥା ଅବୈଧ ଅନୁପ୍ରବେଶ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏହା ଏବେ କେବଳ ବେଙ୍ଗଲ ଓ ଆସାମ ପରି ରାଜ୍ୟର ସମସ୍ୟା ନୁହେଁ। ଭାରତର ଅଧିକାଂଶ ରାଜ୍ୟକୁ ବ୍ୟାପି ସାରିଛି ଅବୈଧ ଅନୁପ୍ରବେଶ। ଏହି ଅନୁପ୍ରବେଶ ଦେଶକୁ ଚିନ୍ତିତ କରିବା ସହ ସେହିସବୁ ରାଜ୍ୟରେ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି କରୁଛି। ମୁଖ୍ୟତଃ ଏହା ଭାରତୀୟ ସମ୍ବଳ ଉପରେ ପ୍ରଭାବ ତଥା ଚାପ ସୃଷ୍ଟି କରୁଛି ବୋଲି ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଧନଞ୍ଜୟ ଓ୍ୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ ଗଠିତ ୫ ଜଣିଆ ଖଣ୍ଡପୀଠ ତାଙ୍କ ଅନ୍ତରୀଣ ଆଦେଶରେ ଦର୍ଶାଇଛନ୍ତି। ଧାରା-୬-ଏ ସାମ୍ବିଧାନିକକୁ ଚ୍ୟାଲେଞ୍ଜ କରୁଥିବା ଯୁକ୍ତି ବିବାଦର ମୂଳକାରଣ ବୋଲି କହି ମାନ୍ୟବର ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ଏକ ସମ୍ପୂର୍ଣ୍ଣ ରିପୋର୍ଟ ମାଗିବା ସହ ଅଦାଲତଙ୍କର ଏହା ଉପରେ ତଥ୍ୟ ଭିତ୍ତିକ ସୂଚନ ପାଇବା ଉଚିତ ବୋଲି ଖଣ୍ଡପୀଠ ତାଙ୍କ ଆଦେଶରେ କହିଛନ୍ତି। ମାତ୍ର ସବୁଠାରୁ ବିଡ଼ମ୍ବନା ତଥା ଦୁଃଖର ବିଷୟଯେ, ଏହା ଉପରେ କୌଣସି ତଥ୍ୟଭିତ୍ତିକ ରିପୋର୍ଟ ନାଁ କେନ୍ଦ୍ର ସରକାର ନା ରାଜ୍ୟ ସରକାର କାହା ପାଖରେ ହେଲେ ନାହିଁ। ଏହି ପରିପ୍ରେକ୍ଷୀରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ଏହି ଆଦେଶ କିପରି କମ୍ପ୍ଲାଏ କରାଯିବ ତାହା ଏବେ କେନ୍ଦ୍ର ସରକାରଙ୍କ ମୁଣ୍ଡ ବିନ୍ଧାର କାରଣ।

ଅବୈଧ ଅନୁପ୍ରବେଶ ଏବେ ପ୍ରବଳ ମାତ୍ରାରେ ଜାରିରହିଛି। ବାଙ୍ଗଲାଦେଶୀଙ୍କୁ ବାଙ୍ଗଲାଦେଶରୁ ଆଣି ଭାରତରେ ବିଭିନ୍ନ ରାଜ୍ୟରେ ଅବସ୍ଥାବିତ କରିବାରେ ନିୟୋଜିତ ଦଲାଲ୍ ଏବେ କି ଭାରତରେ ସକ୍ରୀୟ ଅଛନ୍ତି ବୋଲି ଏନ୍.ଆଇ.ଏ ସ୍ପଷ୍ଟ କରିସାରିଛି। ଭାରତର ୧୦ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ରାଷ୍ଟ୍ରୀୟ ତଦନ୍ତକାରୀ ଏଜେନ୍ସି, ଏନ୍.ଆଇ.ଏ ପକ୍ଷରୁ ଚଢ଼ାଉ କରାଯାଇ ୫୦ରୁ ଅଧିକ ଦଲାଲଙ୍କ ଗିରଫଦାରୀ ପରେ ଅବୈଧ ଅନୁପ୍ରବେଶ ପ୍ରକ୍ରୀୟା ଜାରିରହିଛି ବୋଲି ସ୍ପଷ୍ଟ ହୋଇଛି। ଏନ୍.ଆଇ.ଏ ମଧ୍ୟ ଆହୁରି ଅଧିକ ତଥ୍ୟ ଦେବାକୁ ଯାଇ କହିଛି ଯେ, ଅନୁପ୍ରବେଶ କରାଉଥିବା ଦଲାଲ୍‌ଙ୍କର ନେଟୱାର୍କ ସାରା ଦେଶରେ କାର୍ଯ୍ୟ କରୁଛି ଏବଂ ବହୁ ଦ୍ରୁତଗତୀରେ ଗତିଶୀଳ ମଧ୍ୟ ହେଉଛି। ତ୍ରିପୁରା, ଆସାମ, ବେଙ୍ଗଲ, ଓଡ଼ିଶା, କର୍ଣ୍ଣାଟକ, ତାମିଲ୍‌ନାଡୁ, ତେଲେଙ୍ଗାନା, ହରିଆନା, ରାଜସ୍ଥାନ, ପଣ୍ଡିଚେରୀର ୫୫ଟି ସ୍ଥାନରେ ଚଢ଼ାଉ ବେଳେ ଏନ୍.ଆଇ.ଏକୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମିଳିଛି। ଦଲାଲଙ୍କ ଠାରୁ ବହୁ ନକଲି ଆଧାର, ପ୍ୟାନ୍‌କାର୍ଡ଼ ସହିତ ପରିଚୟ ସମ୍ପର୍କୀତ ଅନ୍ୟାନ୍ୟ ବହୁ କାଗଜପତ୍ର ମଧ୍ୟ ଏନ୍.ଆଇ.ଏକୁ ମିଳିଛି ବୋଲି ଏନ୍.ଆଇ.ଏ ପକ୍ଷରୁ ତଥ୍ୟ ରଖାଯାଇଛି। ଜମ୍ମୁକାଶ୍ମୀର ଠାରୁ ରାଜସ୍ଥାନ ଏପରିକି ଦକ୍ଷିଣ ଭାରତ ପର୍ଯ୍ୟନ୍ତ ଅବୈଧ ଅନୁପ୍ରବେଶକାରୀଙ୍କୁ ବିଭିନ୍ନ ସ୍ଥାନରେ ପରିଚୟ ପତ୍ର ସହ ଥଇଥାନ କରିବାରେ ସଫଳତା ଦଲାଲମାନଙ୍କ ହାତ କେତେ ଦୂର ଲମ୍ବିଛି ବୋଲି ମଧ୍ୟ ପ୍ରମାଣିତ କରୁଛି। ଏକ ବଳିଷ୍ଠ ନେଟୱାର୍କ ଏକ୍ଷେତ୍ରରେ ତୀବ୍ରଗତିରେ ଋଳିଛି ବୋଲି ସୂଚନା ଦେଉଛି।

ବାଙ୍ଗଲାଦେଶୀ ଅବୈଧ ଉପାୟରେ ଭାରତ ମଧ୍ୟକୁ ଅକ୍ଲେଶରେ ଅନୁପ୍ରବେଶ କରାଇ ଆସାମ ବେଙ୍ଗଲ ପରେ ଜାମ୍ମୁକାଶ୍ମୀରଠୁ ହାଇଦ୍ରବାଦ, ଚେନ୍ନାଇ ପର୍ଯ୍ୟନ୍ତ ଦଲାଲମାନେ ଅବସ୍ଥାପିତ କରାଇ ପାରୁଛନ୍ତି। ଏଥିରୁ ସ୍ପଷ୍ଟ ଭାବେ ଅନୁମାନ କରରିହେବ ଯେ, ଏଥିରେ ଏକ ବିରାଟ ବଡ଼ ଦଲାଲ ନେଟୱାର୍କ ରହିଛି। ଏମାନଙ୍କୁ ଏପ୍ରକାର ନାଗରିକତ୍ୱ ପ୍ରଦାନ କରି ଏଠାକାର ରାଜନୀତିରେ ପ୍ରବେଶ କରାଇବା ସହ ସରକାର ଗଠନ କ୍ଷେତ୍ରରେ ଭୋଟ୍ ବ୍ୟାଙ୍କ ରୂପେ କାର୍ଯ୍ୟ କରୁଛି ଓ ପ୍ରଶାସକଙ୍କର ମଧ୍ୟ ପ୍ରଚ୍ଛଦ ହାତ ରହିଛି ବୋଲି ଧରିବାକୁ ହେବ। ଫଳରେ ଭାରତୀୟ ରାଜନୀତିରେ ହଇଚଇ ସୃଷ୍ଟି କରିବା ପଛରେ ଏମାନଙ୍କର ପ୍ରମୁଖ ଭୂମିକା ରହୁଛି।

ଜାତୀୟ ରାଜନୀତି ସହ ଜାତୀୟ ସମ୍ବଳ ଓ ଜାତୀୟ ସୁରକ୍ଷା କ୍ଷେତ୍ରରେ ଅବୈଧ ଅନୁପ୍ରବେଶକାରୀଙ୍କ ପାଇଁ ବହୁ କୁପ୍ରଭାବ ପଡୁଛି। ଜାତୀୟ ସମ୍ବଳରେ ଏମାନେ ଭାଗିଦାର ସାଜୁଛନ୍ତି। ବିଭିନ୍ନ ଆତଙ୍କବାଦୀ କାର୍ଯ୍ୟକଳାପରେ ଏମାନଙ୍କ ଭୂମିକା ଜାତୀୟ ସୁରକ୍ଷାପାଇଁ ବିପଦସୃଷ୍ଟି କରୁଛି। ବିଦେଶରୁ ଆସୁଥିବା ବ୍ରାଉନ୍ ସୁଗାର, ଚରସ୍ ପରି ନିଶାଦ୍ରବ୍ୟର ବାହାକ ସାଜୁଛନ୍ତି ଏହି ଅନୁପ୍ରବେଶକାରୀ ବାଙ୍ଗଲାଦେଶୀ। ଯାହାର ମାତ୍ରାଧିକ ଘଟଣା ବିଗତ ଦିନରେ ଘଟିସାରିଛି ଏବଂ ପ୍ରମାଣ ମଧ୍ୟ ଦେଉଛି। ହରିଆଣାରେ ଘଟିଯାଇଥିବା ସାମ୍ପ୍ରଦାୟୀକ ହିଂସାରେ ରୋହିଙ୍ଗ୍ୟା ଅବୈଧ ଅନପ୍ରବେଶକାରୀଙ୍କ ହାତ ଥିବାର ସ୍ପଷ୍ଟ ସୂଚନା ମିଳିଛି। ଦିଲ୍ଲୀ ଦଙ୍ଗାରେ ମଧ୍ୟ ଏମାନଙ୍କ ହାତ ରହିଥିବା ଆଶଙ୍କା କରାଯାଇଛି। ଏହି ଜାତିର ଅବୈଧ ଅନୁପ୍ରବେଶକାରୀଙ୍କ ପ୍ରକୃତ ସଂଖ୍ୟା କେତେ ତାହା କହିବା ଅସମ୍ଭବ ବାଙ୍ଗଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା କେତେ ତାହା କହିବା ଅସମ୍ଭବ। ବାଙ୍ଗଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ୧ କୋଟି ପାଖାପାଖି କୁହାଯାଉଥିବା ବେଳେ ରୋହିଙ୍ଗ୍ୟାଙ୍କ ସଂଖ୍ୟା ୫୦ ରୁ ୭୦ ହଜାରୁ ଅଧିକ ବୋଲି କୁହାଯାଇଛି। ମିଆଁମାରରୁ ସିଧା ଆସି କିମ୍ବା ବାଙ୍ଗଲାଦେଶ ଦେଇ ଭାରତ ମଧ୍ୟରେ ଅବୈଧ ଭାବେ ବସବାସ କରୁଥିବା ଏହି ଜାତି ଭାରତ ପାଇଁ ବିପଦ। ମିଆଁମାର ଦେଇ କିଛି ଦିନ ତଳେ କିଛି ଚୀନ ଆଦିବାସୀ ସମ୍ପ୍ରଦାୟ ଲୋକ ମିଆଁମାର ବାଟରେ ଆସି ମିଜୋରାମରେ ବସବାସ କରୁଥିବା ସୂଚନା ଏନ୍.ଆଇ.ଏ ପାଖରେ ରହିଛି। ମିଆଁମାର ଦଇ ବହୁ ଚୀନି, କୁକି ସମ୍ପ୍ରଦାୟର ଲୋକ ଅବୈଧ ଅନୁପ୍ରବେଶକାରୀଙ୍କ ଏକ ବଡ଼ ସଂଖ୍ୟା ମଣିପୁରରେ ମଧ୍ୟ ରହିଛନ୍ତି। ତେଣୁ ଜାତୀୟ ସୁରକ୍ଷା କ୍ଷେତ୍ରରେ ଏମାନଙ୍କର ଉପସ୍ଥିତି ଏକ ବଡ଼ ବିପଦ ସୃଷ୍ଟି କରିବାର ଆଶଙ୍କା ରହୁଛି। ଅବୈଧ ଅନୁପ୍ରବେଶକାରୀ ଙ୍କ ହାତ ମଣପୁର ହଂସାରେ ରହଛି ବୋଲି ମଧ୍ୟ ରିପୋର୍ଟ ଆସୁଛି। ସେ ବାଙ୍ଗଲାଦେଶୀ ହୁଅନ୍ତୁ ବା ରୋହିତ୍ୟା ହୁଅନ୍ତୁ ବା ଶରଣାର୍ଥୀ ଏମାନଙ୍କୁ ନିଜନିଜ ଦେଶକୁ ପଠାଇବା ଭାରତ ସରକାରଙ୍କ ପାଇଁ ଏତେ ସହଜ ବ୍ୟାପାର ନୁହେଁ। ଯେତେବେଳେ ଏମାନଙ୍କୁ ନିଜନିଜ ଦେଶକୁ ପଠାଇବା ପ୍ରସ୍ତାବ ଆଲୋଚନାକୁ ଆସୁଛି ସେତେବେଳେ ସେହି ଆଲୋଚନା ଅଧାରୁ ସ୍ଥଗିତ ରହୁଛି। ଅନ୍ୟପକ୍ଷରେ ଯେତେବେଳେ ଏହି ପ୍ରସଙ୍ଗ ବା ଦାବୀ ଉଠୁଛି ସେତେବେଳେ ଆମେରିକା ଓ ୟୁରୋପ ଅବସ୍ଥାପିତ କେତେକ ମାନବାଧିକାର ସଂଗଠନ ପକ୍ଷରୁ ଘୋର ବିରୋଧୀ ସ୍ୱର ଉଠୁଛି। ଅବୈଧ ଅନୁପ୍ରବେଶକାରୀଙ୍କୁ ରୋକିବାକୁ ହେଲେ ସୀମାରେ ଥିବା ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାର ଆବଶ୍ୟକତା ରହିଛି। ଅନୁପ୍ରବେଶକାରୀ ପ୍ରବେଶ ପ୍ରତି ଅଧିକ ଦୃଷ୍ଟିଦେବା ଦରକାର ଯେପରି ଏହାର ସଂଖ୍ୟା ଆଉ ନବଢ଼େ। ଅନ୍ୟ ପକ୍ଷରେ ମାନ୍ୟବର ସୁପ୍ରିମପୋର୍ଟ ମାଗିଥିବା ରିପୋର୍ଟ ପଇଠ କରିବା ବା କମ୍ପ୍ଲାଏ କରିବା ଭାରତ ସରକାର ପକ୍ଷେ ଏକ କଷ୍ଟସାଧ୍ୟ କାର୍ଯ୍ୟ ତେଣୁ ୨୦୧୮ ଏବଂ ବିଗତରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ସମ୍ପର୍କ ହାସଲ କରାଯାଇଥିବା ରିପୋର୍ଟ ଆଧାରରେ ହିଁ ଆନୁମାନିକ ଆକଳନ କରି କୋର୍ଟକୁ ସନ୍ତୁଷ୍ଟ କରିବ ଭାରତ ସରକାର ନଚେତ୍ ଏନ୍.ଆଇ.ଆରର ସମୀକ୍ଷା ରିପୋର୍ଟ ଉପରେ ଭାରତ ସରକାରଙ୍କୁ ନିର୍ଭର କରବାକୁ ପଡ଼ିବ। କାରଣ ଏମାନଙ୍କ ଉପସ୍ଥିତି ଦିଲ୍ଲୀଦଙ୍ଗା ଦେଇ ମଣିପୁର ଅବା ପଞ୍ଜାବରେ ସେମାନଙ୍କ ସହଯୋଗ ଜାତୀୟ ସୁରକ୍ଷା ପ୍ରତିବିପଦ।

*୮୦୨ପାର୍ଟ, ଜୟଦେବ ବିହାର*

# ଦ୍ୱିଧାରୁଆ ଶପଥ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଦ୍ୱିଧାରୁଆ ଖଣ୍ଡା, ଛୁରୀ, ରେଜର, ବ୍ଲେଡ଼ ଅଛି। ଏମିତି ତ୍ରିଭୂଜାକାର ଶିଷମ୍ଭ ଦୁଇ ପଟକୁ ଲମ୍ବିବା ତୀର ବା ବର୍ଚ୍ଛାର ସମଦ୍ୱିବାହୁ ତ୍ରିଭୂଜକାର ଦ୍ୱିଧାର ତୀର ବା ବର୍ଚ୍ଛା ଫଳା ଅଛି। କିନ୍ତୁ ଦ୍ୱିଧାରୁଆ ଶପଥ ଅଛି ଏହା କେମିତି କେମିତି ଲାଗୁଛି। ଧାରୁଆ ଅସ୍ତ୍ରର ଏକଧାର ଆରୋହୀ ଦାର ଏକ ଧାର ଅବରୋହୀ ଧାର। ଏଥିରେ ସବୁ ଶପଥ କ୍ରିୟା ରହିଛି। ଶପଥ ପାଠକୁ ଘୋଷଣାନାମା ବି କୁହାଯାଇପାରେ। କୋର୍ଟରେ କୌଣସି ଅଭିଯୁକ୍ତ ସାକ୍ଷୀ ବିଚାରାଳୟକୁ ଗଲେ ଏକ ଧର୍ମ ପୁସ୍ତକକୁ ଛୁଆଇଁ ତାଙ୍କୁ ସର୍ବ ସମକ୍ଷରେ ଏପରି ଶପଥ ପାଠ କରାଯାଏ। ଯହିଁରେ ବ୍ୟକ୍ତି ବିଚାରାଳୟରେ ବିଚାରପତିଙ୍କ ଆଗରେ ଯାହା କହିବେ ସତ କହିବେ, ଏଥିରେ ଦ୍ୱିଧାର କଥା ଲୁଚିଛି, ବ୍ୟକ୍ତି ଏହି ଶପଥ ପାଠର ଗୁରୁତ୍ୱ ଜାଣେକି ନାହିଁ ଧର୍ମ ପୁସ୍ତକର ବସ୍ତାନୀକୁ ଛୁଇଁ ଯେଉଁ ଶପଥ ପାଠ କରୁଛନ୍ତି ବା ହଲପ କରୁଛନ୍ତି ତାର ପ୍ରକୃତ ଗୁରୁତ୍ୱ ଜାଣିଛନ୍ତି କି ନାହିଁ। ଅପରାଧି ମିଛକ ଆର ପାଶ କରିଥାଏ। ତେବେ ଏ ସ୍ଥଳରେ ପୁଣି ଏକ ମିଛ ବୟାନ ଦେଇପାରେ। ପୁଣି ପ୍ରାଣ ଆତଙ୍କରେ ମାଡ଼ ଭୟରେ କେହି ମିଛ କହି ଖସିବା ଚେଷ୍ଟା କରିଥିଲେ ବୁଝିବ ବର୍ତ୍ତମାନ ଯଦି ମୁଁ ସତ୍ୟ ଘଟଣା ଏଠାରେ ପ୍ରକାଶ କରେ କୋର୍ଟ ବାହାରେ ପୁନଃ ଆକ୍ରମଣକାରୀ ତାଙ୍କର ଚାମଚା ସେପରି ପ୍ରାଣାନ୍ତକ ଦଣ୍ଡ ଦେଲେ ତତ୍କାଳ କରିବି କଣ ? ଅତଏବ ଏଠାରେ ବି ମିଛ କହିବାରେ କେବଳ ହଲପ କରୁଛି କହି ରକ୍ଷା ମିଳିପାରେ।

ପୁଣି ଶପଥ ହଲପ ଘୋଷଣା ଏକ ପ୍ରକାର କରି ପରେ ନମାନିଲେ କଣ କିଛି ଲେଖା ରହିଛିକି ? ଏହା ଶ୍ରବଣର ଅଙ୍ଗ, ପାଟିର କଥା ଯୋଗୁ କଣ ହୋଇଯିବ ଯେ ? ଏଇ ହେଉଛି ଦ୍ୱିଧାର ଶପଥ। ଅଗ୍ନୀସାକ୍ଷୀରେ ବିବାହ କାର୍ଯ୍ୟ ସାଥି ଗ୍ରହଣ, ବନ୍ଧୁ ଗ୍ରହଣ କରାଯାଏ। ଦ୍ୱୀପ ସାକ୍ଷୀରେ ସ୍ୱାମୀର ପ୍ରଥମ ମିଳନ ହେଲେ ପରେ ମନ ଭଙ୍ଗ ହୋଇ ଅଗ୍ନୀସାକ୍ଷୀ ଦ୍ୱୀପ ସାକ୍ଷୀରେ କର ବିଧି ରହିଛି ତାହା ଅଣଦେଖା ହୁଏ ଏହା ବି ଦ୍ୱିଧାର ଶପଥ ହୋଇପାରେ। ମାଲିମକଦ୍ଦମା କୋର୍ଟ କଚେରୀରେ ନିଷ୍ପତି ପାଇଁ ମିଥ୍ୟାଶ୍ରୟ ଘଟଣା ପ୍ରବାହରେ ଯୋଡ଼ାଯାଏ। କୋର୍ଟରେ ଏକ ତାରିଖରେ ସର୍ବଦା ମାମଲା ବିଚାର ଶେଷ ହୁଏ ନାହିଁ। ଏ ମଧ୍ୟରେ ପକ୍ଷ ମାନେ ସାକ୍ଷୀ ସମୟ ପାଇଁ ମୂଳ ଅଭିଯୋଗରେ ବା ଅଭିଯୋଗ ମୁକ୍ତ ପାଇଁ ନୂଆ ନୂଆ ଭାବନା ମନରେ ପଚାରନ୍ତି ଯାହା ବିଚାରରେ ଭ୍ରାନ୍ତି ସୃଷ୍ଟିକରେ। ଅବଶ୍ୟ ସତ୍ୟ ଧରାପଡ଼େ ବେଳେ ବେଳେ ସତ୍ୟ ଧରା ନପଡ଼ିଲେ ବି ରାୟ ମିଳିଥାଏ। ଏଥିରେ ଦୁଇପକ୍ଷ ସାକ୍ଷୀଗଣଙ୍କ ଶପଥର ସତ୍ୟ ପାଳନ ଓ ଅସତ୍ୟ ଭାବ ଦୁଇଟି ଧାର ହୋଇଯାଏ। ଶପଥର ଏ ଦ୍ୱିଧାର ଅଛି ଏଥିରୁ ଜଣାପଡ଼େ।

ନେତା ଏ ପଦବୀ ଅଳଙ୍କୃତ ବେଳେ ଶପଥ ପାଠ କରନ୍ତି। ପଦବୀରେ ଅନେକ ଗୋପନ ସ୍ତର ଆଗକୁ ସାମ୍ନା କରିବାକୁ ପଡ଼ିପାରେ ଯାହା ସାର୍ବଜନୀନ କଲେ ରାଜନୈତିକ ସ୍ତରରେ ବିରୋଧିଙ୍କର ଏକ ଅସ୍ତ୍ର ହୋଇପାରେ। ଜନମତରେ ହୈଚୈ କରାଇପାରେ ଏମିତିକା ପ୍ରସଙ୍ଗ ଗୋପନ ପାଇଁ ଗୋପନୀୟତାର ଶପଥ ପାଠ କରିବାକୁ ହୁଏ। ଶପଥ ବେଳର ସମୟ ଓ ଭାବନା ଓ ସେମିତିକା ଗୋପନୀୟ ଭାବର ଭୋଗବଳ ଦୁଇଟି ମଧ୍ୟରେ ସତ୍ୟପାଠକୁ ସତ୍ୟ ରଖାଯିବା ହୋଇନଥାଏ। ***(କ୍ରମଶଃ)***

# ଜୀବନ ଚେତନାରେ ଭଗବତ ଗୀତା

**ଶରତ କୁମାର ସାହୁ**

*(ପୂର୍ବପ୍ରକାଶ ଉତ୍ତାରୁ)*

ବ୍ରହ୍ମ ବିଦ୍ୟା ଦ୍ୱାରା ଅର୍ନ୍ତଆତ୍ମାରେ ବ୍ରହ୍ମ ଭାବ ଜାଗ୍ରତ ହୋଇଥାଏ। ଗୀତା ମାହାତ୍ମ୍ୟ ବିଷୟରେ ଶ୍ରୀକୃଷ୍ଣ ପଦ୍ମ ପୁରାଣରେ କହିଛନ୍ତି ଯେ ଏ ଭବ ସାଗରର ବନ୍ଧନରୁ ମୁକୁଳିବା ନିମନ୍ତେ ଗୀତା ହିଁ ଏକମାତ୍ର ପବିତ୍ର ଗ୍ରନ୍ଥ। ଗୀତାର ଉଦ୍ଦେଶ୍ୟ ଈଶ୍ୱରଙ୍କ ଜ୍ଞାନ ବୋଲି ବିବେଚନା କରାଯାଇଥାଏ।

ଗୀତା ଏକ ପୂଣ୍ୟ ଗ୍ରନ୍ଥ, ଯାହା ଘରେ ଘରେ ପରିଚିତ। ଏହାକୁ ପୂଜା କରିବାର ବିଧି ମଧ୍ୟ ରହିଛି। ଭଗବାନ ଶ୍ରୀକୃଷ୍ଣ ମହାଭାରତ ଯୁଦ୍ଧଭୂମିରେ ଏହି ଗୀତା ଶଖା ଅର୍ଜ୍ଜୁନଙ୍କୁ ଶୁଣାଇଛନ୍ତି। ଆଜି ଦେଶରେ ଗୀତା ଜୟନ୍ତୀ ପାଳିତ ହେଉଛି। ଶ୍ରୀମଦ୍ ଭାଗବତ ଗୀତା ହେଉଛି ମହାଭାରତର ଅଂଶ। ଶ୍ରୀ ବ୍ୟାସଦେବ ହେଉଛନ୍ତି ଏହାର ସଙ୍କଳନ କର୍ତ୍ତା। ଶ୍ରୀକୃଷ୍ଣ ନିଜ ଉପଦେଶର ଅଧିକାଂଶ ଶ୍ଳୋକରେ ହିଁ କହିଥିଲେ ବ୍ୟାସଦେବ ତାହା ଅବିକଳ ଲିପିବଦ୍ଧ କରିଛନ୍ତି। ଯେଉଁ ଅଂଶ ସେ ଗଦ୍ୟରେ କହିଥିଲେ, ତାହା ବ୍ୟାସଦେବ ନିଜେ ଶ୍ଳୋକବଦ୍ଧ କହିଦେଇଛନ୍ତି, ତା'ସଙ୍ଗେ ସଙ୍ଗେ ସେ ଅର୍ଜ୍ଜୁନ, ସଞ୍ଜୟ ଏବଂ ଧୃତରାଷ୍ଟ୍ରଙ୍କ ବଚନକୁ ମଧ୍ୟ ନିଜ ଭାଷାରେ ଶ୍ଳୋକବଦ୍ଧ କରିଛନ୍ତି। ଗୀତାରେ ପ୍ରକୃତ ଶ୍ରୀକୃଷ୍ଣ କଥିତ ଶ୍ଳୋକ ସଂଖ୍ୟା ୬୨୦, ଅର୍ଜ୍ଜୁନ କଥିତ ଶ୍ଳୋକ ସଂଖ୍ୟା ୫୭, ସଞ୍ଜୟ କଥିତ ଶ୍ଳୋକ ସଂଖ୍ୟା ୬୭ ଏବଂ ଧୃତରାଷ୍ଟ୍ରଙ୍କ ଦ୍ୱାରା ଗୋଟିଏ ଶ୍ଳୋକ କଥିତ। ଏହି ୭୪୫ ଶ୍ଳୋକରେ ସଂପୂର୍ଣ୍ଣ ହୋଇଥିବା ଗୀତା ଗ୍ରନ୍ଥକୁ ଅଠର ଅଧ୍ୟାୟରେ ବିଭକ୍ତ କରି ମହାଭାରତର ଅଂଶ ଭାବେ ଯୋଗ କରିଛନ୍ତି। ଗୀତାର ୧୮ଟି ଅଧ୍ୟାୟ ହେଉଛି ୧୮ଟି ଯୋଗ। ପ୍ରଥମ ୬ ଅଧ୍ୟାୟରେ ନିଷ୍କାମ କର୍ମଯୋଗ, ଦ୍ୱିତୀୟ ୬ ଅଧ୍ୟାୟରେ ଭକ୍ତିଯୋଗ ଏବଂ ଶେଷ ୬ ଅଧ୍ୟାୟରେ ଜ୍ଞାନଯୋଗ ବର୍ଣ୍ଣନା କରାଯାଇଛି।

ଧର୍ମ-ଅଧର୍ମ, ସତ୍ୟ-ଅସତ୍ୟର ଯୁଦ୍ଧ ମହାଭାରତରେ କୌରବ ଏବଂ ପାଣ୍ଡବଙ୍କ ସେନା ପରସ୍ପରର ସାମ୍ନାସାମ୍ନି ଥିଲେ। ଅର୍ଜ୍ଜୁନଙ୍କ ସାରଥୀ ଭଗବାନ ଶ୍ରୀକୃଷ୍ଣ ରଥକୁ ଦୁଇ ସେନାଙ୍କ ମଧ୍ୟଭାଗକୁ ନେଇଗଲେ। ଅର୍ଜ୍ଜୁନ ଦେଖିଲେ ଯେ ତାଙ୍କ ସମ୍ମୁଖରେ ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ଏବଂ ତାଙ୍କ ଭ୍ରାତା, ସମ୍ପର୍କୀୟମାନେ ବିରୋଧୀ ପକ୍ଷରେ ଛିଡ଼ା ହୋଇଥିଲେ। ଅର୍ଜ୍ଜୁନ ସାହସ ହରାଇଲେ। ସେ ଶ୍ରୀକୃଷ୍ଣଙ୍କୁ କହିଲେ, ନିଜ ସ୍ୱଜନ ଏବଂ ନିର୍ଦ୍ଦୋଷ ସୈନିକଙ୍କ ହତ୍ୟା କରିବା ଫଳରେ ଯେଉଁ ମୁକୁଟ ହାସଲ ହେବ, ତାହା ମୋତେ କି ସୁଖ ପ୍ରଦାନ କରିବ ? ଅର୍ଜ୍ଜୁନ ସମ୍ପୂର୍ଣ୍ଣ ଭାବେ ଅବସାଦଗ୍ରସ୍ତ ହୋଇପଡ଼ିଥିଲେ। ସେ ନିଜ ଅସ୍ତ୍ରଶସ୍ତ୍ର କୃଷ୍ଣଙ୍କ ସମ୍ମୁଖରେ ଭୂମି ଉପରେ ରଖି ତାଙ୍କ ମାର୍ଗଦର୍ଶନ ମାଗିଲେ। ଏହି ସମୟରେ ଶ୍ରୀମଦ୍‌ଭାଗବତ ଗୀତାର ଜନ୍ମ ହୋଇଥିଲା। ଭଗବାନଙ୍କ ମୁଖ ନିସୃତବାଣୀକୁ ମହର୍ଷି ବେଦବ୍ୟାସ ଲିପିବଦ୍ଧ କରିଥିଲେ। ଏହା ହିଁ ଭଗବତ୍ ଗୀତା ଗ୍ରନ୍ଥର ରୂପ ନେଇଥିଲା। ଗୀତାର ଆଧାତ୍ମିକ ସିଦ୍ଧାନ୍ତ ସ୍ୱୟଂସିଦ୍ଧ। ବିଶ୍ୱର ଅନେକ ବିଦ୍ୱାନ ଗୀତାକୁ ଧର୍ମ, ଜ୍ଞାନ, ଭକ୍ତି, ଉପାସନା ଏବଂ କର୍ମର ଗୁଢ଼ଗମ୍ଭୀର ମୀମାଂସା ବିଷୟ ଉଲ୍ଲେଖ ଥିବା ଶ୍ରେଷ୍ଠ ଗ୍ରନ୍ଥ ବୋଲି ମାନିଛନ୍ତି। ଭାରତୀୟ ବେଦାଚାର୍ଯ୍ୟମାନେ ଏହାକୁ ଉପନିଷଦ ବୋଲି ମାନିଛନ୍ତି। ମହାଭାରତ ଯୁଦ୍ଧ କ୍ଷେତ୍ରରେ ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜ୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ କର୍ମଯୋଗର ପାଠ ପଢ଼ାଇ ତାଙ୍କୁ କର୍ମପ୍ରବୃତ୍ତ କରିଥିଲେ। ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ବୁଝାଇଥିଲେ ଯେ ମାନବ ଶରୀର ହେଉଛି ତାଙ୍କ ପାଇଁ ପ୍ରଥମ ଶତ୍ରୁ। ଅର୍ଜ୍ଜୁନ କେବଳ ସେହି ପାପୀ ଶରୀରର ଅନ୍ତ କରିବେ, ଆତ୍ମାର ନୁହେଁ। ମୃତ୍ୟୁବରଣ କରିବା ପରେ ସମସ୍ତ ଆତ୍ମା ସେହି ଅନନ୍ତ ଆତ୍ମାରେ ବିଲୀନ ହୋଇଯାଇଥାନ୍ତି। ଶରୀର କ୍ଷୟଶୀଳ, କିନ୍ତୁ ଆତ୍ମା ଅମର। ଆତ୍ମାକୁ କୌଣସି ପ୍ରକାରେ ନଷ୍ଟ କରାଯାଇପାରିବ ନାହିଁ। ଏହି ଅବସରରେ ଶ୍ରୀକୃଷ୍ଣ ପରମତତ୍ତ୍ୱଙ୍କ ସେହି ପ୍ରକୃତିର ଦର୍ଶନ ଅର୍ଜ୍ଜୁନଙ୍କୁ କରାଇଥିଲେ। ଭଗବାନଙ୍କ ଅନନ୍ତସ୍ୱରୂପରେ ସମଗ୍ର ବ୍ରହ୍ମାଣ୍ଡ ନିହିତ ଥିବା ଜାଣି ଅର୍ଜ୍ଜୁନଙ୍କର ହୃଦ୍‌ବୋଧ ହୋଇଥାଏ ଯେ ସେ ଯାହା କରିବାକୁ ଯାଉଛନ୍ତି, ସବୁକିଛି ବିଧି ନିର୍ଦ୍ଧାରିତ। ଗୀତାର ୧୮ଟି ଅଧ୍ୟାୟ ମାଧ୍ୟମରେ ଜୀବନର ସିଦ୍ଧ ସୂତ୍ର ସମଗ୍ର ମାନବ ଜଗତ ପାଇଁ ଭଗବାନ ଶ୍ରୀକୃଷ୍ଣ ପ୍ରଦାନ କରି ଯାଇଛନ୍ତି। ଏଥିରେ ଜ୍ଞାନ, କର୍ମ, ଭକ୍ତି, ରାଜବିଦ୍ୟା, ବିଭୂତି ଠାରୁ ମୋକ୍ଷର ମାର୍ଗ ସମ୍ପର୍କରେ ଉଲ୍ଲେଖ ରହିଛି। ଗୀତାର ଅମୃତ ଜ୍ଞାନ ହେଉଛି 'ହେ ଅର୍ଜ୍ଜୁନ। କେବଳ କର୍ମ ଉପରେ ତୁମର ଅଧିକାର ରହିଛି, ଫଳ ଉପରେ ନୁହେଁ। ଏଣୁ ଫଳର ଆଶା ନକରି କର୍ମ କର। କର୍ମ ନକରିବା ଲାଗି ମଧ୍ୟ ତୁମ ମନରେ ଆସକ୍ତି ଉତ୍ପନ୍ନ ନହେଉ। ବିଷୟର ଚିନ୍ତନ କରିବା ଦ୍ୱାରା ମନୁଷ୍ୟ ମନରେ ବସ୍ତୁବାଦୀ ଦୁନିଆ ପ୍ରତି ଆସକ୍ତି ଉତ୍ପନ୍ନ ହୋଇଥାଏ। ଯାହା କାମନାକୁ ଜନ୍ମ ଦେଇଥାଏ। ଏଥିରୁ କ୍ରୋଧ ଉତ୍ପନ୍ନ ହୋଇଥାଏ। କ୍ରୋଧରୁ ମୋହ ଏବଂ ମୋହ ସ୍ମୃତିଶକ୍ତିକୁ ଭ୍ରମିତ କରିଥାଏ। ସ୍ମୃତି ଲୋପ ପାଇଗଲେ ଉଚିତ-ଅନୁଚିତ୍ ବିଚାର କରୁଥିବା ବୁଦ୍ଧି ନଷ୍ଟ ହୋଇଯାଇଥାଏ। ବୁଦ୍ଧି ନଷ୍ଟ ହୋଇଗଲେ ସ୍ୱୟଂ ମନୁଷ୍ୟ ନଷ୍ଟ ହୋଇଯାଇଥାଏ। ଯେଉଁ ମୂଢ଼ବୁଦ୍ଧି ଇନ୍ଦ୍ରିୟକୁ ହଟପୂର୍ବକ ନିୟନ୍ତ୍ରଣ କରି ମନରେ ତାର ଚିନ୍ତନ କରିଥାଏ, ସେ ମିଥ୍ୟାଚାରୀ ହୋଇଥାଏ। କିନ୍ତୁ ଯିଏ ଇନ୍ଦ୍ରିୟକୁ ମନ ଦ୍ୱାରା ସଂଯମ କରିଥାଏ ସେ ନିରାସକ୍ତ ହୋଇଥାଏ। ଏହା ହିଁ କର୍ମଯୋଗର ଶ୍ରେଷ୍ଠ ଆଚାରଣ। ଯିଏ ଦ୍ୱେଷ ଭାବରୁ ମୁକ୍ତ ହୋଇଥାଏ, ନିସ୍ୱାର୍ଥୀ ହୋଇଥାଏ, ସମସ୍ତଙ୍କୁ ପ୍ରେମ କରିଥାଏ ଏବଂ ଦୟାଳୁ ତଥା ମମତାମୟ ହୋଇଥାଏ, ଅହଂକାର ମୁକ୍ତ ହୋଇଥାଏ, ସୁଖ-ଦୁଃଖରେ ସମାନ ଅନୁଭବ କରିଥାଏ ଏବଂ କ୍ଷମାଶୀଳ ହୋଇଥାଏ। ନିରନ୍ତର ସନ୍ତୁଷ୍ଟ ରହିଥାଏ। ମନ ଏବଂ ଶରୀରକୁ ନିଜ ନିୟନ୍ତ୍ରଣରେ ରଖି ଦୃଢ଼ ସଂକଳ୍ପବଦ୍ଧ ହୋଇଥାଏ, ସେଭଳି ଭକ୍ତ ମୋର ଅତିପ୍ରିୟ। ମନରେ ପ୍ରସନ୍ନତା, ଶାନ୍ତ ଭାବ, ଭଗବାନ ଚିନ୍ତନର ସ୍ୱଭାବ, ମନର ନିଗ୍ରହ ଏବଂ ଅନ୍ତଃକରଣ ଭାବନାର ପବିତ୍ରତାକୁ ମନ ସମ୍ବନ୍ଧୀୟ ତପ କୁହାଯାଏ।'

*ଉପକରଣ ହାଉସ, ଚଣ୍ଡୀଖୋଲ, ଯାଜପୁର*

## ରାଫିଆ ଇଣ୍ଡଷ୍ଟ୍ରିଜ ଲିମିଟେଡ ସୌର ଶକ୍ତି କ୍ଷେତ୍ରକୁ ପ୍ରବେଶ

# ୨୦୨୨-୨୩ ଆର୍ଥିକ ବର୍ଷରେ ରପ୍ତାନୀ କ୍ଷେତ୍ରରେ ୨୫% ବୃଦ୍ଧି

ଗାନ୍ଧୀନଗର, ୨୬।୧୨ (ନିପ୍ର) : ଏଚ୍‌ଡିପିଇ ତାରପଲିନ୍‌ସ୍‌, ପ୍ଲାଷ୍ଟିକ ସିଟିଂ ଏବଂ ଗ୍ରାଉଣ୍ଡ୍ ସିଟିଂ ଉତ୍ପାଦନକାରୀ ଓ ରପ୍ତାନିକାରୀ ଭାବରେ ଏକ ଅଗ୍ରଣୀ କମ୍ପାନୀ ଗୁଜରାଟ ରାଫିଆ ଇଣ୍ଡଷ୍ଟ୍ରିଜ ଲିମିଟେଡ (ଜିଆର୍‌ଆଇଏଲ୍‌) ସୌର ଶକ୍ତି କ୍ଷେତ୍ରକୁ ପ୍ରବେଶ କରୁଛି। ଏହାର ମୂଳ ବ୍ୟବସାୟକୁ ସମ୍ପ୍ରସାରିତ କରିବା ଏବଂ ରପ୍ତାନି କାରବାରରେ ପରିବ୍ୟାପ୍ତ କରିବା ସହିତ କମ୍ପାନୀ ସୌର ଶକ୍ତି କ୍ଷେତ୍ରକୁ ପ୍ରବେଶ ନିମନ୍ତେ ଯୋଜନା କରୁଛି। କମ୍ପାନୀର ୨୦୨୨-୨୩ ବର୍ଷର ବାର୍ଷିକ ରିପୋର୍ଟରେ କମ୍ପାନୀର ଯନ୍ତ୍ରପାତି ଏବଂ ସୌର ଶକ୍ତି ପ୍ଲାଂଟ୍ କ୍ରୟ ନିମନ୍ତେ ଋଣ ପରିମାଣ ବୃଦ୍ଧିକରିଛି। ୧୯୮୪ରେ ସ୍ଥାପିତ ଗୁଜରାଟ ରାଫିଆ ଇଣ୍ଡଷ୍ଟ୍ରିଜ ଲିମିଟେଡ ପିଇ ତାରପଲିନ, ପ୍ଲାଷ୍ଟିକ ସିଟିଂ, ଗ୍ରାଉଣ୍ଡ ସିଟିଂ, ଜିଓମେମ୍ବ୍ରେନ୍, ଟେଂଟସ୍, ସେଲ୍‌ଟରସ୍, ପଣ୍ଡ ଲାଇନିଂ, କେନାଲ ଲାଇନିଂ, ଫ୍ୟୁମିଗେସନ କଭର, ଏଚ୍‌ଡିପିଇ ଓଭନ ବ୍ୟାଗ୍‌ସ୍‌, ପିପି ଓଭନ୍ ବ୍ୟାଗ୍‌ସ୍‌, ଭର୍ମିବେଡ ଏବଂ ଦଉଡି ଆଦିର ଅନ୍ୟତମ ପ୍ରମୁଖ ଉତ୍ପାଦନକାରୀ ହୋଇଛି। କମ୍ପାନୀର କାରଖାନାରେ ସମସ୍ତ ସର୍ବାଧୁନିକ ଉତ୍ପାଦନ ସୁବିଧା ରହିଛି ଏବଂ ଉତ୍ତମ କାର୍ଯ୍ୟ ପରିବେଶ ନିମନ୍ତେ ସେଠାରେ ସମସ୍ତ ଶୀର୍ଷସ୍ତରୀୟ ଗୁଣାତ୍ମକ ପଦକ୍ଷେପ ନିଆଯାଉଛି। କମ୍ପାନୀ ତାରପଲିନ୍‌ସ୍‌, ଟେଂଟସ୍, ଜିଓମେମ୍ବ୍ରେନ, ଭର୍ମିବେଡ, ଆଗ୍ରୋ ସିଟ୍, ଫ୍ୟୁମିଗେସନ କଭର୍, ପିପି ବ୍ୟାଗସ୍ ଆଦି ଉତ୍ପାଦ ଯୋଗାଇ ଦେଉଛି ଏବଂ ସେଗୁଡିକ ବସ୍ତୁତଃ ପୂର୍ଣ୍ଣଭାବରେ ରକ୍ଷଣାବେକ୍ଷଣ ମୁକ୍ତ ଅଟେ। ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ କମ୍ପାନୀ ମୋଟ ୧୦.୩୩ କୋଟି ଟଙ୍କାର ରପ୍ତାନି କରିଛି, ଯାହା ୨୦୨୧-୨୨ ଆର୍ଥିକ ବର୍ଷରେ କରିଥିବା କାରବାର ପରିମାଣ ୮.୨୩ କୋଟି ଟଙ୍କା ତୁଳନାରେ ୨୫% ଅଧିକ। କମ୍ପାନୀର ରପ୍ତାନି ବୃଦ୍ଧି ନିମନ୍ତେ ସଫଳତାର ସହିତ ପଦକ୍ଷେପ ଆରମ୍ଭ କରିଛି ଏବଂ ମୋଟ ଉତ୍ପାଦର ୪୦%ରୁ ଅଧିକ ରପ୍ତାନି କରିବାକୁ ଲକ୍ଷ୍ୟ ରଖିଛି। କମ୍ପାନୀ ସମ୍ପ୍ରତି ଆମେରିକା, ବ୍ରିଟେନ, ଇସ୍ରାଏଲ, ୟେମେନ, ହଙ୍ଗେରୀ, ରୋମାନିଆ ଆଦି ରାଷ୍ଟ୍ରକୁ ରପ୍ତାନି କରୁଛି। କମ୍ପାନୀର ଏକ ସର୍ବାଧୁନିକ ଉତ୍ପାଦନ ସୁବିଧା ରହିଛି ଯାହା ସବୁଜିମାପୂର୍ଣ୍ଣ ଶିଳ୍ପାଂଚଳରେ ୨୬୦୦୦ ବର୍ଗ ଗଜ ପରିମିତ ଅଂଚଳରେ ଅବସ୍ଥିତ। ଏହି କାରଖାନା ନିକଟସ୍ଥ ସାମୁଦ୍ରିକ ବନ୍ଦର ସହିତ ଅତ୍ୟନ୍ତ ଭଲ ଭାବରେ ସଂଯୁକ୍ତ। ଉତ୍ପାଦନ କ୍ଷେତ୍ରରେ ବିଶ୍ୱଶ୍ରେଣୀର ପ୍ରଯୁକ୍ତି, ଗୁଣମାନ ନିୟନ୍ତ୍ରଣ ଏବଂ ଗବେଷଣା ଓ ବିକାଶକୁ ଉପଯୋଗ କରି କମ୍ପାନୀ ୧୯୮୪ରେ ସ୍ଥାପିତ ହେବା ଦିନଠାରୁ ଆମର ଉତ୍ପାଦ ବର୍ଗଗୁଡିକୁ ମଜଭୁତ କରିପାରିଛି। ଏଥିସହିତ କମ୍ପାନୀ ଅଧୁନାତମ ପରୀକ୍ଷଣ ଲାବୋରେଟୋରୀ ଏବଂ ଆରଆଣ୍ଡଡି ସେଂଟରରେ ସୁସଜ୍ଜିତ, ଯାହା ଆମେ ଆମର ବହୁମୂଲ୍ୟ ଗ୍ରାହକଙ୍କୁ ଗୁଣାତ୍ମକ ଉତ୍ପାଦ ଯୋଗାଣ ସୁନିଶ୍ଚିତ କରିବ। ଏଚ୍‌ଡିପିଇ/ପିପିରେ ବୁଣାଯାଉଥିବା ସ୍ୟାକ୍/ବ୍ୟାଗ (ଅଖା/ଥଳୀ) ଶିଳ୍ପ, ମୋଟ ଉପରେ ଜୁଟ୍ ମାଣ୍ଡାଟୋରୀ ଆଣ୍ଡ ପ୍ୟାକେଜିଂ ଅର୍ଡରରେ କୋହଳ କରାଯିବା ଦ୍ୱାରା ଉପକୃତ ହେବ ଯାହା ଭାରତୀୟ ଖାଦ୍ୟ ନିଗମ ଏବଂ ଅନ୍ୟାନ୍ୟ ସଂସ୍ଥାକୁ ଏଚ୍‌ଡିପିଇ / ପିପି ବ୍ୟାଗ୍‌ରେ ଖାଦ୍ୟଶସ୍ୟ ପ୍ୟାକିଂ କରିବାକୁ ସମର୍ଥ କରାଇବ। ଏଚଡିପିଇ / ପିପି ବ୍ୟାଗ୍‌ସ୍ କ୍ଷେତ୍ର ଭାରତରେ ପ୍ୟାକେଜିଂ ପାଇଁ ସବୁଠାରୁ ବଡ କ୍ଷେତ୍ର ହୋଇଛି। ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ କମ୍ପାନୀ ମୋଟ ୪୧.୨୮ କୋଟି ଟଙ୍କା ଆୟ ଏବଂ ନେଟ୍ ୧.୦୩ କୋଟି ଟଙ୍କା ଲାଭ ଉପାର୍ଜନ କରିଛି। ୨୦୨୩ ସେପ୍ଟେମ୍ବର ସୁଦ୍ଧା ପ୍ରମୋଟରର ଗ୍ରୁପ୍ ହୋଲ୍‌ଡିଂ ପରିମାଣ ୩୯.୫୬ ପ୍ରତିଶତ ରହିଥିଲା। ଅର୍ଥନୈତିକ ମନ୍ଥର ଅବସ୍ଥା ସତ୍ତ୍ୱେ କମ୍ପାନୀର ସାର ଓ କୃଷି କ୍ଷେତ୍ରରେ ବେଶ୍ ଆକାରର ଉପସ୍ଥିତି ରହିଥିବା ଦୃଷ୍ଟିରୁ ଏହାର ଫଳାଫଳ ବହୁ ଭାବରେ ସକାରାତ୍ମକ ଓ ଉତ୍ତମ ହୋଇଛି। ଖାଦ୍ୟ ଶସ୍ୟ କ୍ଷେତ୍ରକୁ ଉନ୍ମୁକ୍ତ କରାଯିବା ଦ୍ୱାରା ବୁଣାଯାଉଥିବା ଅଖା ଶିଳ୍ପକୁ ଆଗାମୀ ଦିନରେ ସୁଦିନ ଦେଖିବାକୁ ସମର୍ଥ ହେବ। କାରଖାନାରେ କମ୍ପାନୀର ସମ୍ପ୍ରସାରଣ କାର୍ଯ୍ୟ ଶେଷ ହୋଇ ଉତ୍ପାଦନ କ୍ଷମତା ବୃଦ୍ଧି ଘଟିଛି। ତାରପଲିନ୍, ଫାବ୍ରିକ ଏବଂ ଅଖା ଆଦି ନିମନ୍ତେ ମଧ୍ୟ ଘରୋଇ ବଜାରରେ ଆମେ ଚାହିଦା ବୃଦ୍ଧି ଆଶା କରୁଛୁ।

## ଜନ୍ମ ତାରିଖ ଜାଲିଆତି କରି ସରକାରୀ ଚାକିରୀ ଅଭିଯୋଗ; ତଦନ୍ତ ଦାବି

**ନିଶ୍ଚିନ୍ତକୋଇଲି,(ନି.ପ୍ର):** ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡା ଗ୍ରାମପଂଚାୟତ ହଳଧରପୁର ଗ୍ରାମର ଜଣେ ବ୍ୟକ୍ତି ନିଜ ଜନ୍ମ ତାରିଖକୁ ଜାଲିଆତି କରି ସରକାରୀ ଚାକିରୀ କରିଥିବାର ଅଭିଯୋଗ ହୋଇଛି। ଏହାର ତଦନ୍ତ ଲୋକେ ଦାବି କରିଛନ୍ତି। ହଳଧରପୁର ଗ୍ରାମର କୃଷ୍ଣଚନ୍ଦ୍ର ପୁହାଣଙ୍କ ପୁତ୍ର ଦିଗମ୍ବର ପୁହାଣ ଗତ ୧୯୫୭ ମସିହା ଅକ୍ଟୋବର ୩ ତାରିଖ ଦିନ ଜନ୍ମ ଗ୍ରହଣ କରିଥିଲେ ବୋଲି ସୂଚନା ଅଧିକାରରେ ମଗାଯାଇଥିବା ତଥ୍ୟରୁ ଜଣାପଡିଛି। ମାତ୍ର ଶ୍ରୀ ପୁହାଣଙ୍କର ବର୍ତ୍ତମାନ ବୟସ ୬୬ ହୋଇଥିଲା ବେଳେ ସରକାରୀ କାଗଜପତ୍ରରେ ସେ ୫୭ ବୋଲି ଉଲେଖ କରିଛନ୍ତି। ଏପରିକି ଆଧାର ଭୋଟରପରିଚୟ ପତ୍ର ମଧ୍ୟ ଜାଲିଆତି କରାଯାଇଥିବାର ଅଭିଯୋଗ ହୋଇଛି। ଶ୍ରୀ ପୁହାଣ ତାଙ୍କର ସ୍କୁଲ ସାର୍ଟିଫିକେଟ ଜାଲିଆତିକରି ସରକାରୀ ଚାକିରୀ କରିଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।ସମ୍ପ୍ରତି ଶ୍ରୀ ପୁହାଣ ବ୍ରହ୍ମପୁର କୁକୁଡାଖଣ୍ଡି ତହସିଲରେ ଚାକିରୀ କରୁଥିବାର ଜଣାଯାଇଛି। ଏସମ୍ପର୍କରେ ସ୍ଥାନୀୟ ଲୋକେ ବ୍ରହ୍ମପୁର କୁକୁଡାଖଣ୍ଡି ତହସିଲ ଓ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ତେବେ ନିଜ ସ୍କୁଲ ସାର୍ଟିଫିକେଟକୁ ଜାଲିଆତି କରି ଶ୍ରୀ ପୁହାଣ ସରକାରୀ ଚାକିରୀରେ ଥାଇ ଲକ୍ଷ ଲକ୍ଷ ଟଙ୍କା ତହବିଲରୁ ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଏପରିକି ଶ୍ରୀପୁହାଣ ଚକବନ୍ଦୀ କାର୍ଯ୍ୟରେ ଥିବା ସମୟରେ ଅସଦ ଉପାୟରେ ନିଜ ପତ୍ନୀଙ୍କ ନାମରେ ବହୁ ସମ୍ପତି କ୍ରୟ କରିଥିଲାବେଳେ ପୁତ୍ର ନାମରେ ବହୁ ସମ୍ପତି କ୍ରୟ କରିଥିବାର ଅଭିଯୋଗ ହୋଇଛି। ଶ୍ରୀ ପୁହାଣଙ୍କ ନାମରେ ଜିଆର କେଶ ନଂ୪୦/୯୯, ୬୧୨/୨୦୦୯,ସିଭିଲ କେଶ ପାର୍ଟିସନ କେଶ ନଂ ୨୦୧/୨୦୦୮ ରହିଥିବାର ଲୋକେ ଅଭିଯୋଗ କରିଛନ୍ତି। ଶ୍ରୀ ପୁହାଣ ପ୍ରଥମେ ହଳଧରପୁର ନିମ୍ନ ପ୍ରାଥମିକ ବିଦ୍ୟାଳୟ, ଆଏଣ୍ଡା ଉପ୍ରା ସ୍କୁଲ, ଆଏଣ୍ଡା ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଅଧ୍ୟୟନ କରି ଝାଡେଶ୍ୱରପୁର ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ଝାଡେଶ୍ୱରପୁର ଉଚ୍ଚ ବିଦ୍ୟାଳୟରୁ ସୂଚନା ଅଧିକାର ତଥ୍ୟରୁ ମିଳିଥିବା ପ୍ରମାଣପତ୍ରରୁ ତାଙ୍କର ଜନ୍ମ ତାରିଖ ୧୯୫୭ ମସିହା ଅକ୍ଟୋର ୩ତାରିଖ ବୋଲି ଜଣାପଡିଛି। ତେବେ ଏହାର ଭିଜିଲାନ୍ସ ତଦନ୍ତ କରାଗଲେ ବହୁ ଲୁକାୟିତ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ନିର୍ଦ୍ଦେଶାନାମାକୁ ଚ୍ୟାଲେଞ୍ଜ କରି ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ରିଟ ପିଟିସନ ଦାଖଲ

**ନିଶ୍ଚିନ୍ତକୋଇଲି,(ନି.ପ୍ର):** କଟକ ଜିଲ୍ଲାର ୨୯ଜଣ ସିଏସପି ଅପରେଟର ନିଜର ଜୀବନ ଜୀବିକାର ସୁରକ୍ଷା ତଥା ବେଆଇନ ନିର୍ଦ୍ଦେଶାନାମାକୁ ଚ୍ୟାଲେଞ୍ଜ କରି ମାନ୍ୟବର ଓଡିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ମାନ୍ୟବର ଉଚ୍ଚ ନ୍ୟାୟାଳୟ ଏହି ରିଟ ପିଟିସନକୁ ଗ୍ରହଣ କରିଛନ୍ତି। ସମ୍ପ୍ରତି ରାଜ୍ୟରେ ଥିବା ୪୩୭୩ ଗ୍ରାମପଂଚାୟତରେ ବ୍ୟାଙ୍କିଂ ସେବା ପହଂଚାଇବା ନିମନ୍ତେ ରାଜ୍ୟସରକାର ଏକ ନିଷ୍ପତି ଗ୍ରହଣ କରିଥିଲେ। ଭାରତୀୟ ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ, ୟୁକୋ ବ୍ୟାଙ୍କ, ପଞ୍ଜାବ ନେସନାଲ ବ୍ୟାଙ୍କ, ବ୍ୟାଙ୍କ ଅଫ ଇଣ୍ଡିଆ, ବ୍ୟଙ୍କ ଅଫ ବରୋଦା, ୟୁନିୟନ ବ୍ୟାଙ୍କକୁ ଅଣ ବ୍ୟାଙ୍କିଂ ପଂଚାୟତରେ ସିଏସପି ପ୍ଲସ ବା ଆମ ବ୍ୟାଙ୍କ ଆଉଟଲେଟ ଖୋଲିବା ନିମନ୍ତେ ରାଜ୍ୟ କ୍ୟାବିନେଟରେ ଗତ ତା ୨୬/୬/୨୦୨୩ ଏବଂ ତା୦୬/୭/୨୦୨୩ ଓ ତା ୨୪/୮/୨୦୨୩ ରିଖରେ ନୋଟିଫିକେସନ ଜାରି କରାଯାଇଥିଲା। ଏହାର ପ୍ରତିବାଦରେ କଟକ ଜିଲ୍ଲା ସିଏସପି ସଭାପତି ପ୍ରମୋଦ କୁମାର ସ୍ୱାଇଁ,ଉପସଭାପତି ଅନନ୍ତ କୁମାର ମଲ୍ଲ,ହରପ୍ରସାଦ ଶତପଥି, ସ୍ମୃତିରଞ୍ଜନ ପାଣି, ବଳଦେବ ସ୍ୱାଇଁ, ପ୍ରଦିପ କୁମାର ନାଥ, ଅକ୍ଷୟ କୁମାର ସାହୁ ପ୍ରମୁଖ ୨୧ ଜଣ ସିଏସପି କାର୍ଯ୍ୟକର୍ତା ନିଜର ଜୀବନ ଜୀବିକାର ସୁରକ୍ଷା ନିମନ୍ତେ ଉକ୍ତ ବେଆଇନନିର୍ଦ୍ଦେଶାନାମାକୁ ଚ୍ୟାଲେଞ୍ଜ କରି ଓଡିଶା ଉଚ୍ଚ ନ୍ୟାୟାଳୟରେ ଏକ ରିଟ ପିଟିସନ ଦାଖଲ କରିଛନ୍ତି। ରାଜ୍ୟ ସରକାର ଯଦି ଏହା ମଧ୍ୟରେ କୌଣସି ନିଯୁକ୍ତି ସିଏସପି ପ୍ଲସରେ ଦେଇଥିଲେ ତେବେ ତାର ଭବିଷ୍ୟତ ରିଟ ମାମଲାର ଚୂଡାନ୍ତ ରାୟ ଉପରେ ନିର୍ଭର କରିବ। ଆବେଦନକାରୀଙ୍କ ପକ୍ଷରୁ ଉକ୍ତ ମାମଲାକୁ ଆଡଭୋକେଟ ଶଶାଙ୍କ ଶେଖର ଶତପଥି ପରିଚାଳନା କରୁଥିବାର ଜଣାଯାଇଛି।

## କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ପରିଷଦ ପକ୍ଷରୁ ଶିଶିର ଉତ୍ସବ



**କେନ୍ଦ୍ରାପଡ଼ା,(ନି.ପ୍ର):** କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ପରିଷଦ ପକ୍ଷରୁ ଶିଶିର ଉତ୍ସବ ୨୦୨୩ ଆଜି କମଳ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କଥାକାର ତଥା ପୂର୍ବତନ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ଼ଃ ରାମଚନ୍ଦ୍ର ବେହେରା,ମୁଖ୍ୟବକ୍ତା କବି ଅଭୟ ନାୟକ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଭୁବନ ମୋହନ ଜେନା, କବି ନିରାକାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସାହିତ୍ୟ ପରିଷଦ ସଭାପତି କବି ଡ଼ଃ ଅପର୍ଣ୍ଣା ମହାନ୍ତିଙ୍କ ସଭାପତିତ୍ୱରେ ସମ୍ପାଦକ କବି ସରୋଜ ମହାନ୍ତି ପରିଷଦର ଆଭିମୁଖ୍ୟ ସମ୍ପର୍କରେ ଧାରଣା ଦେବା ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କବି ମାତୃଦତ୍ତ ମହାନ୍ତି ପ୍ରାରମ୍ଭିକ ସୂଚନା ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ସାହିତ୍ୟ ପରିଷଦ ପକ୍ଷରୁ ସାହିତ୍ୟ କ୍ଷେତ୍ରରେ ବିଶିଷ୍ଟ ଲେଖକ, କବି ସନାତନ ବେହୁରା, ନେତ୍ରାନନ୍ଦ ଦାସ, ଶରତ ଚନ୍ଦ୍ର ମହାପାତ୍ର, ନୃସିଂହ ଚନ୍ଦ୍ର ରାଉତ, ଫକିର ଚରଣ ଓଝା, ଯଦୁମଣି ସାହୁ, କୃତିବାସ ଜେନା, ଦିବାକର ମହାନ୍ତି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟ ପରିଷଦର ମୁଖପତ୍ର "ଭୂମିଲଗ୍ନା" ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଉକ୍ତ ସମାରୋହରେ ପ୍ରାଚୀନ କବିତା ଆବୃତ୍ତି କରିଥିଲେ ଗୁରୁ ରବୀନ୍ଦ୍ର ନାଥ ମିଶ୍ର, ବିମଳ ପ୍ରସାଦ ପରିଡ଼ା, ପ୍ରିତିନନ୍ଦା ପରିଡ଼ା, ଲୋପିତା ସାହୁ, ସୁଶୀଲ ସୂତାର, ଶୋଭାଗିନି ମହାପାତ୍ର ପ୍ରମୁଖ। କଥାକାର ଡ଼ଃ ଅରବିନ୍ଦ ଧଳ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଭାଗିରଥି ମଲ୍ଲିକ, ଗାଳ୍ପିକ ରତ୍ନାକର ନାୟକ, ଅଧ୍ୟାପକ ପବିତ୍ର ସାହୁ, ଅଧ୍ୟାପକ ତପନ ପତି ମାନପତ୍ର ପାଠ କରିଥିଲେ। ଏହି ସାହିତ୍ୟ ଉତ୍ସବରେ ବରିଷ୍ଠ କବି ରମେଶ ପ୍ରତାପ, ଅମୀୟ ରାଉତ, ଅତୁଲ ବଳ, ମନୋରଞ୍ଜନ ସାହୁ, ଅଭିରାମ ସାହୁ, ଅକ୍ଷୟ ନାୟକ, ଅମୂଲ୍ୟ ମଲ୍ଲ, ଅଧ୍ୟାପକ ଅଜୟ ସାମଲ ପ୍ରମୁଖ ଶତାଧିକ କବି ଓ ସାହିତ୍ୟିକ ମାନେ ଯୋଗ ଦେଇଥିଲେ।

## ରହ୍ମପୁର ଉପଖଣ୍ଡକୁ ଜିଲ୍ଲା ମାନ୍ୟତା ଦାବିରେ ଆନ୍ଦୋଳନ



**ଗଞ୍ଜାମ,(ନି.ପ୍ର):** ବ୍ରହ୍ମପୁର ଉପଖଣ୍ଡକୁ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପ୍ରଦାନ ଦାବିରେ ରବିବାର ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡ ନିକଟରେ ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ବ୍ରହ୍ମପୁର ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ଓ ଓଡିଶା ସ୍ୱାଭିମାନ ଜାଗରଣ ମଞ୍ଚର ମିଳିତ ଆନୁକୂଲ୍ୟରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ଭୌଗଳିକ ଅନୁସାରେ ହେଉ କିମ୍ବା ଜନସଂଖ୍ୟା ଅନୁସାରେ ସମସ୍ତ ବିଷୟକୁ ଦେଖିଲେ ଗଞ୍ଜାମ ଜିଲ୍ଲା ରାଜ୍ୟର ସବୁଠୁ ବଡ ଜିଲ୍ଲା ଭାବେ ପରିଚିତ। ଏହି ଜିଲ୍ଲାରୁ ବହୁ ମହାପୁରୁଷମାନେ ଦେଶ ସ୍ୱାଧିନତା ଠାରୁ ଆରମ୍ଭ କରି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସେହିପରି ବ୍ରହ୍ମପୁର ମାଟିରୁ ଭିଭି ଗିରିଙ୍କ ପରି ବ୍ୟକ୍ତିତ୍ୱ ଦେଶର ପ୍ରଥମ ନାଗରିକ ବା ରାଷ୍ଟ୍ରପତି ପଦ ମଧ୍ୟ ଅଳଙ୍କୃତ କରିଛନ୍ତି। ସେହିପରି ଜିଲ୍ଲାବାସୀଙ୍କୁ ଉତ୍ତମ ସେବା ପ୍ରଦାନ ସମେତ ସୁଶାସନ ପ୍ରଦାନ ପାଇଁ ବର୍ତ୍ତମାନ ବ୍ରହ୍ମପୁର ଉପଖଣ୍ଡକୁ ଜିଲ୍ଲା ଘୋଷଣା କରିବା ଜରୁରୀ ହୋଇ ପଡିଛି। ପୂର୍ବରୁ ରାଜ୍ୟରେ ଜିଲ୍ଲା ସଂଖ୍ୟା ବୃଦ୍ଧି କରିବାକୁ ସରକାର ଚିନ୍ତା କରୁଥିବା ବେଳେ ୨୦୧୯ ମସିହାରେ ଏହି ଉପଖଣ୍ଡକୁ ସ୍ୱତନ୍ତ୍ର ଜିଲ୍ଲା ଘୋଷଣା ପାଇଁ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବୀପତ୍ର ଜରିଆରେ ଅବଗତ କରାଇଥିଲେ। ତେବେ ବର୍ତ୍ତମାନ ରାଜ୍ୟରେ ପଦ୍ମପୁରକୁ ଏକ ଜିଲ୍ଲା ଘୋଷଣା କରିବା ପରେ ବର୍ତ୍ତମାନ ବ୍ରହ୍ମପୁର ଉପଖଣ୍ଡର ଜନ ସାଧାରଣଙ୍କୁ ଉତ୍ତମା ସେବା ପ୍ରଦାନ କରିବା ସହିତ ପ୍ରଶାସନିକ ସ୍ତରରେ ସୁଦୃଢ କରିବା ପାଇଁ ଏହାକୁ ଏକ ଜିଲ୍ଲା ଘୋଷଣା କରିବାର ଆବଶ୍ୟକତା ରହିଥିବା କହିଛନ୍ତି ସଂଗଠନର ଆବାହକ, ସଞ୍ଜିବ କୁମାର ପଟ୍ଟନାୟକ। ସେହିପରି ବ୍ରହ୍ମପୁର ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସହର ଉପକଣ୍ଠରେ ରହିଥିବା ଲୋଚାପଡା, ନିମଖଣ୍ଡି, ଭାବିନୀପୁର ଆଦି ଗ୍ରାମକୁ ବ୍ରହ୍ମପୁର ମହାନଗର ନିଗମରେ ସାମିଲ କରିବାକୁ ପ୍ରଚେଷ୍ଟା ଜାରୀ ରହିଛି। ଏହାକୁ ନେଇ ବିଭିନ୍ନ ଫୋରମରେ ସଂଗଠନ ପକ୍ଷରୁ ଦାବୀ ଜାରି ରହିଛି। ସେହିପରି ଏହି ଅଞ୍ଚଳ ଗୁଡିକୁ ଖୁବଶୀଘ୍ର ବ୍ରହ୍ମପୁର ମହାନଗର ନିଗମରେ ସାମିଲ କରିବାକୁ ସଂଘ ଦାବୀ କରିଛି। ଆଜିର ଏହି ଆନ୍ଦୋଳନରେ ସଂଗଠନର ବହୁ ସଦସ୍ୟ ସାମିଲ ଥିଲେ।

## ଜିଲ୍ଲାସ୍ତରୀୟ ଖାଉଟି ଦିବସ ପାଳନ ଅବସରରେ ଆଲୋଚନା ଚକ୍ର



**ବ୍ରହ୍ମପୁର,(ନି.ପ୍ର):** ସ୍ଥାନୀୟ ଷ୍ଟେସନ ରୋଡ଼ ସ୍ଥିତ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଜାତୀୟ ଗ୍ରାହକ ଅଧିକାର ଓ ସୁରକ୍ଷା ଦିବସ - ୨୦୨୩ ମହାସମାରୋହ ରେ ପାଳିତ ହୋଇଯାଇଛି। ଜିଲ୍ଲା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଯୁଗ୍ମ ନିୟନ୍ତ୍ରକ ବୈଧ ମାପ ବିଜ୍ଞାନ, ଜିଲ୍ଲା କର୍ତ୍ତୃପକ୍ଷ ଓ ପ୍ରୋଗ୍ରେସ ସଂଗଠନ ର ସମନ୍ୱୟରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ଭାବେ ରମେଶ ଚନ୍ଦ୍ର ବେହେରା ଅଭିନନ୍ଦନ ଜଣାଇଥିଲେ। ସମୟ ସହ ତାଳ ଦେଇ ଗ୍ରାହକ କିପରି ନିଜ ଅଧିକାର ସାବ୍ୟସ୍ତ ହୋଇପାରିବ ଏବଂ ବର୍ତ୍ତମାନର ସମାଜରେ ଇ-ବାଣିଜ୍ୟ ଓ ଡ଼ିଜିଟାଲାଇଜେସନ ଯୁଗରେ ଗତି କରୁଛି। ଗ୍ରାହକ ଏହାର ସୁବିଧା ସୁଯୋଗ ପାଉଛି ସତ କିନ୍ତୁ ଏହାମାଧ୍ୟମରେ ଉପୁଜିଥିବା ସମସ୍ୟା ଓ ସମାଧାନ ବିଷୟରେ ଆଜି ଗ୍ରାହକ ଅନଭିଜ୍ଞ ଓ ଏହାହିଁ ଆଲୋଚନା ଚକ୍ରର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ଏହି ଆଧୁନିକ ଯୁଗରେ ଏହାର ସାକାର କରିବା ନାମରେ ଏଥିରେ ଉପୁଜିଥିବା ସମସ୍ୟା ର ସମାଧାନ ମାଧ୍ୟମ ବିଷୟରେ ସଚେତନତା ଆବଶ୍ୟକତାକୁ ଆଧାର କରି ଏବଂ ମୁନିସିପାଲିଟିର ଇ-ସେବାକୁ ତ୍ୱରାନ୍ୱିତ କରିବାପାଇଁ ଅନୁରୋଧ କରାଯଇଥିଲା ଯାହା ଫଳରେ ଜନ୍ମ ଓ ମୃତ୍ୟୁ ଇତ୍ୟାଦିର ଅଭିଯୋଗ ଶୁଣାଣି ଇ-ପୋର୍ଟାଲ ମାଧ୍ୟମରେ କରିପାରିବେ ବୋଲି ଅଧକ୍ଷତା ଭାବେ ବରିଷ୍ଠ ଆଇନଜୀବୀ ତ୍ରିମୂଳ କୁମାର ରେଡ଼ି ସମ୍ପାଦନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସଂସଦ ଚନ୍ଦ୍ର ଶେଖର ସାହୁ ଇ - ବାଣିଜ୍ୟ ଓ ଡ଼ିଜିଟାଇଜେସନକୁ ନେଇ ସଂସଦରେ କିଛି ଗୃହୀତ ହୋଇପାରିନାହିଁ, ସେହିପରି ସମ୍ମାନୀତ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ସହର ବିକାଶରେ ତାଙ୍କର ଭୂମିକା ବିଷୟରେ ଆଲୋକପାତ କରିଥିଲେ ଓ ବ୍ରହ୍ମପୁର ମେୟର ସଂଘମିତ୍ରା ଯୋଗଦେଇ ମହାନଗର ନିଗମର ବିସ୍ତୃତ ବିକାଶ ଉପରେ ଆଲୋଚନା ମତ ରଖିଥିଲେ। ସେହିପରି ଗ୍ରାହକ ଠକାମୀର ଶିକାର ଓ ଶୋଷଣ ମୁକ୍ତ ଗ୍ରାହକ ସେବା ଓ ଇ-ଡ଼ିଜିଟାଇଜେସନ ଦ୍ୱାରା ଗ୍ରାହକଙ୍କର ସମସ୍ତ ଲୁକାୟିତ ତଥ୍ୟ ବିଦେଶୀ କବଜାରେ ଏବଂ କେନ୍ଦ୍ର ସରକାରଙ୍କ ଡାଟା ମ୍ୟାନେଜମେଣ୍ଟ କର୍ତ୍ତୃତ୍ୱ ବାହାରେ ବୋଲି ସଂଗଠନର ସମ୍ପାଦକ ତଥା ଆଇନଜୀବୀ ସରୋଜ ରଞ୍ଜନ ପଟ୍ଟନାୟକ ମତ ଦେଇଥିଲେଓ ଅନ୍ୟ ମାନଙ୍କ ମଧ୍ୟରେ ସୁରସେନ ଜାନି ଯୁଗ୍ମ ନିୟନ୍ତ୍ରକ ବୈଧ ମାପ ବିଜ୍ଞାନ, ବୀରକିଶୋର ପାଣିଗ୍ରାହୀ, ସମାଜସେବୀ ରବି ରାଉତ, ସୂର୍ଯ୍ୟ ନାରାୟଣ ବେହେରା, ଭେଙ୍କଟ ବିହାରୀ ପ୍ରହରାଜ, ବିନୋଦ ମହାକୁଡ, ମହେଶ୍ୱର ବଡ଼ତୟଓ, ଲିପ୍ସା ପାଣିଗ୍ରାହୀ, ବାସୁଦେବ ସାହୁକାର ଆଇନଜୀବୀ ଆଦିତ୍ୟ ନାୟକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଡି.କେଶବ ରାଓ କାର୍ଯ୍ୟକ୍ରମକୁ ପରିଚାଳନରେ ସହଯୋଗ କରିଥିଲେ। ସମାଜସେବୀ କାମେଶ୍ୱର ରାଓ ଓ ସହରର ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

## ବାଞ୍ଛାନିଧି ଦାସ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ବାର୍ଷିକ ଉତ୍ସବରେ ୩୯୭ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ



**କେନ୍ଦ୍ରାପଡ଼ା,(ନି.ପ୍ର):** ରାଜ୍ୟର ଅଗ୍ରଣୀ ଅନୁଷ୍ଠାନ ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ ସ୍ଥାନୀୟ ପୌରସଂସ୍ଥା ଟାଉନହଲ ପରିସରରେ ଆଜି ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଟ୍ରଷ୍ଟର ମୁଖ୍ୟ ପୃଷ୍ଠପୋଷକ ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ. ଦେବେନ୍ଦ୍ର କୁମାର ଦାସଙ୍କ ଅଧ୍ୟକ୍ଷତାରେ ତଥା ସଂଯୋଜକ ପ୍ରଦିପ କୁମାର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଡାକ୍ତର ହୃଦୟାନନ୍ଦ ପଟ୍ଟନାୟକ, ଅନ୍ୟତମ ଅତିଥି ଭାବେ ଆମେରିକାର ଡଃ. ସୋନାଲିକା ପଟ୍ଟନାୟକ, ଇଂ ଚନ୍ଦ୍ରଶେଖର ମହାନ୍ତି, ଇଂ ବିଦ୍ୟୁତ କୁମାର ରଥ, ଇଂ ରାଜକିଶୋର ପତି ପ୍ରମୁଖ ଯୋଗଦେଇ ଟ୍ରଷ୍ଟର କାର୍ଯ୍ୟକ୍ରମକୁ ଭୁରି ଭୁରି ପ୍ରଶଂସା କରିବା ସହ ଟ୍ରଷ୍ଟର ପୃଷ୍ଠପୋଷକ ତଥା ସମସ୍ତ ସଦସ୍ୟଙ୍କୁ ଏଭଳି କାର୍ଯ୍ୟକ୍ରମକୁ ବଜାୟ ରଖି ସମାଜର ଅବହେଳିତ ବର୍ଗଙ୍କୁ ସେବା ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଇଣ୍ଟରନାସନାଲ ଟିଚର୍ସ ସ୍କୁଲର ଛାତ୍ରଛାତ୍ରୀମାନେ ଏକ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରି ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ଟ୍ରଷ୍ଟର ପୃଷ୍ଠପୋଷକ ଡଃ. ଦାସ କିଭଳି ବର୍ଷସାରା ଆମ ଜିଲ୍ଲାର ଉପାନ୍ତ ଅଞ୍ଚଳରେ ଅଗ୍ନିବିପନ୍ନ, କର୍କଟ ଭଳି ଦୂରାରୋଗ୍ୟରେ ପିଡିତ ବ୍ୟକ୍ତି, ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଥିବା ଛାତ୍ରଛାତ୍ରୀ, ଅସହାୟ ବ୍ୟକ୍ତିବିଶେଷ ଏବଂ ଅନୁସୂଚିତ ଜନଜାତି ବର୍ଗର ଲୋକମାନଙ୍କୁ ଆର୍ଥିକ ସହାୟତା ସମେତ ଲୁଗାପଟା ଓ ଶୀତବସ୍ତ୍ର ପ୍ରଭୃତି ଯୋଗାଇ ଦିଆଯାଇଥାଏ ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ବୟସ୍କା ମହିଳା ସଫେଇ କର୍ମଚାରୀଙ୍କୁ ଶୀତବସ୍ତ୍ର ଡଃ. ସୋନାଲିକା ପଟ୍ଟନାୟକ ପ୍ରଦାନ କରିଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ 'ତୁଳସୀକ୍ଷେତ୍ର ସମ୍ମାନ' ପ୍ରଫେସର ଲଳିତମୋହନ ପଟ୍ଟନାୟକ ଓ ଡା. ମହେନ୍ଦ୍ର ତ୍ରିପାଠୀଙ୍କୁ ପ୍ରଦାନ କରାଯାଇଥିବା ବେଳେ 'କ୍ୟାଥରିନ ଦାସ ସେବା ସମ୍ମାନ' ଡଃ. ବୀଣା ସିଂ, ଇଂ ଚନ୍ଦ୍ରଶେଖର ମହାନ୍ତି, ଇଂ ବିଦ୍ୟୁତ କୁମାର ରଥ, ଇଂ ରାଜକିଶୋର ପତି, ଡଃ. ସୋନାଲିକା ପଟ୍ଟନାୟକ, ଡଃ. ବିରଜା ରାଉତରାୟ ଓ ଡାକ୍ତର ସ୍ନେହଲତା କାନୁନଗୋ ପ୍ରମୁଖଙ୍କୁ ପ୍ରଦାନ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଉପସ୍ଥିତ ଥିବା ୩୯୭ଜଣ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। ଟ୍ରଷ୍ଟର ସଦସ୍ୟ ଅରୁଣ ପ୍ରତାପ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଦସ୍ୟ ଭୁବନମୋହନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ବିଶ୍ୱପ୍ରକାଶ କାନୁନଗୋ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଅଧ୍ୟାପକ ଅଜୟ ରାଉତ, ଶ୍ରୀନିବାସ ପ୍ରଧାନ, ଅଜୟ ସାମଲ, ଶାରଦାକାନ୍ତ ଦାସ, ହିମାଂଶୁଶେଖର ଦାସ, ମମତା ଦାସ, ସ୍ମିତା ଦାସ, ସାମ୍ବାଦିକ ଗଣେଶ ସାମଲ, ସାମ୍ବାଦିକ ଚିତ୍ତରଞ୍ଜନ ଦାସ, ସମବାୟବିତ ପ୍ରମୋଦ ମହାପାତ୍ର, ସୁଜାତା ଦାସ, ତେଜ ତନ୍ମୟ, ଅଶୋକ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଅଜିତ ସାମଲ, ଜ୍ୟୋତିରଞ୍ଜନ ନାୟକ, ଧିରେନ ଦାସ, ମିନତୀପ୍ରଭା ସ୍ୱାଇଁ, ଇରମ ଆରା, ସାଲେହା ସିବିକା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମୁନିଗୁଡ଼ା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା:ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା



**ମୁନିଗୁଡ଼ା,(ନି.ପ୍ର):** ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଠାରେ ଅନୁଷ୍ଠିତ ମୁନିଗୁଡ଼ା ମହୋତ୍ସବର ଆଜି ଥିଲା ଅନ୍ତିମ ସନ୍ଧ୍ୟା ଖଜୁରୀ ପଦର ଗାଆଁ ମାଆ ମାଣିକେଶ୍ୱରୀ ଲୋକନୃତ୍ୟ ଗ୍ରୁପର ଆକର୍ଷଣୀ ଲୋକନୃତ୍ୟ ଦର୍ଶକ ମାନଙ୍କୁ ଅଭିଭୂତ କରିଦେଇଥିଲା। ପରେ ମହୋତ୍ସବର ମୁଖ୍ୟ ସଂଯୋଜକ କ୍ଷମା ସାଗର ଦାସଙ୍କ ସଂଯୋଜିତ ମହୋତ୍ସବ ମଞ୍ଚରେ ମୁଖ୍ୟ ଅତିଥଭାବେ ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଜଗନ୍ନାଥ ନୁଣ୍ଡରୁକା, ମୁଖ୍ୟବକ୍ତା ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଦଳାଇ, ସମ୍ମାନିତ ଅତିଥି ବ୍ଲକ ବିଜେଡି ସଭାପତି ରତନଲାଲ ଜୈନ, ପ୍ରେସ କ୍ଲବ ସଭାପତି ରାଜିବଲୋଚନ ଦାସ, ସରପଞ୍ଚ ସରସ୍ୱତୀ ଶବର, ମୁନିଗୁଡ଼ା ନିୟୁକ୍ତ ମୁଖ୍ୟ ପରିଚାଳକ ଗଣେଶ୍ୱର ରାଓ, ଆଇନଜୀବୀ ସୁଧାକର ମହାରଣା, ଯୁବନେତା ଶିମାଞ୍ଚଳ ଦାସ, ପୋଲିସ ଅଫିସର ଚକ୍ରଧର ବେହେରା ପ୍ରମୁଖ ଉପସ୍ଥିତ ରହି ମୁନିଗୁଡ଼ା ମହୋତ୍ସବର ବର୍ତ୍ତମାନ ସ୍ଥିତି, ଭବିଷ୍ୟତ ଉପରେ ମନ୍ତବ୍ୟ ରଖିବା ସହିତ ଆୟୋଜକ ସାହୁ ବ୍ରଦର୍ସ ଓ ନେତାଜୀ କ୍ଲବର ସାହାସୀ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଆଗାମୀ ବର୍ଷ ଏହି ଉତ୍ସବକୁ ମହା ଆଡମ୍ବର ଓ ଭବ୍ୟ ଢଙ୍ଗରେ ପାଳନ କରିବା ସହିତ ସମଗ୍ର ମୁନିଗୁଡ଼ା ବାସୀଙ୍କୁ ଏଥିରେ ଯୋଡ଼ିବାକୁ ଅତିଥିମାନେ ପ୍ରତିଶ୍ରୁତି ଓ ପରାମର୍ଶ ଦେଇଥିଲେ। ମୁନିଗୁଡ଼ା ମହୋତ୍ସବ ଖମଣସାହି ସ୍ଥିତ ନେତାଜୀ କ୍ଲବ ପରିସରରେ ଜନ୍ମ ନେଇଥିବାରୁ ଏହାର ଆୟୋଜକ ହିସାବରେ ସେମାନେ ଆଗାମୀ ମହୋତ୍ସବର ଗୁରୁ ଦାୟିତ୍ୱ ସଭିଙ୍କୁ ନେଇ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ନେତାଜୀ କ୍ଲବ୍ ଓ ଆୟୋଜକ ସାହୁ ଭାତୃ ଦ୍ୱୟଙ୍କ ତରଫରୁ ଅତିଥି ମାନଙ୍କୁ ଅଙ୍ଗବସ୍ତ୍ର ଦେଇ ସମ୍ମାନିତ କରାଯାଇଥିଲା। ସଂଯୋଜକ ଶ୍ରୀଯୁକ୍ତ ଦାସ ଏହି ମହୋତ୍ସବର ମହାନାୟକ ଓ ସୂତ୍ରଧର ବିଶିଷ୍ଟ ଉପସ୍ଥାପକ ଅରୁଣ କୁମାର ସାହୁ ଓ ନୃତ୍ୟଗୁରୁ ଅମିତ କୁମାର ସାହୁଙ୍କ ମୁନିଗୁଡ଼ା ମାଟି ପ୍ରତି ଥିବା ସେମାନଙ୍କ ନିଷ୍ଠା ଓ ପ୍ରୀତିର ପ୍ରତୀକ ହେଉଛି ମୁନିଗୁଡ଼ା ମହୋତ୍ସବ। ନେତାଜୀ କ୍ଲବ୍ ତରଫରୁ ଦୁଇ ଭାଇଙ୍କୁ ସମ୍ମାନିତ କରାଯାଇଥିବା ବେଳେ କ୍ଲବର୍ ସଭାପତି ଉତ୍ତମ କୁମାର ବେହେରା, ସମ୍ପାଦକ ଡମ୍ବରୁ ଭଟିଙ୍କୁ ମଧ୍ୟ ମହୋତ୍ସବ ତରଫରୁ ସମ୍ମାନିତ କରାଯାଇଥିଲା। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭଜନ ଗାଇ ପୋଲିସ ଅଫିସର ଚକ୍ରଧର ବେହେରା ସଭିଙ୍କୁ ବିମୋହିତ କରି ଦେଇଥିଲେ। ଶେଷରେ ମୁନିଗୁଡ଼ାରେ ଆଜି ଉଦଘାଟିତ ହୋଇଥିବା ଜେଏମଏଫ୍‌ସି କୋର୍ଟ ପାଇଁ ସଂଗ୍ରାମ ଚଳାଇଥିବା ମୁନିଗୁଡ଼ା ବାସୀ, ପ୍ରେସ କ୍ଲବ ଓ ବାର ଆସୋସେଷନକୁ ମହୋତ୍ସବ ତରଫରୁ ଧନ୍ୟବାଦ୍ ଅର୍ପଣ କରାଯାଇଥିଲା। ଏହି କୋର୍ଟ ମୁନିଗୁଡ଼ାରେ ସ୍ଥାପନା ପାଇଁ ପ୍ରାରମ୍ଭିକ ସମୟରେ ସଂଗ୍ରାମର ପ୍ରମୁଖ ସୂତ୍ରଧର ଆଇନଜୀବୀ ସୁଧାକର ମହାରଣାଙ୍କୁ ମୁନିଗୁଡ଼ା ମହୋତ୍ସବ ତରଫରୁ ଅତିଥି ବିଜେଡି ସଭାପତି ରତନଲାଲ ଜୈନ ଓ ବିଜେଡି ନେତା ଜଗନ୍ନାଥ ନୁଣ୍ଡରକା ସମ୍ବର୍ଦ୍ଧିତ କରିଥିଲେ। ପରେ ସାଂସ୍କୃତିକ ସନ୍ଧ୍ୟା ଆରମ୍ଭ ହୋଇଥିଲା। କଳାକାର ମାନଙ୍କୁ ଅତିଥିମାନେ ପୁରସ୍କାର ସହିତ ସମ୍ମାନିତ କରିଥିଲେ। ନେତାଜୀ କ୍ଲବ୍ ସଦସ୍ୟ ବାନା ମାଳି, ପାଣ୍ଡବ ଭାଇ, ଶିବ ଭାଇ, ତନୁ, ବସନ୍ତ, ଚନ୍ଦନ, ରମେଶ, ଯାଦବ, ଠାକୁର ଓ ଉପଦେଷ୍ଟା ଜଗା ଶବର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ନିଲମ୍ବନ ପ୍ରତ୍ୟାହାର ପରେ ପ୍ରଶାନ୍ତଙ୍କ ଶକ୍ତି ପ୍ରଦର୍ଶନ

**କେନ୍ଦ୍ରାପଡ଼ା,(ନି.ପ୍ର):** କେନ୍ଦ୍ରାପଡା ସହରର ଟାଣୁଆ ନେତା ପ୍ରଶାନ୍ତ କୁମାର ସିଂହ(ଧୁଣ୍ଡୁଭାଇ)ଙ୍କ ଉପରୁ ବିଜେଡି ନିଲମ୍ବନ ଆଦେଶ ପ୍ରତ୍ୟାହାର କରିବା ପରେ ସେ ଶକ୍ତି ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ଶ୍ରୀ ସିଂହ ଇଛାପୁରସ୍ଥିତ ବାରଙ୍ଗେଇ ଠାରେ ଏକ ବନ୍ଧୁମିଳନର ଆୟୋଜନ କରିଥିଲେ। ଯେଉଁ ବନ୍ଧୁମିଳନରେ ବିଜେଡିର ତୁଙ୍ଗ ନେତାମାନେ ଯୋଗଦେଇଥିଲେ। ଏହାସହ ଏକ ହଜାରରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଯୋଗ ଦେଇଥିଲେ। ଏହି ବନ୍ଧୁମିଳନ ପ୍ରମାଣିତ କରିଛି ଯେ ଧୁଣ୍ଡୁଭାଇର ସହରରେ କେତେ ରାଜନୈତିକ ଦବଦବା ରହିଛି। ଶ୍ରୀ ସିଂ ପୂର୍ବରୁ ଜନତାଦଳ ସମୟରେ ଜଣେ ଯୁବ କାଉନସିଲର ଭାବେ ନିଜ ୱାର୍ଡର ସବିଶେଷ ଉନ୍ନତି କରିଥିଲେ। ୨୦୨୨ ପୌର ନିର୍ବାଚନରେ ସେ ତାଙ୍କ ପତ୍ନୀ ରଶ୍ମୀତା ସିଂହଙ୍କୁ ଠିଆ କରାଇଥିଲେ। ତାଙ୍କ ପତ୍ନୀ ବିଜେଡି ଟିକେଟ ପାଇବା ପାଇଁ ହକଦାର ହୋଇଥିଲେ ମଧ୍ୟ କେତେକ କୁଚକ୍ରୀ ଗୋଷ୍ଠି ତାଙ୍କ ଟିକେଟ କାଟି ଦେଇଥିଲେ। କିନ୍ତୁ ଧୁଣ୍ଡୁଭାଇଙ୍କ ଲୋକପ୍ରିୟତାକୁ କାଟି ପାରିନଥିଲେ କୁଚକ୍ରୀ ଗୋଷ୍ଠି। ଜଣେ ସଚ୍ଚୋଟ ନେତ୍ରୀ ଭାବରେ ତାଙ୍କ ପତ୍ନୀ ରଶ୍ମୀତା ସିଂହ ବିପୁଳ ସଂଖ୍ୟାରେ ଭୋଟ ପାଇ ବିଜୟୀ ହୋଇଥିଲେ। ସେ ଦଳୀୟ ଟିକେଟ ନପାଇ ମଧ୍ୟ ସ୍ୱାଧୀନ ଭାବେ ଲଢୀ ନିଜର ରାଜନୈତିକ ଦବଦବା ପ୍ରମାଣିତ କରିଥିଲେ। ନିର୍ବାଚନ ପରେ ତାଙ୍କ ଲୋକପ୍ରିୟତା ଓ ରାଜନୈତିକ ସମିକରଣ ବିଜେଡି ନେତାମାନଙ୍କୁ ବେଶ ଆକୃଷ୍ଟ କରିଥିଲା। ଏପରିକି ତାଙ୍କ ଲୋକପ୍ରିୟତା ନବୀନ ଓଡିଶାର ଅଧ୍ୟକ୍ଷ ଭି.କାର୍ତ୍ତିକେୟନ ପାଣ୍ଡିଆନଙ୍କୁ ପ୍ରଭାବିତ କରିଥିଲା। ତେଣୁ ଶ୍ରୀ ପାଣ୍ଡିଆନ ତାଙ୍କ କେନ୍ଦ୍ରାପଡା ଗସ୍ତ ପୂର୍ବରୁ ଶ୍ରୀ ସିଂହ ଓ ଶ୍ରୀମତୀ ସିଂହଙ୍କ ଉପରେ ଲଗାଯାଇଥିବା ନିଲମ୍ବନକୁ ପ୍ରତ୍ୟାହାର କରିବା ପାଇଁ କେନ୍ଦ୍ରାପଡାର ନେତାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀ ପାଣ୍ଡିଆନଙ୍କ ନିର୍ଦ୍ଦେଶ ପାଇବା ପରେ କେନ୍ଦ୍ରାପଡାର ବରିଷ୍ଠ ନେତାମାନେ କାଳବିଳମ୍ବ ନକରି ତୁରନ୍ତ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରି ନେଇଥିଲେ। ବନ୍ଧୁମିଳନରେ ଉପସ୍ଥିତ ବିଜେଡି ନେତା ଓ କର୍ମୀମାନେ ଏଥିନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ନବୀନ ଓଡିଶାର ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ, ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। କାଉନସିଲର ଶ୍ରୀମତୀ ସିଂହ ଦଳୀୟ ନେତା ଓ କର୍ମୀମାନଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ। ଏହି ବୈଠକରେ କିଶୋର କୁମାର ସିଂ, ବଟକୃଷ୍ଣ ବେହେରା, ମନୋରଞ୍ଜନ ବେହେରା, ବିଶ୍ୱରଞ୍ଜନ ସିଂ, ତାପସ ପ୍ରସାଦ ସିଂ, ସୁନାକର ବାରିକ, ଦିଗନ୍ତ କୁମାର ସିଂ, ବିଶେଶ୍ୱର ବାରିକ, ସୁମିତି ଜିନ୍ଦଲ, ନଟବର ବେହେରା, ମାମୁନି ସିଂ, ପ୍ରିୟା ସିଂ ପ୍ରମୁଖ ଦଳୀୟ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

## ରାଜ୍ୟରେ ପୁଣି ଜଣେ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର : ଦୁଇ ଦିନର ବ୍ୟବଧାନ ପରେ ପୁଣି ରାଜ୍ୟରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରୋଗୀ ଜଣକ ସୁସ୍ଥ ଅଛନ୍ତି ଓ ସେ ଘରେ ରହି ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ଚିହ୍ନଟ କୋଭିଡ୍ ଆକ୍ରାନ୍ତ ଜଣକ କରୋନାର ନୂଆ ପ୍ରଜାତି ଜେଏନ୍.୧ରେ ଆକ୍ରାନ୍ତ କି ନୁହେଁ ତାହା ସ୍ପଷ୍ଟ ହୋଇନାହିଁ । ତାଙ୍କ ନମୁନାର ଜିନୋମ ସିକ୍ୱେନ୍ସିଂ ହେବା ପରେ ତାହା ସ୍ପଷ୍ଟ ହେବ । ଏବେ ରାଜ୍ୟରେ ଚିହ୍ନଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩ରେ ପହଁଚିଛି । ପୂର୍ବରୁ ଗତ ଶନିବାର ଦିନ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ଚଳିତ ମାସ ୩ ତାରିଖରେ ରାଜ୍ୟରେ ଜଣେ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ।

## ଶ୍ରୀରାମ ଏଂଟରପ୍ରାଇଜେସ୍ ସୋ'ରୁମ ଉଦ୍‌ଘାଟିତ



ବାଲେଶ୍ୱର : ଆଜି ପୂର୍ବାହ୍ନରେ ସହଦେବଖୁଂଟା ବସ ଷ୍ଟାଣ୍ଡ ନିକଟରେ ଶ୍ରୀରାମ ଏଂଟରପ୍ରାଇଜେସ୍ ଉଦ୍‌ଘାଟନ ହୋଇଯାଇଛି । ଏହାକୁ ଏସକୋର ବିଜନେସ୍ ହେଡ୍ ଶ୍ରୀଧର ସୁବ୍ରମଣ୍ୟମ୍ ଉଦଘାଟନ କରିଥିଲେ । ଏହି ସୋ'ରୁମ୍‌ରେ ସିପି ପାଇପ୍, ଫିଟିଂସ, କମୋଡ, ଏହାର ସମସ୍ତ ଫିଟିଂସ, ବର୍ଥରୁମ୍ ଫିଟିଂସ, ୱାଟର ଟ୍ୟାଙ୍କ ସମେତ ହ୍ୟାଣ୍ଡ ପମ୍ପ ଓ ଏଥିରେ ବ୍ୟବହୃତ ପାଇପ୍ ଆଦି ସହଜ ଦରରେ ଉପଲବ୍ଧ ହେଉଛି । ଦେଶରେ ଏହି କମ୍ପାନୀର ୧୨୫ଟୀ ସୋ'ରୁମ୍ ଥିବାବେଳେ ଓଡ଼ିଶାରେ ୧୩ଟି ସୋ'ରୁମ୍ ରହିଛି । ଅନ୍ୟ କମ୍ପାନୀର ପ୍ରଡକ୍ଟର ମୂଲ୍ୟ ଅପେକ୍ଷାକୃତ କମ୍ ଓ ଅଧିକ ଦିନ ବ୍ୟବହାର କରିବେହ ବୋଲି ଶ୍ରୀ ସବ୍ରମଣ୍ୟମ୍ କହିଛନ୍ତି । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ସୋ'ରୁମର ମାଲିକ କିଶୋର ଅଗ୍ରୱାଲ, ରୋହିତ ଅଗ୍ରୱାଲ, ମୋହିତ ଅଗ୍ରୱାଲ, ଜାଗୁଆରର ବ୍ରାଂଚ ହେଡ୍ ପିସି ସ୍ୱାଇଁ, ଓଡ଼ିଶା ସେଲ୍ସ ହେଡ୍ ଶକ୍ତିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିକ ରହିଥିଲେ । ବିଶ୍ୱସ୍ତରୀୟ ଏ ଉତ୍ପାଦକୁ ଗ୍ରାହକ ଭରସା କରିବା ସହ ଏହାର ମୂଲ୍ୟକୁ ପରଖି ନେବେ ବୋଲି ରୋହିତ ଅଗ୍ରୱାଲ କହିଛନ୍ତି ।

## ସଦର ବିଜେପି କାର୍ଯ୍ୟାଳୟରେ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମଜୟନ୍ତୀ ପାଳନ

### ଅଟଳଜୀ ଥିଲେ ସୁଶାସନ ଓ ଆର୍ଥିକ ବିକାଶର ପଥ ପ୍ରଦର୍ଶକ : ମାନସ



ବାଲେଶ୍ୱର : ସୁଶାସନର ପ୍ରଣେତା ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୯୯ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଆଜି ଜେଲ ରୋଡ ସ୍ଥିତ ବିଜେପି କାର୍ଯ୍ୟାଳୟରେ ସୁଶାସନ ଦିବସ ପାଳନ କରାଯାଇଅଛି । ଅଟଳଜୀ ହେଉଛନ୍ତି ଭାରତବର୍ଷର ବିକାଶ ପୁରୁଷ । ଅଟଳଜୀ ସୁଶାସନ ଓ ଆର୍ଥୀକ ବିକାଶର ପଥ ପ୍ରଦର୍ଶକ ଥିଲେ । ଅଟଳଜୀଙ୍କ ପ୍ରତିଟି ଶବ୍ଦ ୨୦୧୪ରୁ ମୋଦି ସରକାରଙ୍କ ମାର୍ଗଦର୍ଶକ । ଆଜି ଏହି ମହାମନିଷୀଙ୍କ ଜନ୍ମଜୟନ୍ତୀ ଅବସରରେ ସାରା ଭାରତବର୍ଷ ତାଙ୍କ ସମ୍ମାନରେ ଶ୍ରଦ୍ଧାଳୀ ଜ୍ଞାପନ କରୁଛି । ଏହି ଅବସରରେ ସମସ୍ତ କାର୍ଯ୍ୟକର୍ତା ସ୍ୱର୍ଗତ ବାଜପେୟୀଙ୍କ ସ୍ମୃତିଚାରଣ କରିବା ସଙ୍ଗେସଙ୍ଗେ ତାଙ୍କ ଫଟୋ ଚିତ୍ରରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ୧୯୯୯ ମହାବାତ୍ୟାରେ ଧ୍ୱସ୍ତବିଧ୍ୱସ୍ତ ଓଡିଶାର ପୁନଃନିର୍ମାଣ ପାଇଁ ଅଟଳଜୀଙ୍କ ସମ୍ବେଦନଶୀଳ ଦୃଷ୍ଟିକୋଣ ଥିଲା ସ୍ୱତନ୍ତ୍ର । ଓଡିଶାର ବିକାଶ ପାଇଁ ଅର୍ଥର ଅଭାବ ରହିବ ନାହିଁ, ଏହା ଥିଲା ଅଟଳଜୀଙ୍କର କାଳଜୟୀ ବାକ୍ୟ । ଅଟଳଜୀଙ୍କ ଦ୍ୱାରା ନିର୍ମିତ ସ୍ୱର୍ଣ୍ଣ ଚତୁର୍ଭୁଜ ପ୍ରକଳ୍ପ ଦେଶର ସର୍ବବୃହତ ତଥା ବିଶ୍ୱର ପଂଚମ ବୃହତ ରାଜପଥର ପ୍ରକଳ୍ପ ଭାବେ ସ୍ଥାନିତ ହୋଇଛି । ଦିଲ୍ଲୀ ପରେ ଦେଶର ପ୍ରଥମ ଏମ୍ସ ଆମ ରାଜ୍ୟରେ ପ୍ରତିଷ୍ଠା ପାଇଁ ଅଟଳଜୀଙ୍କ ନିଷ୍ପତି ଓଡିଶା ପାଇଁ ତାଙ୍କ ଭଲ ପାଇବାର ପ୍ରମାଣ । ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ ମଂଚ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଦର ନେତା ମାନସ କୁମାର ଦତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ବରିଷ୍ଠ ନେତା ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ଅନନ୍ତ ନାୟକ, ଉପେନ୍ଦ୍ର ଶତପଥୀ, ତ୍ରୈଲୋଚନ ଦାଶ, ଆଶିଷ ବାନାର୍ଜୀ, ଲକ୍ଷ୍ମୀଧର ବେହେରା, ଚନ୍ଦ୍ରଭାନୁ ଦାସ, କାଉନସିଲର ସତ୍ୟଶିବ ସୁନ୍ଦର ଦାଶ, ନିତ୍ୟଗୋପାଳ ସିଂ, ସସ୍ମିତା ନାଥ, ରୋଜାଲିନ ପାଣି, ପ୍ରତିମା ବେହେରା ଓ ନିରୁପମା ଦାଶ, ଜିଲ୍ଲା ପରିଷଦ ସଦସ୍ୟ ଗୟାଧର ବେହେରା, ସରପଂ ରବିନାରାୟଣ ପ୍ରଧାନ, ବନିତା ଭୂୟାଁ, ରାମ ଦିବେଦୀ ଓ ଆରତୀ ଦାସ, ସମିତିସଭ୍ୟ ମାୟାଧର ମହାଳିକ, ମଣ୍ଡଳ ସଭାପତି ତପନ ଗିରି, ବିଜୟ ଦାସ, ଅନୀଲ ପାତ୍ର ଓ କାର୍ତିକ ରାଉତ, ଆରସିଏମଏସ ସଭାପତି ସର୍ବେଶ୍ୱର ମହାନ୍ତି, ପ୍ରବୀର ଶଙ୍କର ଦାଶ, ବିବେକ ମହାନ୍ତି, ଅଶୋକ ଦାସ, ରାଜେନ୍ଦ୍ର ଚାଟାର୍ଜୀ, ନୀଳମାଧବ ଦାସ, ହରେନ୍ଦ୍ର ପ୍ରଧାନ, ନାରାୟଣ ଦତ, ବେଣୁଧର ପଣ୍ଡା, ଅମୂଲ୍ୟ ସେଠୀ, ସୁଶାନ୍ତ ବର୍ଦ୍ଧନ, ସସ୍ମିତା ଦାଶ, ସୁସ୍ମିତା ଶୁକ୍ଳ, ଶ୍ରୀୟା ଦାସ, ସୁକାନ୍ତି ଦେବ ଗୋସ୍ୱାମୀ, ବିଳାସୀନି ଦାସ, ଆଶାଲତା ବାଡି, ସ୍ୱର୍ଣ୍ଣପ୍ରିୟା ନାଥ, ଝରଣା ଦାସ, ସସ୍ମିତା ବାରିକ, ମାମୁନୀ ହାତୀ, ମମତା ପ୍ରଧାନ, ମାନସ ସାହୁ, ବିବେକାନନ୍ଦ ରାଉତ, ବଳରାମ ପାତ୍ର, ଦିଲ୍ଲୀପ ମାଝୀ, ତରୁଣ ବର୍ଦ୍ଧନ, ରନ ଦତ, ନିରନ ଜେନା, ଉମାକାନ୍ତ ପ୍ରଧାନ, ବିଜୟ ସାହୁ, ଭାଗ୍ୟଧର ଦାସ, ଅନ୍ତର୍ଯ୍ୟାମୀ ବେହେରା, କାର୍ତିକ ପ୍ରଧାନ, ରଶ୍ମିରନ ଜେନା, ସତ୍ୟରନ ବାରିକ, ମଂଟୁ ମୂଳା, ସୌଭାଗ୍ୟ ମାନସ ନାୟକ, ପ୍ରହଲ୍ଲାଦ ଦାସ, ପ୍ରତାପ ପ୍ରଧାନ, ସୌରଭ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜେଡ଼ିର ୨୭ ତମ ପ୍ରତିଷ୍ଠା ବାର୍ଷିକୀ, ଦଳର ବିଭୀଷଣ ଓ କୁଚକ୍ରିଙ୍କୁ କର୍ମୀ ଚିହ୍ନିବା ଜରୁରି



ବାଲେଶ୍ୱର : ବିଜୁ ଜନତା ଦଳରେ ରହି ଦଳର ଶୁଭଚିନ୍ତକ ହେବା ପରିବର୍ତେ ଦଳର ବିଧାୟକ ଏବଂ ଆଗାମୀ ଦିନରେ ପ୍ରାର୍ଥୀ ହେବାକୁ ଥିବା ସମ୍ଭାବ୍ୟ ପ୍ରାର୍ଥୀମାନଙ୍କୁ ହରାଇବା ପାଇଁ ତଥାକଥିତ ଦଳୀୟ ନେତା ଓ ତାଙ୍କର ଚେଲା ଚାମୁଣ୍ଡାମାନେ ଷଡ଼ଯନ୍ତ୍ର ଆରମ୍ଭ କରିଦେଇଛନ୍ତି । ଏଭଳି କୁଚକ୍ରି ତଥା ଲଙ୍କଭେଦୀ ବିଭୀଷଣମାନଙ୍କୁ ସଦର ନିର୍ବାଚନମଣ୍ଡଳିର ବିଜେଡ଼ି କର୍ମୀମାନେ ଚିହ୍ନି ରଖିବା ଆବଶ୍ୟକ । ଆଜି ବାଲେଶ୍ୱର ସଦର ନିର୍ବାଚନମଣ୍ଡଳିରେ ବିଜେଡ଼ିର ୨୭ତମ ପ୍ରତିଷ୍ଠାବାର୍ଷିକୀ ଗାନ୍ଧିସ୍ମୃତି ଭବନରେ ପାଳନ ଅବସରରେ ବିଜେଡ଼ିର ଯୁବନେତା ଧୀରେନ ନାୟକ ଏକଥା ଉଲ୍ଲେଖ କରିଛନ୍ତି । ସେ କହିଥିଲେ କି ଦଳ ଭିତରେ ଥାଇ ଦଳର ସଦର ବିଧାୟକଙ୍କୁ ସମାଲୋଚନା କରିବା ଲାଗି ସୋସିଆଲ ମିଡ଼ିଆକୁ ବ୍ୟବହାର କରାଯାଉଛି । ଏଭଳି ପରିସ୍ଥିତିରେ କୁଚକ୍ରୀ ଗୋଷ୍ଠୀକୁ ଆମେ ସୋସିଆଲ ମିଡ଼ିଆରେ ବିରୋଧ କରିବା ଆବଶ୍ୟକ । ବଳରାମଗଡ଼ିଠାରୁ ଆରମ୍ଭ କରି ନିର୍ବାଚନମଣ୍ଡଳିର ସବୁ ଅଂଚଳରେ ବିକାଶର ଚିତ୍ର ଦେଖିବାକୁ ମିଳୁଥିବାବେଳେ କୁଚକ୍ରୀ ଗୋଷ୍ଠୀ ଅପପ୍ରଚାର କରିବା ଅତ୍ୟନ୍ତ ଦୁଃଖଦାୟକ ଓ ଚିନ୍ତାର ବିଷୟ ବୋଲି ସେ କହିଥିଲେ । ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଦିବସ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ସଦର ବିଧାୟକ ସ୍ୱରୂପ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସକାଳ ୮ ଘଟିକାରେ ଗାନ୍ଧିସ୍ମୃତି ଭବନରୁ ଏକ ବିଶାଳ ଗଣଦୌଡ ଅନୁଷ୍ଠିତ ହୋଇଥିଲା, ଏହି ଗଣଦୌଡକୁ ବିଧାୟକ ସ୍ୱରୂପ ଦାସ ଦଳୀୟ ପତାକା ଦେଖାଇ ଉଦଘାଟନ କରିଥିବା ବେଳେ ଏହି ଗଣଦୌଡ ଡିଆଇସି ଛକ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତି ସମ୍ମୁଖରେ ସମାପନ ହୋଇଥିଲା । ଗଣଦୌଡରେ ବହୁ ଛାତ୍ର, ଯୁବ, ମହିଳା ଓ ଦଳୀୟ କର୍ମୀ ଅଂଶ ଗ୍ରହଣ କରିଥିଲେ । ଏହି ଗଣଦୌଡରେ ମହିଳା ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ସଂଧାରାଣୀ ଜେନା, ଦିତୀୟ ସ୍ଥାନରେ କବିତା ମୂର୍ମୁ, ତୃତୀୟ ସ୍ଥାନରେ ରଞ୍ଜିତା ପଣ୍ଡା ରହିଥିବା ବେଳେ ପୁରୁଷ ବିଭାଗରରେ ପ୍ରଥମରେ ସିତାଶୁଂ ଶେଖର ସେନାପତି, ଦିତୀୟରେ ଲକ୍ଷ୍ମୀକାନ୍ତ ମୂର୍ମୁ,ତୃତୀୟ ସ୍ଥାନରେ ଇଶ୍ୱର କୁମାର ପାତ୍ର ବିଜୟୀ ହୋଇଥିଲେ । ଏହା ପରେ ବିଧାୟକଙ୍କ ଦ୍ୱାରା ବିଜୟୀ ମାନଙ୍କୁ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା । ଏହାପରେ ସହରର ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତିରେ ସାମୁହିକ ମାଲ୍ୟାର୍ପଣ କରାଯାଇଥିଲା । ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଂଟନ ସହ ବାଲିଘାଟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଗାନ୍ଧିସ୍ମୃତି ଭବନରେ ଏକ ବିଶାଳ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ବିଜେଡିର ଜିଲ୍ଲା ସାଧାରଣ ସମ୍ପାଦକ ତଥା ଆମ ଓଡିଶା ନବୀନ ଓଡିଶାର ଜିଲ୍ଲା ସଂଯୋଜକ ରଂଜନ ବାଗ ସଭାପତିତ୍ୱ କରିଥିବା ବେଳେ ବିଧାୟକ ସ୍ୱରୂପ ଦାସ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାକୁ ପ୍ରତ୍ୟେକ ଜନସାଧାରଣଙ୍କ ପାଖରେ ପହଁଚାଇବା ପାଇଁ ସମସ୍ତ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ ଏବଂ ଆସନ୍ତା ନିର୍ବାଚନରେ ବିଜୁ ଜନତା ଦଳକୁ ବିପୁଳ ବିଜୟ କରିବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ପୌରପରିଷଦ ଉପାଧ୍ୟକ୍ଷ କୈଳାସ ସେଠୀ, ବିଜେଡି ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ଟାଉନ ବିଜେଡି ସଭାପତି ସନତ ଦାସ, ରାଜ୍ୟ ମହିଳା ଉପ ସଭାପତି ଶ୍ରଦ୍ଧାଞ୍ଜଳି ରାୟ, ଟାଉନ ମହିଳା ସଭାପତି ମୀନା ମହାନ୍ତି, ସଦର ମହିଳା ସଭାପତି ଜ୍ୟୋତିରାଣୀ ମାଝି, ଜିଲ୍ଲା ପରିଷଦ ସଭ୍ୟା ସୋନାଲି ବିଶ୍ୱାଳ, ଯୁବ ଜୋନାଲ ସାଧାରଣ ସମ୍ପାଦକ ତଥା ମିଡିଆ ସଂଯୋଜକ ଧିରେନ ନାୟକ, ସଦର ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସେକ ଅନସର, ସଦର ବ୍ଲକ ଯୁବ ସଭାପତି ଦିଲ୍ଲୀପ ମହାନ୍ତି, ଟାଉନ ଯୁବ ସଭାପତି ଉମାଶଙ୍କର ତିଆଡି, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସଂଗ୍ରାମ ମଲ୍ଲିକ, ନଗର ଛାତ୍ର ସଭାପତି ବିଭୁଦତ ପରିଡା, ଅର୍ବାନ ବ୍ୟାଙ୍କ ଉପ ସଭାପତି ନିଶାମଣୀ ପ୍ରଧାନ, ଜିଲ୍ଲା ମହିଳା ସମ୍ପାଦିକା ମୋନାଲିସା ପାଣିଗ୍ରାହୀ, କାଉସିଲର ମୀତା ପଟ୍ଟନାୟକ, କବିତା ମୂର୍ମୁ, ମୀରାଜ ବାନୋ, ସଂଧାରାଣୀ ଜେନା, ସବିତା ଦାସ, ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ଶୋଭା ମହାପାତ୍ର, ଶଶିରେଖା ମହାନ୍ତି, ସେକ ଆୟୁବ, କାର୍ତିକ ସାହୁ, ସୁନିଆ ମୂର୍ମୁ, ମହିଳା ରାଜ୍ୟ ସମ୍ପାଦିକା ଦୀପାରାଣୀ ସାହୁ, ଜୟଶ୍ରୀ ବିଶ୍ୱାଳ ଏବଂ ସଦର ନିର୍ବାଚନ ମଣ୍ଡଳୀର ସମସ୍ତ ସରପଂଚ, ସମିତି ସଭ୍ୟ, ଦଳୀୟ ନେତୃବୃନ୍ଦ ମଂଚାସୀନ ରହି ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଜିଲ୍ଲା ବିଜେଡି ସମ୍ପାଦକ ମନୋଜ ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ରେମୁଣା ବିଜେଡ଼ି ପକ୍ଷରୁ ଦଳର ୨୭ତମ ପ୍ରତିଷ୍ଠା ବାର୍ଷିକୀ ପାଳିତ

### ସମୃଦ୍ଧ, ସଶକ୍ତ-ସ୍ୱାଭିମାନୀ ନବୀନ ଓଡ଼ିଶା ଗଠନ ପାଇଁ ସଂକଳ୍ପ ନେଲେ କର୍ମୀ



ରେମୁଣା : ରେମୁଣା ହନୁମାନ କଲ୍ୟାଣମଣ୍ଡପ ପରିସରରେ ରେମୁଣା ବିଜେଡ଼ି ପକ୍ଷରୁ ଦଳର ୨୭ ତମ ପ୍ରତିଷ୍ଠା ବାର୍ଷିକୀ ଆଜି ପାଳିତ ହୋଇଯାଇଛି । ବ୍ଲକ୍ ସଭାପତି ମନୋଜ ରାଉତଙ୍କ ଅଧ୍ୟକ୍ଷତାରେ ଅୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଜିଲ୍ଲା ଉପସଭାପତି ପ୍ରଭାତ କୁମାର ବିଶ୍ୱାଳ ନବୀନ ପଟ୍ଟନାୟକଙ୍କ ଶାସନକାଳରେ ରେମୁଣା ନିର୍ବାଚନମଣ୍ଡଳିର ବିକାଶ ହୋଇଥିବା କଥା ଉଲ୍ଲେଖ କରିଥିଲେ । ଏହି ଅବସରରେ ଉପସଭାପତି ଶ୍ରୀ ବିଶ୍ୱାସ ଉପସ୍ଥିତ ଦଳୀୟ କର୍ମୀ, କର୍ମକର୍ତା ଓ ସମର୍ଥକମାନଙ୍କୁ ସମୃଦ୍ଧ, ସଶକ୍ତ, ସ୍ୱାଭିମାନୀ ନବୀନ ଓଡ଼ିଶା ଗଠନ ପାଇଁ ଶପଥବାକ୍ୟ ପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଉପସଭାପତି ନଳିନୀ କୁମାର ପଣ୍ଡା, ବ୍ଲକ୍ ଚେୟାରମ୍ୟାନ୍ ରାଜେନ୍ଦ୍ର ରାଉତ, ଏନଏସି ଅଧକ୍ଷା ତନୁଜା ଗିରି ଏନଏସି ଉପାଧ୍ୟକ୍ଷ ଏହେସାନ୍ ଖାନ୍, ବ୍ଲକ୍ ଭାଇସ୍ ଚେୟାରମ୍ୟାନ ସୁମତୀ ବେହେରା, ବିଜେଡ଼ିର ଏନଏସି ବିଜୁ ମହିଳା ଜନତା ଦଳ ଅଧକ୍ଷା ବିଦ୍ୟୁତ୍ ଲତା ସାହୁ, ସଦର ବ୍ଲକ୍ ଉପସଭାପତି ଲକ୍ଷ୍ମୀଧର ସ୍ୱାଇଁ, ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦକ ରବି ରାଉତ, ସମ୍ପାଦକ ନରେନ୍ଦ୍ର ବେହେରା, ଲକ୍ଷ୍ମୀକାନ୍ତ ଦାସ, ଗୋବିନ୍ଦ ପାତ୍ର, ମହିଳା ବ୍ଲକ୍ ସଭାପତି ସଂଯୁକ୍ତା ପାତ୍ର, ରାଜ୍ୟ ଯୁବ ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ତାପସ ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଭ୍ୟ ଅଭିମନ୍ୟୁ ଦିନ୍ଦା, କଲ୍ୟାଣୀ ବାରିକ, ଗିରିଶ ଦଳେଇ, ଗୌରୀମଣୀ ବେହେରା ଏବଂ ଯୁବ ବିଜୁ ଜନତା ଦଳ ସଭାପତି ହିମାଂଶୁ ମହାନ୍ତି ପ୍ରମୁଖ ଉଦ୍‌ବୋଧନ ଦେଇ ଆଗାମୀ ନିର୍ବାଚନରେ ଦଳ ରାଜ୍ୟ ସଭାପତି ଯାହାକୁ ପ୍ରାର୍ଥୀ କରିବେ ତାଙ୍କୁ କିଭଳି କର୍ମୀ ଜିତାଇବେ ଓ ଦଳରେ ଥାଇ ଦଳବିରୋଧୀ କାର୍ଯ୍ୟକ କରୁଥିବା ନେତାଙ୍କୁ ପାଲଟା କଟାକ୍ଷ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ସକାଳୁ ହାତିଆଗଣ୍ଡ ଛକରୁ ଏକ ଗଣଦୌଡ଼ ଆରମ୍ଭ ହୋଇ ମନ୍ଦିର ଛକରେ ସମାପ୍ତ ହୋଇଥିଲା । ପୂର୍ବାହ୍ନରେ ସ୍ଥାନୀୟ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଂଟନ କରାଯାଇଥିଲା ।

## ମିରାମ୍ବିକା ଆବାସିକ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ



ବାଲେଶ୍ୱର : ଗତ ସୋମବାର ପୂର୍ବାହ୍ନରେ ମିରାମ୍ବିକା ରେସିଡେନ୍ସିଆଲ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ କୁଳପତି ପ୍ରଫେସର ଡ. ହରେକୃଷ୍ଣ ଶତପଥୀ, ଡ. ଦେବାଶିଷ ମହାପାତ୍ର, ଡ. କୁମାର ମିଶ୍ର, ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାନା କବି ନିରଞ୍ଜନ ଖୁଂଟିଆ, କବି ସନ୍ତୋଷ ସିଂହ, କବି ଅଭୟ ଦାସ, ପ୍ରାଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର. ପ୍ରମୁଖ ଉଦ୍‌ବୋଧନ ଦେଇ ଛାତ୍ରଛାତ୍ରୀମାନେ ଶିକ୍ଷା ସମୟରେ ଶୃଙ୍ଖଳିତ ଜୀବନ ଯାପନ କରିବା ସହ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଭୂଦତ ଖୁଂଟିଆ ଅତିଥି ପରିଚୟ ପ୍ରଦାନ କରିବା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ଓ ପାଚିକା ସଙ୍ଘ ବୈଠକସବୁ ସମସ୍ୟା ଓ ଦାବି ପୂରଣ କରାଯିବ : ବିଧାୟକ



ବାଲେଶ୍ୱର : ଅଲ ଓଡିଶା ଅଙ୍ଗନବାଡି ଓ ପାଚିକା ସଙ୍ଘର ଏକ ବୈଠକ ସ୍ଥାନୀୟ ଷ୍ଟେସନ କ୍ଲବ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ବନଜା ଦାସଙ୍କ ପୌରହିତ୍ୟରେ ଅୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ନନ୍ଦିନୀ ପଣ୍ଡା କର୍ମୀ ଓ ପାଚିକା ମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ, ସେ ଅନୁସାରେ ପେ'ସ୍କେଲ, ପଦୋନ୍ନତି, ଅଣ୍ଡା ପାଇଁ ମିଳୁଥିବା ଅର୍ଥ ପରିମାଣ ବୃଦ୍ଧି, ଶୀତ ବସ୍ତ୍ର ପ୍ରଦାନ ଆଦି ବାରଟି ଦାବି ଉପରେ ସରକାର ଦୃଷ୍ଟି ଦେଉ ନଥିବା ଅଭିଯୋଗ କରିଥିଲେ । ବିଧାୟକ ସ୍ୱରୂପ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ କି, ଆଜି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ରେ ସତୁରି ଲକ୍ଷ ମହିଳା ଙ୍କୁ ଯୋଡିବା କ୍ଷେତ୍ର ରେ ଅଙ୍ଗନୱାଡି ଦିଦି ମାନଙ୍କ ପ୍ରମୁଖ ଭୂମିକା ରହିଛି । ସେମାନେ ଶିଶୁ ମାନଙ୍କର ମା 'ଭଳି ସେବା କରୁଛନ୍ତି । ତେବେ ଅଣ୍ଡା ମୂଲ୍ୟକୁ ନେଇ ସେ ଜିଲ୍ଲା ପାଳଙ୍କ ସହ ଆଲୋଚନା କରିବେ । ଅନ୍ୟାନ୍ୟ ଦାବି ଉପରେ ସେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବେ । ମୁଖ୍ୟ ମନ୍ତ୍ରୀ କାହାରିକୁ ନିରାଶ କରିନାହାନ୍ତି । ତେଣୁ ସଙ୍ଘର ଦାବି ନିଶ୍ଚିତ ଭାବେ ମୁଖ୍ୟମନ୍ତ୍ରୀ ପୂରଣ କରିବେ । ତେବେ କେନ୍ଦ୍ର ସରକାର ପ୍ରତିବର୍ଷ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ବଜେଟ ଓ ଅନୁଦାନ ହ୍ରାସ କରୁ ଥିବା ବେଳେ ଓଡିଶା ସରକାର ଏହି ବିଭାଗର ବଜେଟକୁ ବୃଦ୍ଧି କରିବା ସହ ଅଙ୍ଗନ ବାଡ଼ି ଗୁଡିକୁ ଅଧିକ ଆଧୁନିକ କରିବାକୁ ନିଷ୍ପତି ନେଉଛନ୍ତି । ଜିଲ୍ଲା ସମ୍ପାଦକ ଗୌରୀ ଦାସ ବିଧାୟକ ଅଙ୍ଗନ ବାଡ଼ି ଗୁଡିକରେ ସୃଷ୍ଟି ହେଉଥିବା ବିବିଧ ସମସ୍ୟା ଗୁଡିକର ସମାଧାନ ଲାଗି ଉଦ୍ୟମ କରନ୍ତୁ ବୋଲି ନିବେଦନ କରିଥିଲେ । ଅଣ୍ଡାର ବଜାର ମୂଲ୍ୟ ଓ ସରକାର ଦେଉଥିବା ମୂଲ୍ୟ ମଧ୍ୟରେ ପାର୍ଥକ୍ୟ ରହୁଥିବାରୁ ପିଲା ମାନଙ୍କୁ ସଠିକ ପରିମାଣର ଅଣ୍ଡା ଦେବା କଷ୍ଟକର ହେଉଛି ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେପୌର ପାଳିକାର ଭାଇସ ଚେୟାର ମ୍ୟାନ କୈଳାସ ଚନ୍ଦ୍ର ସେଠୀ, ଦିଲ୍ଲୀପ ମହାନ୍ତି, ଶମ୍ଭୁ ନାଥ ବୟଷଢବ, ଧିରେନ ଚନ୍ଦ୍ର ନାୟକ, ମନୋଜ ରାଉତ ପ୍ରମୁଖ ଉପସ୍ଥିତ ରହି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।

## ବିଜେଡ଼ିର ୨୭ ତମ ପ୍ରତିଷ୍ଠା ବାର୍ଷିକୀରେ ଜୋନସ୍ତରୀୟ ରକ୍ତ ଦାନ ଶିବିର



ବାଲେଶ୍ୱର : ମଙ୍ଗଳ ବାର ଦିନ ବିଜୁ ଜନତା ଦଳର ଚବିଶ ତମ ପ୍ରତିଷ୍ଠା ଦିବସ ବାଲେଶ୍ୱରରେ ପାକିତ ହେବାକୁ ଯାଉଛି । ଏହି ଅବସର ରେ ବାଲେଶ୍ୱର ବିଜୁ ଯୁବ ଜନତା ଦଳ ପକ୍ଷରୁ ଏକ ଜୋନ ସ୍ତରୀୟ ମେଗା ରକ୍ତ ଦାନ ଶିବିର ସିଦ୍ଧି କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇ ଯାଇଛି । ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ଓ ରାଜ୍ୟ ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରୀ ଅଧକ୍ଷା ସୁବାସିନୀ ଜେନା ଶିବିରକୁ ଉଦଘାଟନ କରିଥିଲେ । ଜିଲ୍ଲା ପରିଷଦ ଅଧକ୍ଷ ନାରାୟଣ ପ୍ରଧାନ, ପୌରାଧକ୍ଷା ସବିତା ସାହୁ, ସଦର ବ୍ଲକ ଅଧକ୍ଷା ସୁନିତା ବେହେରା, ରେମୁଣା ବ୍ଲକ ଅଧକ୍ଷ ରାଜେନ୍ଦ୍ର ରାଉତ, ବ୍ରିଟ ଅଧକ୍ଷ ଆଲୋକ ସାହୁ, ପୂର୍ବତନ ଅଧକ୍ଷ ଗୌରୀ ରାଉତ, ଜୋନାଲ ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଦାସ, ସାଧାରଣ ସମ୍ପାଦକ ଗୌର ହରି ମଲ୍ଲିକ, ହେମନ୍ତ ମହାନ୍ତି, ଗିରିଶ ଦଳେଇ, ଭାଗବତ ସାହୁ, ପ୍ରଦୀପ ପଲେଇ, ସ୍ମୃତି ରଞ୍ଜନ ମହାପାତ୍ର, ଯଯାତି କେଶରୀ ଦାସ, ଜଗବନ୍ଧୁ ଭୋଇ, ଶିବାଜୀ ଭଞ୍ଜଙ୍କ ସମେତ ବହୁ ସଦସ୍ୟ ସଦସ୍ୟା, କର୍ମ କର୍ତା, ପଦାଧିକାରୀ ଯୋଗ ଦେଇଥିଲେ ।

## ନୀଳଗିରିରେ ବିଭିନ୍ନ ଚର୍ଚ୍ଚରେ ଯୀଶୁଙ୍କ ଧରାବତରଣ ଉତ୍ସବ ପାଳିତ

ନୀଳଗିରି : ନୀଳଗିରି ପଣ୍ଡା ଅଫିସ ନିକଟ ନିୟୁଲିଭିଂ ଚର୍ଚ୍ଚ ଓ ମିତ୍ରପୁର ନିକଟ କେ.ପି ଲାଖରାଜ ପଂଚାୟତର ମିତ୍ରପୁର ଠାରେ ଥିବା, ବାପିଷ୍ଟ ଚର୍ଚ୍ଚ ରେସମସ୍ତ ଯୀଶୁ ପ୍ରେମୀ ମାନେ ବେଶ୍ ଆନନ୍ଦ ଉଲ୍ଲାସର ସହିତ ଗତକାଲି ଅର୍ଦ୍ଧରାତ୍ର ରେ ଯୀଶୁଙ୍କ ଧରାବତରଣ ଉତ୍ସବ ପାଳନ କରିବା ସହିତ ଯୀଶୁଙ୍କ ନିକଟରେ ପୂଜାର୍ଚ୍ଚନା, ପ୍ରାର୍ଥନା କରିବା ସହ ବାଇବେଲ ପାଠ କରି ଥିଲେ । ମିତ୍ରପୁର ବାପିଷ୍ଟିକ ଚର୍ଚ୍ଚ ପରିସରରେ, ଏକ ସଭାରେ ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ କହିଥିଲେ ଶାନ୍ତି, ମୈତ୍ରୀ, ପ୍ରେମ ଓ ବଳିଦାନର ଦିନକୁ ଆମେ ଏକତ୍ରିତ ପାଳନ କରିବା କୁ ଆହ୍ୱାନ ଦେଇଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସରୋଜ ସେଠୀ, ସନ୍ତୋଷ ଖଟୁଆ, ଗତିକୃଷ୍ଣ ନନ୍ଦ, ସୁକୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ଯୀଶୁ ପ୍ରେମୀ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଜନ ସମାଗମ ହୋଇଥିବା ଦେଖାଯାଇଛି ।

## ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ବିଜେପି ପକ୍ଷରୁ ଭାରତ ରତ୍ନ ତଥା ପୂର୍ବ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମଜୟନ୍ତୀ ପାଳନ

ଅଟଳ ବିହାରୀ ବାଜପେଇଙ୍କ ଜନ୍ମ ଜୟନ୍ତୀ ପାଳନ ଅବସରରେ ଆନନ୍ଦପୁର ନଗର ମଣ୍ଡଳ, ଶାଳଣିଆ ମଣ୍ଡଳ, ହାଟଡିହି ମଣ୍ଡଳ, ଶାଳବଣି



ମଣ୍ଡଳ, ଂଚୋ ମଣ୍ଡଳ, ବେଲବାହାଳି ମଣ୍ଡଳର ସଭାପତି ପ୍ରଶାନ୍ତ ମହାପାତ୍ର, ବଳଭଦ୍ର ବାରିକ, ହରମୋହନ ଶାସିନୀ, ଶଶିକାନ୍ତ ରାଉତ, ଟୁକୁନା ମହାନ୍ତ ଓ ଅନାଦି ସାହୁଙ୍କ ସଂଯୋଜନାରେ ମଣ୍ଡଳ ସ୍ତରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶହ ଶହ କାର୍ଯ୍ୟକର୍ତ୍ତା ଯୋଗଦେଇ ଅଟଳ ଜୀଙ୍କ ସଂଘର୍ଷ ପୂର୍ଣ ଜୀବନ କଥା ଓ ବର୍ତ୍ତମାନ ସମୟରେ ତାର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ । ଆଲୋଚନା ଚକ୍ର ଗୁଡିକରେ ଅଟଳ ଜୀଙ୍କ ଆଦର୍ଶ ରାଷ୍ଟ୍ର ସର୍ବୋପରି ନୀତିକୁ ଅଙ୍ଗିକୃତ କରି ଭାରତକୁ ୨୦୪୭ ମସିହା ସୁଦ୍ଧା ବିକଶିତ ରାଷ୍ଟ୍ର କରିବାର ଯେଉଁ ସ୍ୱପ୍ନ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଖି ଛନ୍ତି ତାକୁ ସାକାର କରିବା ପାଇଁ ସଂକଳ୍ପ ନେବାକୁ ଉପସ୍ଥିତ ଅତିଥି ଗଣ ଆହ୍ୱାନ ଦେଇଥିଲେ । ଇତ୍ୟବସରରେ ଆନନ୍ଦପୁର ବିଜେପି ନେତା ଆଲୋକ ସେଠି, ଜିଲ୍ଲା ଉପସଭାପତି ନିରାକାର ଦଳେଇ, ଜିଲ୍ଲା ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ସାମନ୍ତ ସିଂହାର, ଦୀପ୍ତି ସାହୁ, ପ୍ରମୁଖ ବିଭିନ୍ନ ସ୍ଥାନରେ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଞ୍ଜନ ତ୍ରିପାଠୀ, ସୁଶାନ୍ତ ଜେନା, ଅଧର ବେହେରା, କମଳ ଯେନା, ସୁଭାଦ୍ରୀ ବଳିଆର ସିଂ, ଧନେଶ୍ୱର ରାଉତ, ଗଗନ ସାହୁ, ଘାସିନାଥ ନାୟକ, ସୁରେଶ ମହାନ୍ତି, ପ୍ରହ୍ଲାଦ ନାୟକ, ନିରଞ୍ଜନ ବେହେରା, ତପନ ପାତ୍ର, ନମିତା ସାହୁ, ସବିତା ନାଥ, ସଂଯୁକ୍ତା ନାଥ, ଚନ୍ଦ୍ରଲତା ମଲ୍ଲିକ, ବିଜୟ ଜେନା, ଅନାଦି କବି, ଆଲୋକ ଦାସ, ରୁଦ୍ରପ୍ରସାଦ ବେହେରା, ସୁବ୍ରତ ସାହୁ,ଉମରାଣୀ ପଣ୍ଡା, ବାସନ୍ତୀ ସେଠୀ, ପୁଷ୍ପାଞ୍ଜଳି ନାଥ, ଜିତନ ସଂଖୁଆ, ଭବାନୀ ଶଙ୍କର ନାୟକ, ପ୍ରଶାନ୍ତ ସେନାପତି, ଗଗନ ସିଂ, ଘନଶ୍ୟାମ ମୁଦୁଲି, ବୀରକିଶୋର ସାହୁ, ବିଶ୍ୱମ୍ଭର ଦାସ, କାର୍ତ୍ତିକେଶ୍ୱର ସାହୁ, ସଂଯୁକ୍ତା ସାହୁ, ଆରତୀ ସେଠି, ସଂଯୁକ୍ତା ଯେନା, ନିରାକାର ଓଝା, ଶ୍ରୀଧର ସାହୁ, ଉଦ୍ଧବ ଓଝା, ବିମଳ ରାଉତ, ସୁମିତ୍ରା ପଣ୍ଡା, ରୁନୁ ଦେହୁରୀ, ସୁଷମା ନାଥ ବିସ୍ତାରକ ତରାକାନ୍ତ ସାହୁ, ପ୍ରମୁଖ ଯୋଗଦେଇଥିଲେ । ଆଜି ଆନନ୍ଦପୁର ନଗର କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନେକ ମହିଳା ବିଜେପିରେ ନୂଆ କରି ଯୋଗଦେଲେ ।

## ଅଟଳ ବିହାରୀ ବାଜପେୟୀଙ୍କ ସମାନ୍ତରାଳ ଜୟନ୍ତୀ, ସ୍ମୃତି ଚାରଣ ଅପେକ୍ଷା ବିଜେପିର ନିର୍ବାଚନ ପ୍ରଚାର ଓ ବେପାର ଅଧିକ

ପାରାଦୀପ : ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୯୯ ତମ ଜୟନ୍ତୀ ଉତ୍ସବ ପାରାଦୀପର ଦୁଇ ସମାନ୍ତରାଳ ଭାବେ ପାଳିତ ହୋଇଯାଇଛି । ଗୋଟିଏ ପଟେ ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଜୟନ୍ତୀ ଉତ୍ସବ ଡିସେମ୍ବର ୨୫ ତାରିଖରେ ଯଥାରୀତି ପାଳିତ ହୋଇ ଯାଇଛି । ଏହି ଉତ୍ସବରେ ପାରାଦୀପ ବିଜେଡ଼ି ସଭାପତି ତଥା ପୌରାଧ୍ୟକ୍ଷ ଶ୍ରୀ ବସନ୍ତ କୁମାର ବିଶ୍ୱାଳ, ଆଡଭୋକେଟ କୈଳାସ ଚନ୍ଦ୍ର ସାହୁ, ନାରୀନେତ୍ରୀ ଶୈଳେନ୍ଦ୍ରି ସେନାପତି ଏବଂ ସମାଜସେବୀକା ମନୋରମା ଖଟୁଆ ପ୍ରମୁଖ ଯୋଗ ଦେଇ ଅଟଳଜୀଙ୍କର ଜୀବନ ବ୍ୟାପି କର୍ମ ସାଧନା, ଦେଶପ୍ରେମ ଓ ଦେଶ ସେବାରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ ।

ଅପର ପକ୍ଷରେ ପାରାଦୀପ ବିଜେପି ପକ୍ଷରୁ ଅଟଳ ମେମୋରିଆଲ ଟ୍ରଷ୍ଟ ନାମରେ ଏକ ସମାନ୍ତରାଳ ସଭା ଜୟଦେବ ସଦନ ପରିସରରେ ଅନୁଷ୍ଠିତ ହୋଇଥିଲା ।

ସ୍ଥାନୀୟ ବିଜେପି ନେତା ସମ୍ପଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ




ବିଜେପି ରାଜ୍ୟ ସଭାପତି ଶ୍ରୀ ମନ ମୋହନ ସାମଲଙ୍କ ସମେତ ଅନ୍ୟ ବରିଷ୍ଠ ନେତା ମାନେ ଉପସ୍ଥିତ ଥିଲେ ଏବଂ ଜୟଦେବ ସଦନ ପରିସରରେ ଏବଂ ପାରାଦୀପ ଉତ୍ସବରେ ଏକ କ୍ଷୁଦ୍ର ମାର୍କେଟ କମ୍ପ୍ଲେକ୍ସ ଖୋଲା ଯାଇଛି ଯାହା ସପ୍ତାହ ଧରି ଚାଲିବ । ତେଣୁ ବାଜପେୟୀଙ୍କ ଜୟନ୍ତୀକୁ ମୋହରା କରି ବିଜେପି ପାରାଦୀପରେ ବେପାର କରୁଛି ବୋଲି କୁହାଯାଉଛି । ଅପର ପକ୍ଷରେ ନିମନ୍ତ୍ରିତ ଅତିଥି ମାନେ ବାଜପେୟୀଙ୍କ ଅପେକ୍ଷା ମୋଦି ସରକାରଙ୍କ ଗୁଣଗାନ କରିଥିଲେୟ ବାଜପେୟୀଙ୍କ ଭଳି ନିର୍ବିବାଦୀୟ ନେତାଙ୍କୁ ବିଜେପି ନିଜସ୍ ଦଳର ବୋଲି କୁହାଯାଉଛି । ଯାହାକୁ ବୁଦ୍ଧିଜୀବୀ ମାନେ ନାପସନ୍ଦ କରିଛନ୍ତି । କେନ୍ଦ୍ରରେ କଂଗ୍ରେସ ସରକାର ଥିଲା ବେଳେ ଯେଉଁ ନେତା କଂଗ୍ରେସର ସମର୍ଥକ ହୋଇ ତୈଳ ବିଶୋଧନାଗାରରେ କୋଟି କୋଟି ଟଙ୍କାର ବେପାର କରୁଥିଲେ । ସେହି ନେତା ସରକାର ବଦଳି ଗଲା ପରେ ବିଜେପି ଦଳକୁ ଆସି ବିଜେପିର ସ୍ଥାନୀୟ ନେତା ହୋଇଛନ୍ତି ଏବଂ ତୈଳ ବିଶୋଧନାଗାର ସମେତ ବନ୍ଦରରେ ଶହ ଶହ କୋଟି ଟଙ୍କାର ବେପାର କରୁଛନ୍ତି । ରାଜନୀତି ବା ଲୋକଙ୍କ ସେବା ପାଇଁ ନୁହେଁ ନିଜର ବ୍ୟବସାୟିକ ଫାଇଦା ପାଇଁ ଦଳୀୟ ପତାକା ତଳେ ରହି ବ୍ୟବସାୟ କରୁଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ପୁରୀ ଜିଲ୍ଲା ଯୁବ କଂଗ୍ରେସ ତରଫରୁ ଭିକେ ପାଣ୍ଡିଆନଙ୍କ ନାମରେ ଏତଲା

ପୁରୀ : ଗତ ଡିସେମ୍ବର ୧୫, ୨୦୨୩ ରେ ୫ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନ ଜନୈକା ମହିଳା କାମିଆ ଜାନୀଙ୍କୁ ରାତି ୪ଟାରେ ଶ୍ରୀ ମନ୍ଦିର ଭିତରେ ପ୍ରବେଶ କରାଇ ଶ୍ରୀଜୀଉମାନଙ୍କର ଦର୍ଶନ କରାଇବା ସହିତ ରାଜ୍ୟ ସରକାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଏବଂ ଶ୍ରୀସେତୁ ତଥା ଅନ୍ୟାନ୍ୟ ଉନ୍ନୟନ ପ୍ରକଳ୍ପ ର ପ୍ରଚାର ପ୍ରସାର କରିବା ସହିତ ରାଧାବଲ୍ଲଭ ମଠରେ ଶ୍ରୀ ମହାପ୍ରସାଦ ସେବନ କରାଇ ଭିଡିଓ ବାର୍ତ୍ତା ମାଧ୍ୟମରେ ନିଜର ପ୍ରଚାର କରାଇଥିଲେ ଏବଂ ସୂଚନା ଅନୁଯାୟୀ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କାର ର ବ୍ୟୟ କରାଯାଇଛି । ଠିକ୍ ଅଛି ସରକାର ପ୍ରଚାର କରିବାରେ କିଛି ଅସୁବିଧା ନାହିଁ । ବାସ୍ତବରେ କାମିଆ ଜାନୀ ଜଣେ ୟୁଟ୍ୟୁବ ବ୍ଲଗର ଓ ଫୁଡ୍ ପ୍ରମୋଟର ନିକଟରେ କାମିଆ ଜାନୀ ଦକ୍ଷିଣ ଭାରତ ର କୋଚି ସହରରେ ଏକ ରେଷ୍ଟୁରାଂଟରେ ଗୋ ମାଂସ ଭକ୍ଷଣ କରିବା ଓ ଭିଡିଓ ମାଧ୍ୟମରେ ତାର ସ୍ୱାଦ, ଦର ଆଦି ପ୍ରଚାର କରିଥିଲେ । ତେବେ ବିଜେଡ଼ି ଦଳର ନୂଆ ଗଡ଼ ଫାଦର ପାଲଟି ଥିବା ଭିକେ ପାଣ୍ଡିଆନ କାମିଆ ଜାନୀ ଙ୍କୁ ଆଣି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସହିତ ମହାପ୍ରସାଦ ସେବନ ଓ ପରିକ୍ରମା ପ୍ରକଳ୍ପ ଉଦ୍ଘାଟନ ଉତ୍ସବ କୁ ପ୍ରଚାର କରିବା ପାଇଁ ଯେଉଁ ପ୍ରାୟୋଜିତ କାର୍ଯ୍ୟକ୍ରମ କରିଛନ୍ତି ତାହା ଘୋର ନିନ୍ଦା ର ବିଷୟ ଏବଂ ହିନ୍ଦୁ ବିରୋଧୀ କାର୍ଯ୍ୟ । ମୋଗଲ ଶାସନ ସମୟରେ ହିନ୍ଦୁ ମାନଙ୍କୁ ଜୋର ଜବରଦସ୍ତ ମୁସଲମାନ କରିବା ପାଇଁ ଗୋ ମାଂସ ଜବରଦସ୍ତ ଭକ୍ଷଣ କରାଯାଉଥିଲା ଯାହା ସେ ସମୟର ବଡ଼ ବିଧର୍ମୀ କାର୍ଯ୍ୟ ଥିଲା ଏବଂ ୧୮୫୭ ମସିହାରେ ଗୋଚର୍ବି ବ୍ୟବହାର ହୋଇଥିବା ବନ୍ଧୁକ ବ୍ୟବହାର ନ କରିବା ପାଇଁ ସିପାହୀ ବିଦ୍ରୋହର ସୁତ୍ରପାତ ହୋଇଥିଲା । ତେବେ ସେହି ନ୍ୟାୟ ରେ କାମିଆ ଜାନୀ ମଧ ଜଣେ ଅଣ ହିନ୍ଦୁ । ତେବେ ରାଜ୍ୟ ସରକାର ନିଜକୁ ଜଗନ୍ନାଥ ମହାପ୍ରଭୁଙ୍କ ପ୍ରତି ଥିବା ଯେଉଁ ଆସ୍ଥା ଓ ବିଶ୍ୱାସ ଦେଖଉଛନ୍ତି ତାହାର ବାସ୍ତବ ରୂପ ଲୋକଙ୍କ ପାଖରେ ସାର୍ବଜନୀନ ହୋଇସାରିଛି ତେବେ ଭିକେ ପାଣ୍ଡିଆନ




ଓ କାମିଆ ଜାନୀ ଏବଂ ଉପସ୍ଥିତ ଥିବା ପୋଲିସ ଓ ପ୍ରଶାସନ ଅଧିକାରୀ ଅନ୍ୟ ଅଧିକାରୀଙ୍କ ବିରୁଦ୍ଧରେ ଶ୍ରୀ ମନ୍ଦିର ଆଇନ ଉଲ୍ଲଂଘନ କରିଥିବା ଅଭିଯୋଗ ରେ ମାମଲା ରୁଜୁ କରାଯାଉ । ଏଥି ସହ କମିୟା ତାଙ୍କ ୟୁଟବର ଚାନେଲ ରେ ଛାଡିଥିବା ଭିଡ଼ିଓ ରେ ଜଣେଇଛନ୍ତି କି ପ୍ରଶାସନିକ ଅଧିକାରୀ ସହ ବିଜେଡି ତାମିଲ ନେତା ଭିକେ ପାଣ୍ଡିଆନ ଙ୍କ ଉପସ୍ଥିତିରେ ସେ ସବୁ ନାମକୁ ମାତ୍ର ପର୍ଯ୍ୟବେକ୍ଷଣ କରି ଭିଡ଼ିଓ ରେ ଡ୍ରୋନ କ୍ୟାମେରା ଭିଡ଼ିଓ ଶ୍ରୀ ଜଗନ୍ନାଥ ମନ୍ଦିର ଉପରୁ ନେଇଥିଲେ ଯାହା ବେଆଇନ ତେବେ ଏହି ଜାଗାରେ ସମସ୍ତ ପୋଲିସ ଅଧିକାରୀ ଓ ପ୍ରଶାସନିକ ଅଧିକାରୀ ଥିଲେ ମଧ୍ୟ ଏହାର ବାରଣ କେହି କରିନଥିଲେ ତେଣୁ ତୁରନ୍ତ ସମସ୍ତ ଭିଡ଼ିଓ କୁ କେନ୍ଦ୍ର କରି ତଦନ୍ତ କରାଯାଉ । ଏହି ପରିପକ୍ଷରେ ପୁରୀ ଜିଲ୍ଲା ଯୁବ କଂଗ୍ରେସ ତରଫରୁ ପୁରୀ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ଦାଶ ଙ୍କ ସହ ଜିଲ୍ଲା କଂଗ୍ରେସ ମୁଖପାତ୍ର ସ୍ୱାଧୀନ ପଣ୍ଡା, ସଦର ବ୍ଲକ ସଭାପତି ରାମଚନ୍ଦ୍ର ସାହୁ, ଯୁବ ନେତା ରଶ୍ମୀକାନ୍ତ ସାହୁ, ପୁରୀ ବିଧାନ ସଭା ଯୁବକଂଗ୍ରେସ ସଭାପତି ମନୋଜ ମଣ୍ଡଳ, ବିଧାନ ସଭା ଯୁବ କଂଗ୍ରେସ ଉପସଭାପତି ଅନିଲ ବେଜ ଙ୍କ ନେତୃତ୍ୱରେ ସାହିଲ ମହାନ୍ତି, ଜଗଦୀଶ ରାଉତ, ସୋମନାଥ ନାୟକ, ହେମନ୍ତ ପ୍ରଧାନ, ରାକେଶ ପଟ୍ଟନାୟକ, ଅନିଲ ନାୟକ, ରକି ନାୟକ, ଓମ ପ୍ରକାଶ ଖୁଂଟିଆ, ସୁମିତ ପାଲ, ସୁମିତ ଦାସ ଙ୍କ ସହ ଅନ୍ୟ ଶତାଧିକ ଯୁବ କର୍ମୀଙ୍କ ଉପସ୍ଥିତିରେ ଟାଉନ ଥାନା ଭାରପ୍ରାପ୍ତ ଅଧିକାରୀ ଙ୍କୁ ଏତଲା ପ୍ରଦାନ କରାଯାଇଥିଲା

## ଜାନୁଆରୀ ୫ ତାରିଖରେ ହେବ ଗୋପିନାଥପୁର ନୀଳଗିରି ଷ୍ଟେସନ ଲୋକାର୍ପଣ ଉତ୍ସବ



ନୀଳଗିରି : ବହୁ ପ୍ରତିକ୍ଷୀତ ଗୋପିନାଥପୁର – ନୀଳଗିରି ରେଳ ଷ୍ଟେସନ ରୁ ଆସନ୍ତା ଜାନୁଆରୀପ୦୫ପତାରିଖପରୁ ଆରମ୍ଭ ହେବ ରେଳ ଚଳାଚଳ । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ ମାନ୍ୟବର ରେଳମନ୍ତ୍ରୀ ଅଶ୍ୱିନି ବୈଷ୍ଣବ ସେଥିପାଇଁ, ଆଜି ବାଲେଶ୍ୱରରେ ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ଡି ଆର୍ ଏମ କେ.ଆର. ଚୌଧୁରୀଙ୍କ ଉପସ୍ଥିତିରେ ରେଳବିଭାଗ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ୱାଧୀନତାର ଦୀର୍ଘ ୭୬ ବର୍ଷ ପରେ ନୀଳଗିରି ଓ ରେମୁଣା ବାସୀଙ୍କ ସ୍ୱପ୍ନ ପୂରଣ ହେଉଥିବାରୁ, ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଙ୍କୁ ଏବଂ ମାନ୍ୟବର ରେଳମନ୍ତ୍ରୀ ଶ୍ରୀଯୁକ୍ତ ଅଶ୍ୱିନି ବୈଷ୍ଣବ ଜୀଙ୍କୁ ଏବଂ ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କୁ ନୀଳଗିରି ଓ ରେମୁଣା ବାସୀଙ୍କ ତରଫରୁ ଅନେକ ଅନେକ ସାଧୁବାଦ ଜଣାଯାଇଛି ।

## ବହଳଦା ବନାଂଚଳ ପକ୍ଷରୁ ପର୍ଯ୍ୟଟନସ୍ଥଳୀ ନେସା ଡ୍ୟାମରେ ପ୍ଲାଷ୍ଟିକ ମୁକ୍ତ ସଚେତନତା ଅଭିଯାନ



ରାଇରଙ୍ଗପୁର: ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ନେଇ ପରିବେଶ ନଷ୍ଟ ହେବା ସହ ପର୍ଯ୍ୟାବରଣ ପ୍ରତି ବିପଦ ଦେଖାଯାଇଛି । ବର୍ତମାନ ଚାଲିଛି ପର୍ଯ୍ୟଟନ ଋତୁ । ଟିକେ ହସଖୁସିରେ ପରିବାର ବଂଧୁବାନ୍ଧବ, ସାଙ୍ଗ ସାଥି ବଣଭୋଜି କରିବାକୁ ବହଳଦା ଅଂଚଳର ମନଲୋଭା, ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ନେହା ଡ୍ୟାମରୁ ନୀଳ ଜଳରାଶି ଏବଂ ନିକଟସ୍ଥ ଜଙ୍ଗଲର ଦୃଶ୍ୟ ଦେଖିବାକୁ ଆଖପାଖ ସମେତ ଦୂରଦୂରାନ୍ତରୁ ଲୋକେ ଛୁଟି ଆସନ୍ତି ଓ ବଣଭୋଜି କରନ୍ତି ବଣଭୋଜି ପରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଏଠି ସେଠି ପକାନ୍ତି ଯାହାକି ପରେ ପରିବେଶ ଓ ପର୍ଯ୍ୟାପ୍ତ ପ୍ରତି ବିପଦ ସୃଷ୍ଟି କରିଥାଏ । ଏଥିପ୍ରତି ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ମୟୁରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅନ୍ତର୍ଗତ ନେସା ଡ୍ୟାମ ଠାରେ ବହଳଦା ବନାଂଚଳ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ବଣଭୋଜି ଅଭିଯାନ ସୋମବାର ଦିନ କରାଯାଇଛି । ରାଇରଙ୍ଗପୁର ବନଖଣ୍ଡ ପକ୍ଷରୁ ଚାଲିଥିବା ପ୍ଲାଷ୍ଟିକ ମୁକ୍ତ ବଣଭୋଜି ସ୍ଥଳ ଅଭିଯାନ ଅନୁସାରେ ଡିଏଫଓ ଶିବ ପ୍ରସାଦ ରଥଙ୍କ ନିର୍ଦ୍ଦେଶ କ୍ରମେ ବହଳଦା ବନାଂଚଳ ଅଧିକାରୀଣୀ ସୁମତୀ ପାତ୍ର’ଙ୍କ ତତ୍ୱାବଧାନରେ ତଥା ଫରେଷ୍ଟର ଜୀତେନ ବେହେରା’ଙ୍କ ନେତୃତ୍ୱରେ ବନପାଳ ଶୁଭସ୍ମିତା ଗିରି, ପାରାଷ୍ଟାଫ୍ ମୋହନ ମହାକୁଡ, ଦୀନବନ୍ଧୁ ପାତ୍ର, ସଂଗ୍ରାମ ବାସ୍କେ, ବସନ୍ତ ମଣ୍ଡଳ, ବିରୁଦତ ମହାନ୍ତ, ଆନୋ ହାଁସଦାଃ ପ୍ରମୁଖ ଦଳବଳ ସହ ଉପସ୍ଥିତ ରହିଥିବାବେଳେ ମୁଖ୍ୟ ଅତିଥୀ ଭାବେ ପରାବେଶ ବିତ୍ ଲଳିତ ମହାନ୍ତ ଉପସ୍ଥିତ ରହିଥିବାବେଳେ ସମ୍ମାନୀତ ଅତିଥି ଭାବେ ସାମ୍ବାଦିକ ବସନ୍ତ ସାଣ୍ଡିଲ ଓ ବାବା ତିଲକା ପାଠାଗାର ସଂପାଦକ ତଥା ପରିବେଶବିତ୍ ରାମଦାସ ମୁର୍ମୁ ପ୍ରମୁଖ ଉପସ୍ଥିତ ରହି ପର୍ଯ୍ୟଟକ ଓ ବଣଭୋଜୀ କରିବାକୁ ଆସିଥିବା ଦଳଙ୍କୁ ପ୍ଲାଷ୍ଟିକ ବର୍ଜନ କରିବା ଏବଂ ଆବର୍ଜନା କୁଣ୍ଡରେ ଆବର୍ଜନା ପକାଇବାକୁ ଅନୁରୋଧ କରିଥିଲେ । ସମସ୍ତେ ମିଳିମିଶି ସଚେତନ ହେବା ଏବଂ ଅନ୍ୟକୁ ସଚେତନ କରାଇଲେ ନିଶ୍ଚିତ ଭାବେ ପ୍ଲାଷ୍ଟିକର କୁପ୍ରଭାବ ରୁ ପରିବେଶ ସୁରକ୍ଷା କରିବା ବୋଲି ଅତିଥି ଗଣ କହିଥିଲେ ।

## ରାଇରଙ୍ଗପୁରେ ଶିଖ୍ ସଂପ୍ରଦାୟ ତରଫରୁ ବୀର ବାଲ୍ ଦିବସ ପାଳିତ

ରାଇରଙ୍ଗପୁର : ଶିଖ୍ ସଂପ୍ରଦାୟର ଶେଷ ଗୁରୁ ଗୁରୁ ଗୋବିନ୍ଦସିଂଙ୍କୁ ମୋଗଲ ସମ୍ରାଟ ଆଉରଙ୍ଗଜେବ ସମୟରେ ଧର୍ମାନ୍ତରୀକରଣ ପାଇଁ ବହୁ ପ୍ରଚେଷ୍ଟା କରିଥିଲେ ମଧ୍ୟ ସେ ହାର ମାନି ନ ଥିଲେ ।ମୋଗଲମାନେ ପ୍ରତିହିଂସା ପରାୟଣ ହୋଇ ୧୬୯୯ ମସିହା ଡିସେମ୍ବର ୨୬ ତାରିଖରେ ଗୁରୁ ଗୋବିନ୍ଦଙ୍କ ୪ ପୁତ୍ର ମଧ୍ୟରୁ ଦୁଇ ଶିଶୁପୁତ୍ର ଫତେ ସିଂ( ୪) ଏବଂ ଯୋରାବର ସିଂ( ୯)ଙ୍କୁ ଛଡ଼ାଇ ନେଇ ଜୀବନ୍ତ ସମାଧି କରିଥିଲେ । ହେଲେ ଗୁରୁ ଗୋବିନ୍ଦ ସିଂ ଧର୍ମାନ୍ତରୀକରଣ ନ ହୋଇ ନିଜ ଧର୍ମର ଗୁଣଗାନ କରିଥିଲେ । ଶିଖ୍ ସମାଜର ସହୀଦ ହୋଇଥିବା ଦୁଇ ଶିଶୁପୁତ୍ରଙ୍କ ସମ୍ମାନାର୍ଥେ ଭାରତର



ଯଶ୍ୱଷୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡିସେମ୍ବର ୨୬ କୁ ବୀର ବାଲ୍ ଦିବସ ରୂପେ ମାନ୍ୟତା ଦେଇଛନ୍ତି । ଏହି ଅବସରରେ ସରା ବିଶ୍ୱରେ ଶିଖ୍ ସଂପ୍ରଦାୟର ଲୋକମାନେ ଗୁରୁଦ୍ୱାରରେ , ସଭା ସମିତି ଆୟୋଜନ କରି ଉତ୍ସାହ ଓ ଉଦ୍ଦୀପନାର ସହ ବୀର ବାଲ୍ ଦିବସ ପାଳନ କରୁଛନ୍ତି । ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ସହରର ଇଚିଣ୍ଡା ଗ୍ରାମରେ ଥିବା ଗୁରୁଦ୍ୱାରରେ ବୀରବାଲ୍ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ପ୍ରଥମେ ଗୁରୁ ଦ୍ୱାରରେ ଶିଖ୍ ସମାଜ ତରଫରୁ ପୂଜାର୍ଚ୍ଚନା, ପ୍ରାର୍ଥନା କରା ଯାଇଥିଲା ପରେ ଏକ ସୁସଜ୍ଜିତ ରଥରେ ଗୁରୁ ଗୋବିନ୍ଦ ସିଂହଙ୍କ ଫଟୋ ରଖି ଶିଖ ସମାଜର ଆବାଳ ବୃଦ୍ଧ ବନିତା ଏକ ଶୋଭାଯାତ୍ରା ପରିକ୍ରମା କରିଥିଲେ । ତାଙ୍କ ସହିତ ହିନ୍ଦୁ ମାନେ ମଧ୍ୟ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝି, ରାଜ୍ୟ ବିଜେପି ସଂପାଦକ ନବୀନ ରାମ,ନଗର ବିଜେପି ସଭାପତି ସୁରଥ ପଟ୍ଟନାୟକ,ଆଡଭୋକେଟ ବରୁଣ ଦେ,ଆଲୋକ ରଂଜନ ମହାନ୍ତ, ବିଜେପି ବରିଷ୍ଠ ନେତା ବାପି ଦାସ, ତିଲୋତମା ରାମ, ବୀଣା ରାମ,ସମାଜସେବୀ ବିଜୟ ନାଏକ ପ୍ରମୁଖ ଯୋଗ ଦେଇଥିଲେ ।ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୀର ବାଲ୍ ଦିବସକୁ ମାନ୍ୟତା ଦେଇଥିବାରୁ ଶିଖ ସମାଜ ମଧ୍ୟରେ ଆନନ୍ଦର ଲହରୀ ଖେଳିବା ସହ କୃତଜ୍ଞତା ଜଣାଇଥିଲେ । କାର୍ଯ୍ୟକ୍ରମରେ ଯଶ୍ୱୀର କୌର,ସୋନି ନାଗୀ,ବବଲି କୌର,କୋମଲ କୌର, ଉର୍ମିଳା କୌର, ମାଲା କୌର, ଦୀପା କୌର, ଯଶବୀର ସିଂ, ମଂଟୁ ନାଗୀ ଏବଂ ଅନ୍ୟ ମାନେ ଯୋଗ ଦେଇ ପରିଚାଳନାରେ ସହଯୋଗ କରିଥିଲେ ।

## ବକ୍ସିଂ ଡେ ଟେଷ୍ଟ: ରୋହିତ ୫ ରନ୍ କରି ଆଉଟ୍

ନୂଆଦିଲ୍ଲୀ : ଆଜି ଠାରୁ ସେଂଚୁରିଅନରେ ଭାରିତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଆରମ୍ଭ ହୋଇଛି ୨ ଟିକିଆ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ । ବର୍ଷା ଯୋଗୁ ବିଳମ୍ବରେ ଆରମ୍ଭ ହୋଇଥିବା ଏହି ବକ୍ସିଂ ଡେ’ ଟେଷ୍ଟରେ ଭାରତ ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଛି । ତେବେ ଦଳକୁ ଆରମ୍ଭରୁ ହିଁ ଝଟକା ଲାଗିଛି । ଅଧିନାୟକ ରୋହିତ ଶର୍ମା ମାତ୍ର ୫ ରନ କରି ଆଉଟ ହୋଇଛନ୍ତି । କାଗିସୋ ରବାଡାଙ୍କ ଶଟ ବଲକୁ ପୁଲ ମାରିବାକୁ ଚେଷ୍ଟା କରି ସେ ଫାଇନ ଲେଗ ଅଂଚଳରେ ଆଉଟ



ହୋଇଛନ୍ତି । ତାଙ୍କ ସହ ଇନିଂସ ଆରମ୍ଭ କରିଥିବା ଯଶସ୍ୱୀ ଜୈସୱାଲଙ୍କୁ ସାଥ ଦେବାକୁ ଏବେ ଶୁବମନ ଗିଲ ଆସିଛନ୍ତି । ଉଭୟ ଏବେ ସତର୍କତାର ସହ ଭାରତର ଇନିଂସକୁ ସମ୍ଭାଳିବାକୁ ଚେଷ୍ଟା କରୁଛନ୍ତି । କାରଣ ସେଂଚୁରିଅନ ପିଚ୍ ଏବେ ପେସ୍ ବୋଲିଂକୁ ବେଶ ସୁହାଉଛି । ରିପୋର୍ଟ ଲେଖା ହେବା ବେଳକୁ ଭାରତ ଗୋଟିଏ ୱିକେଟ ହରାଇ ୧୭ ରନ କରିଛି । ଅନ୍ୟପକ୍ଷରେ ଆଜି ଭାରତ ପାଇଁ ଟେଷ୍ଟରେ ଡେବ୍ୟୁ କରିଛନ୍ତି ପ୍ରସିଦ୍ଧ କ୍ରିଷ୍ଣା । ତାଙ୍କ ସହ ପେସ ବୋଲିଂର କମାଣ ଯଶପ୍ରୀତ ବୁମ୍ରା ଓ ମହମ୍ମଦ ସିରାଜ ସମ୍ଭାଳିବେ । ଅଲରାଉଣ୍ଡରେ ଭାବେ ଶାର୍ଦ୍ଦୁଲ ଠାକୁର ଦଳରେ ରହିଛନ୍ତି ।

Printed, Published and Owned by Sri Jyoti Prakash Jena, Printed at Mahesh Printing Press, 30 Industrial Colony, Kharavela Nagar, Bhubaneswar-751001
& Published from Markendswar Sahi, P.S-Puri Town, Dist-Puri, (Odisha) Pin- 752001
Mob : 8018003328 / 9437653328 E-mail : E-mail : teerthkhetra@gmail.com
Editor : Jyoti Prakash Jena
ସମ୍ପାଦକ : ଜ୍ୟୋତି ପ୍ରକାଶ ଜେନା
ସହ ସମ୍ପାଦକ : ଶଶାଙ୍କ ଶେଖର ନାୟକ